


ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୮ ଜାନୁଆରୀ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 08 JANUARY 2021

Vol.No. 31 ■ No. 08 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଖୁବ୍ ଶୀଘ୍ର ପ୍ରକାଶ ପାଇବ ...
ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସଂପ୍ରସାରଣ କ୍ଷେତ୍ରରେ ୩୦ ହଜାର କୋଟି ଟଙ୍କା ନିବେଶ କରିବ ନାଲକୋ : ପ୍ରହ୍ଲାଦ ଯୋଶୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୦୭।୦୧ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ନାଲକୋ ଆଗାମୀ ୨୦୨୭-୨୮ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହାର ସଂପ୍ରସାରଣ ଓ ବିବିଧାୟନ ଯୋଜନାରେ ପ୍ରାୟ ୩୦ ହଜାର କୋଟି ଟଙ୍କା ନିବେଶ କରିବ ବୋଲି କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି । ଗୁରୁବାର ଭୁବନେଶ୍ୱରଠାରେ ନାଲକୋର ୪୧ତମ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଉଦବୋଧନ ଦେବା ଅବସରରେ ମନ୍ତ୍ରୀ ଶ୍ରୀ ଯୋଶୀ ଏହା କହିଛନ୍ତି । ପ୍ରସ୍ତାବିତ ପୁଞ୍ଜି ନିବେଶ ସଂକ୍ରାନ୍ତରେ ସେ କହିଛନ୍ତି ଯେ ଏହି ୩୦ ହଜାର କୋଟି ଟଙ୍କା ମଧ୍ୟରୁ ୭ ହଜାର କୋଟିରୁ ଅଧିକ ଟଙ୍କା ପଂଚମ



ଷ୍ଟ୍ରିମ ରିଫାଇନାରୀ, ପଟ୍ଟାଙ୍ଗୀ ବକ୍ସାଇଟ ଖଣିର ବିକାଶ, ସାଉଥ ବ୍ଲକ ଓ ଉତ୍କଳ ଡି ଏବଂ ଇ କୋଇଲା ଖଣିରୁ କୋଇଲା ଉତୋଳନ ତଥା ପରିବହନ କାର୍ଯ୍ୟ ଆଦି ପାଇଁ ଖର୍ଚ୍ଚ ହେବ । ଅବଶିଷ୍ଟ ୨୨ ହଜାର କୋଟି ଟଙ୍କା ସ୍ମେଲଟର ପ୍ଲାଂଟ, କ୍ୟାପଟିଭ ପାୱାର ପ୍ଲାଂଟର ସଂପ୍ରସାରଣ କ୍ଷେତ୍ରରେ ଖର୍ଚ୍ଚ କରାଯିବ । ଏହି ସଂପ୍ରସାରଣ କାର୍ଯ୍ୟରେ ଅନୁଗୁଳ ସ୍ମେଲଟର ପ୍ଲାଂଟ ଅନ୍ତର୍ଭୁକ୍ତ । ଏଥିରେ ୧୪୦୦ ମେଗାୱାଟ ଶକ୍ତି ସଂପନ୍ନ କ୍ୟାପଟିଭ ପାୱାର ପ୍ଲାଂଟ ନିର୍ମାଣ ସହିତ ଏହାର ଫିଡର ବ୍ୟବସ୍ଥା କରାଯିବ । ଓଡ଼ିଶା ଖଣିଜ ଉତୋଳନ ନିଗମ ବା ଓଏମଇସିଏଲ ଏବଂ ଖଣିଜ ଉତୋଳନ ନିଗମ ଲିମିଟେଡ ବା ଏମଇସିଏଲ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

▶▶ପୃଷ୍ଠା ୭

## କୁଳମଣି ବରାଳଙ୍କ ପରିବାର ଲୋକଙ୍କୁ ଭେଟିଲେ ବିଜେପି ପ୍ରଭାରୀ

### ଆଇନ ମନ୍ତ୍ରୀଙ୍କୁ କାହିଁକି ଗିରଫ କରାଯାଉ ନାହିଁ : ଡି ପୁରନ୍ଦେଶ୍ୱରୀ



ଭୁବନେଶ୍ୱର,୦୭।୦୧ (ନି.ପ୍ର): କଟକ ଜିଲ୍ଲାର ମାହାଙ୍ଗା ଠାରେ ବିଜେପି ନେତା କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କ ହତ୍ୟା ଘଟଣାରେ ସେମାନଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି ବିଜେପି ରାଜ୍ୟ ପ୍ରଭାରୀ ତଥା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡି ପୁରନ୍ଦେଶ୍ୱରୀ । ଏହା ପରେ ସେ ଏହି ମାମଲାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଗୁରୁବାର ଦିନ ଶ୍ରୀମତୀ ପୁରନ୍ଦେଶ୍ୱରୀ କଟକ ଜିଲ୍ଲାର ମାହାଙ୍ଗା ନୃର୍ତାଙ୍ଗ ଠାରେ ଯାଇ ସମ୍ପର୍କରେ କୁଳମଣି ବରାଳ ଓ ଦିବ୍ୟସିଂହ ବରାଳଙ୍କ ପରିବାର ଲୋକଙ୍କୁ ଭେଟି ପଚାରି ବୁଝିଛନ୍ତି । ଏହା ପରେ ସେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ କହିଛନ୍ତି ଯେ ଦୁର୍ନୀତି ମାମଲାରେ ମୁହଁ ଖୋଲିବାରୁ ହତ୍ୟା କରାଯାଇଛି ।

▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା କରିବାକୁ ଷଡଯନ୍ତ୍ର ନେଇ ମିଳିଲା ବେନାମୀ ଚିଠି

ଭୁବନେଶ୍ୱର,୦୭।୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହତ୍ୟା କରିବାକୁ ଷଡଯନ୍ତ୍ର ନେଇ ଏକ ବେନାମୀ ଚିଠି ନବୀନ ନିବାସକୁ ଆସିଛି । ଏହି ଚିଠି ମିଳିବା ପରେ ହଇଚଇ ସୃଷ୍ଟି ହେବା ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା ପୋଲିସ କମିଶନରଙ୍କୁ ପତ୍ର ଲେଖିଥିବା ଜଣା ପଡିଛି । ଏହି ପତ୍ରରେ ସନ୍ତୋଷ ବାଲା ଲେଖିଛନ୍ତି ଯେ ଏହି ବେନାମୀ ଚିଠି ମିଳିବା ପରିପ୍ରେକ୍ଷୀରେ ଏହାର ତତକ୍ଷାଣାତ ତଦନ୍ତ କରିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆକଳନ କରିବା ସହ ତାଙ୍କର ସରକାରୀ ଆବାସ, ସଚିବାଳୟ ଓ ଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡା କଡି କରିବାକୁ ଏହି ପତ୍ରରେ କୁହା ଯାଇଛି ।

## ମାହାଙ୍ଗା ଘଟଣାରେ ଅପରାଧି ଗିରଫ ନେଇ ବିଜେପି ନେତ୍ରୀ ଅବଗତ ନାହାନ୍ତି: ବିଜେଡି

ଭୁବନେଶ୍ୱର,୦୭।୦୧ (ନି.ପ୍ର): ବିଜେପିର ଓଡିଶା ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ ବୋଧହୁଏ ଜାଣିନାହାନ୍ତି ଯେ, ମାହାଙ୍ଗା ହତ୍ୟାକାଣ୍ଡ ଘଟଣାର ଅଭିଯୁକ୍ତ ମାନଙ୍କୁ ଅପରାଧ ଘଟିବାର ୪୮ଘଂଟା ମଧ୍ୟରେ ଗିରଫ କରାଯାଇ ସାରିଛି । ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ରହିଛି ଯିଏ କି ନିଜେ ଅସ୍ତ୍ର ଦ୍ୱାରା ଆଘାତ କରିଛି । ବିଜେପିର ଓଡିଶା ପ୍ରଭାରୀଙ୍କୁ ଜବାବ ଦେଇ ଏହା କହିଛନ୍ତି ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର । ଡକ୍ଟର ପାତ୍ର କହିଛନ୍ତି ଯେ, ବିଜେଡି ସରକାର ହିଂସାକାଣ୍ଡ କ୍ଷେତ୍ରରେ ଜିରୋ ଟଲେରାନ୍ସ ନୀତି ଗ୍ରହଣ କରିବା ସହିତ ଅପରାଧିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ । ଯାହାକୁ ଓଡିଶାବାସୀ ପସନ୍ଦ କରିବା ସହିତ ପଂଚମଥର ପାଇଁ ବିଜେଡି ହାତରେ ରାଜ୍ୟ ଶାସନର ଡୋରି ଧରାଇଛନ୍ତି । ହେଲେ ବିଜେପିର ଓଡିଶା ପ୍ରଭାରୀ ଏ ସଂକ୍ରାନ୍ତରେ ଅବଗତ ନାହାନ୍ତି । ମାହାଙ୍ଗା ହତ୍ୟାକାଣ୍ଡ ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ସହିତ ପୀଡିତ ପରିବାରକୁ ନିଶ୍ଚିତ ନ୍ୟାୟ ପ୍ରଦାନ କରାଯିବ । ବିଜେଡି ସରକାର ଏଥିପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଡକ୍ଟର ପାତ୍ର କହିଛନ୍ତି ।

## ରାଜ୍ୟରେ ଆଉ ଜଣଙ୍କର କରୋନାରେ ମୃତ୍ୟୁ, ମୃତ୍ୟୁ ସଂଖ୍ୟା ୧୮୮୮ ହେଲା

ଭୁବନେଶ୍ୱର,୦୭।୦୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୮୮୮ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଆଜି ମୃତ୍ୟୁବରଣ କରିଥିବା କରୋନା ଆକ୍ରାନ୍ତ ଖୋର୍ଦ୍ଧା ଜିଲ୍ଲାର ବୋଲି ଜଣା ପଡିଛି । ଖୋର୍ଦ୍ଧା ଜିଲ୍ଲାର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ବିଭିନ୍ନ ରୋଗରେ ପୀଡିତ ଥିଲେ ।

## ସାଇବର ଅପରାଧ ପାଇଁ କମିଶନରେଟ୍ ପୋଲିସ୍ ଜାରି କଲା ହେଲ୍ପଲାଇନ୍ ନମ୍ବର

ଭୁବନେଶ୍ୱର,୦୭।୦୧ (ନି.ପ୍ର): ସାଇବର କ୍ରାଇମ ରୋକିବାକୁ କମିଶନରେଟ ପୋଲିସ ପକ୍ଷରୁ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି । ସନ୍ଦେହଜନକ ଫୋନ କଲ କିମ୍ବା ମେସେଜ ଆସିଲେ ୭୪୪୦୦୦୬୭୦୯ ନମ୍ବରକୁ କଲ୍ କରିବାକୁ ପୋଲିସ୍ କମିଶନର ସୁଧାଂଶୁ ଷଡଙ୍ଗୀ କହିଛନ୍ତି । ସେହିପରି ସାଇବର ଅପରାଧ ସମ୍ବନ୍ଧିତ ଅଭିଯୋଗ ଥାନାରେ ପହଂଚିବା ପରେ, ଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ପୋଲିସ୍ କମିଶନର । କମିଶନରଙ୍କ ସୂଚନା ଅନୁଯାୟୀ ଏସିପି ସ୍ପେଶିଆଲ ସ୍କ୍ୱାର୍ଡ ଅଧୀନରେ ଏହି ହେଲ୍ପ ଡେସ୍କ କାମ କରିବ । ଜଣେ



ସବଇନ୍ସପେକ୍ଟର ଓ ୭ ଜଣ କନେଷ୍ଟବଳ ଏଥିରେ କାମ କରିବେ । ସନ୍ଦେହ ଜନକ ନମ୍ବରରୁ କଲ୍ ଆସୁଥିଲେ, ସେଇ ସିମ୍ କାର୍ଡ କୁ ଅକାମି କରିବା ପାଇଁ ଆମର ପଦକ୍ଷେପ ନେବୁ । ଏଭଳି କଲ୍ ଆସିଲେ ଚୁପ ହୋଇ ନବସିବାକୁ ସେ ପରାମର୍ଶ ଦେଇଛନ୍ତି ।

▶▶ପୃଷ୍ଠା ୭

## ସରକାର ନିଷ୍ପତ୍ତି ବଦଳାନ୍ତୁ : ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ପରିଷଦ

ଭୁବନେଶ୍ୱର,୦୭।୦୧ (ନି.ପ୍ର): ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ମନ୍ଦିର ଖୋଲିବା ପାଇଁ ଅନୁମତି ଦେଉଛନ୍ତି । ପୁରୀ ଶ୍ରୀମନ୍ଦିର, ତାପରେ ଲିଙ୍ଗରାଜ ଓ ଧୀରେ ଧୀରେ ଅନ୍ୟ ମନ୍ଦିର ଖୋଲିଲାଣି ବା ଖୋଲିବାକୁ ଯାଉଛି । ହେଲେ ମନ୍ଦିରକୁ ଯିବାକୁ ହେଲେ ଭକ୍ତମାନଙ୍କ ପାଇଁ ଆବଶ୍ୟକ ହେଉଛି କରୋନା ନେଗେଟିଭ ରିପୋର୍ଟ । ଏହା ଭକ୍ତ ପାଇଁ ବାଧ୍ୟତା ମୂଳକ କରାଯାଇଛି । ନହେଲେ ମନ୍ଦିର ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ । ଯାହାକୁ ନେଇ ଅନେକ ଭକ୍ତ ନିରାଶ ହେଉଛନ୍ତି କାରଣ

▶▶ପୃଷ୍ଠା ୭

## ଆଜିଠାରୁ କରୋନା ଟିକାର ଡ୍ରାଏ ରନ୍

ଭୁବନେଶ୍ୱର,୦୭।୦୧ (ନି.ପ୍ର): ଆଜିଠାରୁ ରାଜ୍ୟର ସମସ୍ତ ଜିଲ୍ଲାରେ କରୋନା ଟିକାର ଡ୍ରାଏ ରନ୍ କରାଯିବ । ଟିକାକରଣ ନେଇ ବୁଧବାର ଦିନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ.ହର୍ଷବର୍ଦ୍ଧନ ଏବଂ ରାଜ୍ୟଗୁଡ଼ିକର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଏହି ବୈଠକରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ । ଏନେଇ ସମସ୍ତ ଜିଲ୍ଲାପାଳ, ପୌର କର୍ତୃପକ୍ଷ ଓ ସିଡିଏମଓଙ୍କୁ ଚିଠି ଲେଖିଛନ୍ତି ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର । ସେ କହିଛନ୍ତି ଯେ ଆସନ୍ତାକାଲି ସକାଳ ୧୦ରୁ ୧୨ଟା ପର୍ଯ୍ୟନ୍ତ ରାଜ୍ୟର ସବୁ ଜିଲ୍ଲା ଓ ମ୍ୟୁନିସିପାଲିଟି ଅଂଚଳରେ କରୋନା ଟିକାର




ଡ୍ରାଏରନ୍ ହେବ । ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲାର ବଡ଼ ଘରୋଇ ମେଡିକାଲ ଓ ମେଡିକାଲ କଲେଜରେ ହେବ ଡ୍ରାଏରନ । ସେହିପରି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି, ଯେଉଁ ସ୍ଥାନରେ ଟିକାକରଣ ହେବ ଯଦି ସେହି ସମୟରେ କିଛି ବ୍ୟକ୍ତିଙ୍କ ଭିତରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ ତେବେ କ'ଣ କରିବାକୁ ହେବ ସେ ବିଷୟରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ସେଥିପାଇଁ ଟିକାକରଣ କେନ୍ଦ୍ରରେ ସ୍ୱତନ୍ତ୍ର ଭାବେ ଏଇଏଫଆଇ କିଟ ରଖାଯିବ । ଇଞ୍ଜେକ୍ସନ ଓ ଔଷଧ କିଟ୍ ଗଚ୍ଛିତ ହେବା ସ୍ଥାନରେ

▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର କୋଇଲା ମନ୍ତ୍ରୀ

ଭୁବନେଶ୍ୱର,୦୭।୦୧ (ନି.ପ୍ର): ନାଲକୋର ୪୧ତମ ପ୍ରତିଷ୍ଠା ଦିବସରେ ଯୋଗଦେବାକୁ ଓଡ଼ିଶା ଆସିଥିବା କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ଏହି ସାକ୍ଷାତ ସମୟରେ ଉଭୟ ରାଜ୍ୟର ଖଣି ନିଲାମକୁ ନେଇ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ମିଳିଥିବା ସୂଚନା ଅନୁସାରେ, ଓଡ଼ିଶା ଖଣି ନିଗମ ପାଇଁ ୩ଟି ଲୁହାପଥର ଖଣିକୁ ସଂରକ୍ଷିତ ରଖିବା ନିମନ୍ତେ କେନ୍ଦ୍ର ସରକାର ଅନୁମତି ଦେଇଥିବା ନେଇ ଶ୍ରୀ ଯୋଶୀ ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରିଥିଲେ । ଏହି ୩ଟି ଖଣି ମଧ୍ୟରୁ ୨ଟି ଖଣି ଓଡ଼ିଶା ଖଣି ନିଗମ(ଓଏମସି) ଓ ଅନ୍ୟଟି ଓଏମଇସି ପାଇଁ ସଂରକ୍ଷିତ ରହିବ । ପୂର୍ବରୁ ରାଜ୍ୟର ୩ଟି ଖଣିକୁ ଓଏମସି ପାଇଁ ସଂରକ୍ଷିତ ରଖିବାକୁ ଓଡ଼ିଶା ଦାବି କରିଥିଲା । ଏହାବ୍ୟତୀତ ରାଜ୍ୟରେ କୋଇଲା ଖଣି ଓ ଅନ୍ୟାନ୍ୟ ଖଣିର ନିଲାମ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯୋଶୀ ପରାମର୍ଶ ଦେଇଛନ୍ତି । ଏହି ସାକ୍ଷାତ ସମୟରେ କେନ୍ଦ୍ରମନ୍ତ୍ରୀଙ୍କ ପାଖରେ ଓଡ଼ିଶା ଅନ୍ୟ କେତେକ ଦାବି ରଖିଥିବା ଜଣାପଡ଼ିଛି ।

## ଆଜିଠୁ ଖୋଲିବ ସ୍କୁଲ

ଭୁବନେଶ୍ୱର,୦୭।୦୧ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର)ଠାରୁ ରାଜ୍ୟରେ ସ୍କୁଲ ଖୋଲିବ । କୋଭିଡ୍ କଟକଣା ମାନି କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିବା ନେଇ ନିଷ୍ପତି ନେଇଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ୧୦୦ ଦିନ ପାଇଁ ପାଠପଢା ହେବା ପରେ ପରୀକ୍ଷା କରାଯିବ । ସ୍କୁଲ ଖୋଲିବା ପୂର୍ବରୁ ଏହାର ପରିସରକୁ ସାନିଟାଇଜ୍ କରାଯାଇଛି । ଅପରପକ୍ଷରେ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଗୁରୁବାର ଦିନ ବିଭିନ୍ନ ସ୍କୁଲ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପ୍ରସ୍ତୁତି ଓ ସର୍ବବାରତୀୟ



ସ୍ତରରେ ହେଉଥିବା ପ୍ରତିଯୋଗୀତା ପାଇଁ ପିଲାଙ୍କୁ ପ୍ରସ୍ତୁତି କରିବା ପାଇଁ ସ୍କୁଲ ଖୋଲାଯିବ ।ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ମେ ୩ ତାରିଖରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମେ ୧୫ରୁ ଜୁନ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସେହିପରି ଗାଇଡଲାଇନ୍ ମାନି ଦଶମ, ଦ୍ୱାଦଶ ପିଲାଙ୍କ ପାଇଁ ହଷ୍ଟେଲ ଖୋଲିବ ।

▶▶ପୃଷ୍ଠା ୭

## ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

### ପ୍ୟାରେଡ୍‌ରେ ଯୋଗ ଦେବେ ୧୮ଟି ଦଳ

ଭୁବନେଶ୍ୱର,୦୭।୦୧ (ନି.ପ୍ର): କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଚଳିତ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ । ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେବେ । ଚଳିତ ସାଧାରଣତନ୍ତ୍ର ଦିବସରେ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ମୋଟ ୧୮ଟି ସଶସ୍ତ୍ର ବାହିନୀ ପରେଡ୍‌ରେ ଅଂଶଗ୍ରହଣ କରିବେ । ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ୨୦୨୧ ଉପଲକ୍ଷେ ପ୍ରସ୍ତୁତି ବୈଠକ ଗୁରୁବାର ଦିନ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ଶ୍ରୀ ସଞ୍ଜିବ ଚୋପ୍ରାଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ଚଳିତ ବର୍ଷ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ସୀମିତ ସଂଖ୍ୟକ ଅତିଥି, କୋଭିଡ୍ ଯୋଦ୍ଧା, ଆଗଧାଡ଼ିର କୋଭିଡ୍ କାର୍ଯ୍ୟକର୍ତାଙ୍କୁ ଉତ୍ସବରେ ଯୋଗଦେବାକୁ ଆମନ୍ତ୍ରଣ କରାଯିବ । ଜନସାଧାରଣ ଏହି ରାଜ୍ୟସ୍ତରୀୟ ଉତ୍ସବର ସିଧାପ୍ରସାରଣ ଟେଲିଭିଜନ୍ ମାଧ୍ୟମରେ ଦେଖିପାରିବେ । କୋଭିଡ୍ କଟକଣା ଦୃଷ୍ଟିରୁ ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ଲୋକନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଜ୍ଞାପନ ମେଢ଼ ଆଦିକୁ ସ୍ଥଗିତ ରଖିବା ନିମନ୍ତେ ବୈଠକରେ ନିଷ୍ପତି ହୋଇଛି ।

▶▶ପୃଷ୍ଠା ୭

## ପକ୍ଷୀ ମଡ଼କ ଦେଖିଲେ ଜଣାଇବାକୁ ସରକାରଙ୍କ ନିବେଦନ

ଭୁବନେଶ୍ୱର,୦୭।୦୧ (ନି.ପ୍ର): ସରକାର୍ ବାର୍ଡ଼ ଫ୍ଲୁ ସ୍ଥିତି ଉପରେ ତୀକ୍ଷଣ ନଜର ରଖିଛନ୍ତି ଏବଂ ଯେକୌଣସି ପରିସ୍ଥିତିର ସମାଧାନ ପାଇଁ ତତ୍ପର ଅଛନ୍ତି । ଜନସାଧାରଣ ଭୟଭୀତ ନ ହୋଇ କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଇବାକୁ ଅନୁରୋଧ କରାଯାଉଛି । ନିଜ ଅଂଚଳର ପକ୍ଷୀ ମଡ଼କ ବିଷୟରେ ନିକଟସ୍ଥ ପ୍ରାଣୀ ଚିକିତ୍ସକ/ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କିମ୍ବା ରାଜ୍ୟସ୍ତରୀୟ ନିୟନ୍ତ୍ରଣ କକ୍ଷକୁ ସୂଚନା ପ୍ରଦାନ କରିବା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି । ସନ୍ଦିଗ୍ଧ ବାର୍ଡ଼ ଫ୍ଲୁ ରୋଗ ସଂକ୍ରମଣର ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଏବଂ ବନଖଣ୍ଡ ଅଧିକାରୀ ମାନଙ୍କୁ ଅଗ୍ରାଧିକାର ଭିତିରେ ରୋଗ ନିୟନ୍ତ୍ରଣ ଓ ନିରୀକ୍ଷଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ସକାଶେ ସତର୍କ କରାଇଦିଆଯାଇଛି । ବହିରାଗତ ପକ୍ଷୀମାନେ ଏହି ରୋଗର ବାହକ ଏବଂ ସେମାନଙ୍କ ମଳ, ଖାଦ୍ୟ ଓ ପିଇବା ପାଣି ଦ୍ୱାରା ଏହା ବ୍ୟାପିଥାଏ । ଓଡ଼ିଶାର



ଚିଲିକା, ଅଂଶୁପା ହ୍ରଦ, ଭିତରକନିକା ବନ୍ୟଜନ୍ତୁ ଅଭୟାରଣ୍ୟ ଓ ହୀରାକୁଦ ଡ୍ୟାମକୁ ବହିରାଗତ ପକ୍ଷୀମାନେ ବହୁ ସଂଖ୍ୟାରେ ଆସିଥାନ୍ତି । ଏହାକୁ ଆଖି ଆଗରେ ରଖି ଏହି ସ୍ଥାନ ମାନଙ୍କରେ ପକ୍ଷୀମାନଙ୍କ ବ୍ୟବହାର ଓ କୌଣସି ଅସ୍ୱାଭାବିକ ମୃତ୍ୟୁ ଉପରେ ରାଜ୍ୟ ସରକାର ନଜର ରଖିଛନ୍ତି । ରାଜ୍ୟର ପ୍ରତି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀମାନଙ୍କୁ ବାର୍ଡ଼ ଫ୍ଲୁ ସମ୍ବନ୍ଧୀୟ ପ୍ରସ୍ତୁତି, ନିୟନ୍ତ୍ରଣ ଓ ନିରୋଧ କାର୍ଯ୍ୟାନ୍ୱୟନ ଯୋଜନା ସହ ମାନକ କାର୍ଯ୍ୟ ସମ୍ପାଦନ ପ୍ରକ୍ରିୟା ବିଷୟରେ ଅବଗତ କରାଯାଇ ଏହାର କାର୍ଯ୍ୟାନ୍ୱୟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରାଜ୍ରର ବିଭିନ୍ନ ଅଂଚଳରୁ

▶▶ପୃଷ୍ଠା ୭

## ସରକାରୀ ହାଇସ୍କୁଲ ଛାତ୍ରଛାତ୍ରୀଙ୍କୁ ସଂରକ୍ଷଣ : କମିଟି ଗଢ଼ିଲେ ସରକାର


ଭୁବନେଶ୍ୱର,୦୭।୦୧ (ନି.ପ୍ର): ସରକାରୀ ହାଇସ୍କୁଲରେ ପଢୁଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଇଂଜିନିୟରିଂ ଓ ମେଡିକାଲ କଲେଜରେ ସ୍ଥାନ ସଂରକ୍ଷଣ ସମ୍ପର୍କରେ ସୁପାରିଶ କରିବାକୁ ଗୁରୁବାର ଦିନ ରାଜ୍ୟ ସରକାର ଏକ ହାଇ ପାୱାର କମିଟି ଗଠନ କରିଛନ୍ତି । ମିଳିଥିବା ସୂଚନା ଅନୁସାରେ ଏହି କମିଟିର ନେତୃତ୍ୱ ଓଡିଶା ହାଇକୋର୍ଟର ପୂର୍ବତନ ଜଜ୍ ଏକେ ମିଶ୍ର କରିବେ । ଏହା ସହିତ କମିଟିରେ ଡିଏମଇଟି ଡ. ସିବିକେ ମହାନ୍ତି , ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ବିଏସ ପୁନିଆ ତଥା ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗର ନିର୍ଦ୍ଦେଶକ ଜି ରେଘୁ ସଦସ୍ୟ ଭାବେ କାମ କରିବେ । ସେହିପରି ଏସଡି ଏବଂ ଟିଇ ବିଭାଗର ଯୁଗ୍ମ ସଚିବ ଏ.କେ ନାୟକ ଆବାହକ ସଦସ୍ୟ ଭାବେ କାମ କରିବେ ।

# ଅନ୍‌ଲାଇନ୍‌ରେ ହେବ ବୈଷୟିକ ଓ ବୃତ୍ତିଗତ ଅନୁଷ୍ଠାନ ଗୁଡ଼ିକର ସହବନ୍ଧନ କାର୍ଯ୍ୟ

ଭୁବନେଶ୍ୱର,୭।୧ (ନି.ପ୍ର): ରାଜ୍ୟରେ ଥିବା ବୈଷୟିକ ଓ ବୃତିଗତ ଶିକ୍ଷାନୁଷ୍ଠାନଗୁଡ଼ିକର ସହବନ୍ଧନ କାର୍ଯ୍ୟକୁ ସହଜ ଓ ସରଳ କରିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅନ୍‌ଲାଇନ୍‌ରେ ଏସବୁ କାର୍ଯ୍ୟ କରିବା ପାଇଁ ସରକାର ନୀତିଗତ ଭାବେ ନିଷ୍ପତି ଗ୍ରହଣ କରିଥିବାବେଳେ, ଏ ସଂକ୍ରାନ୍ତରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ, ରାଜ୍ୟ ବୈଷୟିକ ଶିକ୍ଷା ଓ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦ (ଏସ୍‌ସିଟିଇ ଆଣ୍ଡ ଭିଟି)ର ଭାଇସ୍ ଚେୟାରମ୍ୟାନ୍‌ଙ୍କୁ ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ ଆଗରୁ ଅବଗତ କରାଯାଇଥିଲା ଓ ଏ ଦିଗରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଉପରୋକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ ବିପିୟୁଟି ଅଧୀନରେ ୯୩ଟି ଇଂଜିନିୟରିଂ କଲେଜ୍, ୭୬ଟି ଏମ୍‌ବିଏ ଓ ଏମ୍‌ସିଏ ଶିକ୍ଷାନୁଷ୍ଠାନ ଓ ୧୭ଟି ଫାର୍ମାସି ଶିକ୍ଷା ଅନୁଷ୍ଠାନ ଥିବାବେଳେ ଏସ୍‌ସିଟିଇ ଆଣ୍ଡ ଭିଟି ଅଧୀନରେ ୧୬୩ଟି ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନ ରହିଛି । ପରବର୍ତୀ ସମୟରେ ଦେଖାଗଲା ଯେ ଏହାକୁ ସଠିକ୍ ଭାବେ ଅନୁପାଳନ କରାଯାଉ ନାହିଁ । ଅନୁଷ୍ଠାନଗୁଡ଼ିକୁ ସହବନ୍ଧନ ପ୍ରଦାନ କାର୍ଯ୍ୟରେ ହେଉଥିବା ଆବେଦନ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ସ୍ୱଳ୍ପ ଅବଧି ଓ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗ ପକ୍ଷରୁ ପୁଣିଥରେ ନିର୍ଦ୍ଦେଶ ଦିଆଯାଇଛି। ଏ ସମସ୍ତ ତଥ୍ୟଗୁଡ଼ିକ ଓଡ଼ିଶା ୱାନ୍ ପୋର୍ଟାଲ୍ ଓ ନିଜସ୍ୱ ୱେବ୍‌ସାଇଟ୍‌ରେ ଦର୍ଶାଇବାକୁ ମଧ୍ୟ କୁହାଯାଇଛି। ଏପରିକି ଏ ସଂକ୍ରାନ୍ତରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ୧୫ ଦିନ ମଧ୍ୟରେ ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ଜଣାଇବାକୁ ବିଭାଗୀୟ ସଚିବ ଶ୍ରୀ ସଂଜୟ କୁମାର ସିଂ ନିର୍ଦ୍ଦେଶ ଦେଇଛନ୍ତି।

# କଟକଣାର ୯ ମାସ ପରେ ଖୋଲିଲା ନୀଳଗିରି ଜଗନ୍ନାଥ ମନ୍ଦିର ଓ ପଂଚଲିଙ୍ଗେଶ୍ୱର

ନୀଳଗିରି ,୭।୧ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ଓ ବାବା ପଂଚଲିଙ୍ଗେଶ୍ୱର ଶୈବପୀଠ ଦୀର୍ଘ ୯ ମାସ ପରେ ଦର୍ଶନାର୍ଥି ତଥା ପୂଜକ ମାନଙ୍କ ପାଇଁ ଖୋଲିବା ପରେ ସମଗ୍ର ଉତର ଓଡିଶା ତଥା ଓଡିଶାର ବିଭିନ୍ନ ଅଂଚଳର ଭକ୍ତ ମାନଙ୍କ ପାଇଁ ଖୁସିର ଲହରୀ ଖେଳିଯାଇଛି। ପୂର୍ବାହ୍ନ ୯ ଘଟିକା ପରେ ଅନୁଷ୍ଠାନିକ ଭାବେ ମନ୍ଦିର ଖୋଲିବା ପରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭକ୍ତ ମାନେ ପ୍ରଭୁ ଜଗନ୍ନାଥ ଏବଂ ପଂଚିଲିଙ୍ଗେଶ୍ୱର ମନ୍ଦିରରେ ଭକ୍ତଙ୍କର ଭିଡ ଦେଖିବାକୁ ମିଳିଥିଲା। କୋଭିଡ୍ ନିୟମକୁ ମାନି ଭକ୍ତ ମାନେ ଶୃଙ୍ଖଳାର ସହିତ ଦର୍ଶନ କରିଥିବା ବେଳେ ଶୈବପୀଠର ଟ୍ରଷ୍ଟର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଭକ୍ତ ମାନଙ୍କୁ ସମଦୂରତା,ସ୍କାନିଂ ଏବଂ ସାନିଟାଇଜର କରାଯାଇ ଦର୍ଶନ କରିବାକୁ ପୀଠ ଉପରକୁ ଛଡାଯାଇଥିବା ଜଣାପଡିଛି। ୯ ମାସ ପରେ ତିନି ଠାକୁରଙ୍କ ଦର୍ଶନ ପାଇଲାପରେ ବହୁ ଜଗନ୍ନାଥ ଭକ୍ତ ଅତି ଆନନ୍ଦରେ ବିଭୋର ହୋଇ ଆଖି ଛଳଛଳ କରିଥିବାର ଦେଖିବାକୁ ମିଳିଛି । ଶୈବ ପୀଠର ଉଭୟ ପାର୍ଶ୍ୱରେ ବ୍ୟବସାୟୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ସରକାରଙ୍କ ନିଷ୍ପତିକୁ ସମ୍ମାନ ଜଣାଇ କୋଭିଡ ନିୟମ ଅନୁସାରେ ବ୍ୟବସାୟ କରୁଥିବା ବ୍ୟବସାୟୀ ଏବଂ ଜନସାଧାରଣ ପ୍ରଭୁଙ୍କ ଦର୍ଶନ କରି ଆତ୍ମତୃପ୍ତି ପାଇଥିବା କହିଛନ୍ତି।



## ୧୩୯ କେଜି ୮ ଶହ ଗ୍ରାମ୍ ଗଞ୍ଜେଇ ଜବତ : ୩ ଗିରଫ

ଜୟପୁର,୭।୧ (ନି.ପ୍ର): ଗଞ୍ଜେଇ ବିକ୍ରୟ ପାଇଁ ଯୋଜନା ଚାଲିଥିବା ବେଳେ ଜୟପୁର ସଦର ପୋଲିସ ଚଢ଼ଉ କରି ଏହାକୁ ପଣ୍ଡ କରିଛି । ଏହି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଜାତୀୟ ରାଜପଥ ନଂ ୨୬ ର ଜୟପୁର ଘାଟି ସ୍ଥିତ ଶିବ ମନ୍ଦିର ନିକଟରେ ମାରୁତି କାର୍ ନଂ ଓଆର-୧୦-ବି-୮୯୮୧ ଓ ସ୍କର୍ପିଓ ଗାଡି ନଂ ଓଆର-୦୨-ବିଏଲ-୬୨୨୧ ପାର୍କିଂ କରିଥିଲା। ଜୟପୁର ସଦର ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ଉ କରିଥିଲା । ଚଢ଼ଉ ବେଳେ ୧୩୯ କେଜି ୮ ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲା । ଯାହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ । ଏହି ଗଞ୍ଜେଇ ଅନ୍ୟ ଗ୍ରାହକକୁ ବିକ୍ରୟ କରିବା ପାଇଁ ଯୋଜନା କରୁଥିବା ବେଳେ ପୋଲିସ ସେମାନଙ୍କର ଉଦ୍ୟମକୁ ପଣ୍ଡ କରିଥିଲା। ମାମଲାରେ ୩ ଜଣଙ୍କୁ ଗିରଫ କରିଛି ପୋଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ କୋରାପୁଟର ବିରେନ୍ଦ୍ର ଖୋସଲା (୩୮), ଭୀମ ଖୋସଲା (୩୮) ଓ ସରୋଜ କୁମାର ବେହେରା (୩୩) । ୨ଟି ଗାଡି ସହ ୨ଟି ମୋବାଇଲ ମଧ୍ୟ ଜବତ କରିଛି । ଗିରଫ ଅଭିଯୁକ୍ତଙ୍କ ନାମରେ ୩/୨୧ ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଆଦିତ୍ୟ ମହାକୁଡ ପ୍ରକାଶ କରିଛନ୍ତି ।

## ଚୋର ସନ୍ଦେହରେ ଯୁବକଙ୍କୁ ପିଟି ପିଟି ହତ୍ୟା ଅଭିଯୋଗ

ଗଞ୍ଜାମ,୭।୧ (ନି.ପ୍ର): ଚୋର ସନ୍ଦେହରେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକଙ୍କ ନାମ ଗଙ୍ଗା ତାଣ୍ଡି । ତାଙ୍କ ଘର ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଅନ୍ତର୍ଗତ ରାଣୀପଡ଼ା ଗ୍ରାମରେ । ଗଙ୍ଗାଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦାୟର୍ ହୋଇଛି । ପୋଲସରା ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରୀ ରଖିଛି ।

# ଅରୁଣ ବୋଥ୍ରାଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ ହେଉ : ବିରୋଧୀ ଦଳର ନେତା

## ପରୀ ହତ୍ୟା ମାମଲାର ସିବିଆଇ ଯାଂଚ ଜରୁରୀ

ଭୁବନେଶ୍ୱର,୭।୧ (ନି.ପ୍ର):ପରି ହତ୍ୟା ମାମଲାରେ ପୋକ୍ସ କୋର୍ଟଙ୍କ ସରୋଜ ସେଠିଙ୍କୁ ନାବାଳକ ବୋଲି ଘୋଷଣା କରିବା ଏସଆଇଟି ଉପରେ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାଏକ । ସେ କହିଛନ୍ତି ଯେ ଏହି ମାମଲାର ସିବିଆଇ ଜାଂଚ କରା ଯିବା ଆବଶ୍ୟକ ।

ଶ୍ରୀ ନାଏକ ଟ୍ୱିଟ କରି କହିଛନ୍ତି ଯେ ପରି ହତ୍ୟା ମାମଲାରେ ପୋକ୍ସ କୋର୍ଟଙ୍କ ସରୋଜ ସେଠିଙ୍କୁ ନାବାଳକ ବୋଲି ଘୋଷଣା କରିବା ପରେ ଏବେ ଏହି ଘଟଣାର ତଦନ୍ତ କରୁଥିବା ଏସଆଇଟିର ଅସଲ ଉଦ୍ଦେଶ୍ୟ ଓ ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠୁଛି । କାହିଁକି ଏସଆଇଟି ଜଣେ ନାବାଳକ ପିଲାକୁ ଜୋର ଜବରଦସ୍ତି ସାବାଳକ ଦେଖାଇବା ପାଇଁ ପ୍ରୟାସ କରୁଥିଲେ ଏହା ଏକ ବଡ ପ୍ରଶ୍ନ ।

ସେ କହିଛନ୍ତି ଯେ - ମାଟ୍ରିକ ପାସର ପ୍ରମାଣପତ୍ରରେ ଜନ୍ମ ତାରିଖ ଥିବା ସତ୍ୱେ କେଉଁ ଅଦଭୁତ କାରଣ ପାଇଁ ପୋଲିସ ତାଙ୍କୁ ସାବାଳକ ଦେଖାଉଥିଲେ । ସାରା ଭାରତରେ ଏପରି ହେବା ବୋଧେ ବିରଳ । ଏହା ବେଆଇନ ଓ ଅରୁଣ ବୋଥ୍ରାଙ୍କ ବିରୁଦ୍ଧରେ ଫୌଜଦାରି ମାମଲା ରୁଜୁ ହେବା ଦରକାର ।

ସେ କହିଛନ୍ତି ଯେ - ହାଡ ଓସିଫିକେସନ ପରୀକ୍ଷା କରିବା ପାଇଁ ବୋଥ୍ରା ବାବୁଙ୍କୁ କିଏ ଅନୁମତି ଦେଇଥିଲା ?ମନ୍ତ୍ରୀ ଅରୁଣ ସାହୁ ଓ ବିଜେଡି ଦଳ କୁ ରକ୍ଷା କରିବା ପାଇଁ ସରକାର ବିନା ଠୋସ ପ୍ରମାଣରେ ଜଣେ ଦଳିତ ନାବାଳକ ପିଲା କୁ ଫସାଇ ଦେଇଥିବା ଭଳି ଅନୁଭବ ହେଉଛି । କାରଣ ଏବେବି ଅଦାଲତ ଗ୍ରହଣ କରିପାରିବା ଭଳି ଗୋଟିଏ ବି ପ୍ରମାଣ ଏସଆଇଟି ପାଖରେ ନାହିଁ । ଅଙ୍ଗ ତସ୍କରିକୁ ଲୁଚାଇବା ପାଇଁ ମନଗଢ଼ା କାହାଣୀ କହୁଛି ଏସଆଇଟି ବୋଲି ସେ କହିଛନ୍ତି ।

ସେ କହିଛନ୍ତି ଯେ ଗୁଗୁଲ ହିଷ୍ଟୋରି ଡିଲିଟର ରିପୋର୍ଟ ଏସଆଇଟି ପାଖେ ନାହିଁ । ନଡିଆ ବାହୁଙ୍ଗାର ଡିଏନଏ ଟେଷ୍ଟ ରିପୋର୍ଟ ହସ୍ତଗତ ହୋଇନାହିଁ । ପଲିଗ୍ରାଫି ଟେଷ୍ଟିଙ୍ଗ ନିର୍ବିବାଦିୟ ନୁହେଁ, ଏପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କର ରାୟ ଅଛି । ସରୋଜ ପୂର୍ବରୁ ଅଭିଯୋଗ କରିଥିଲା କି ଏସଆଇଟିର ମୁଖ୍ୟ ତାକୁ ଦୋଷ ସ୍ୱୀକାର କରିବା ପାଇଁ ୫ ଲକ୍ଷ ଟଙ୍କା ଯାଚୁଥିଲେ ବୋଲି ସେ କହିଛନ୍ତି ।

ସେ କହିଛନ୍ତି ଯେ ପରୀର ବାପା ମା ଏସଆଇଟିର ତଦନ୍ତକୁ ବିଶ୍ୱାସ କରୁନାହାନ୍ତି । ସାଧାରଣ ଲୋକମାନଙ୍କ ଭିତରେ ଏସଆଇଟିର ବିଶ୍ୱସନିୟତା ଆଉ ନାହିଁ । ତେଣୁ ଘଟଣାର ସଠିକ ତଦନ୍ତ କରିବା ପାଇଁ ଏହି ମାମଲାକୁ ସିବିଆଇକୁ ଦିଆଯାଉ ବୋଲି ସେ ଦାବି କରିଛନ୍ତି ।

## କୋଦର୍ମା ଷ୍ଟେସନରେ ବିଶେଷ ରାଜଧାନୀ ଏକ୍ସପ୍ରେସ୍‌ର ସମୟ ସାରଣୀ ପରିବର୍ତ୍ତିତ

ଭୁବନେଶ୍ୱର,୭।୧ (ନି.ପ୍ର): ଜାନୁଆରୀ ମାସ ୯ ତାରିଖଠାରୁ ଭୁବନେଶ୍ୱରରୁ ନୂଆଦିଲ୍ଲୀ ମଧ୍ୟରେ ଚଳାଚଳ କରୁଥିବା ତିନିଟି ରାଜଧାନୀ ବିଶେଷ ଟ୍ରେନ୍ ସମୟ ସାରଣୀକୁ ପୂର୍ବ କେନ୍ଦ୍ରୀୟ ରେଳପଥ ଅଧିନରେ ଥିବା କୋଦର୍ମା ରେଳ ଷ୍ଟେସନରେ ପରିବର୍ତନ କରାଯାଇଅଛି । ଅନୁଗୁଳ, ସମ୍ବଲପୁର ସିଟି, ଝାରସୁଗୁଡ଼ା ଏବଂ ରାଉରକେଲା ମାର୍ଗ ଦେଇ ପ୍ରତ୍ୟେକ ଶନିବାର ଦିନ ଭୁବନେଶ୍ୱରରୁ ଛାଡୁଥିବା ୦୨୮୫୫ ଭୁବନେଶ୍ୱର-ନୂଆଦିଲ୍ଲୀ ସ୍ୱତନ୍ତ୍ର ରାଜଧାନୀ ଏକ୍ସପ୍ରେସ ଭୁବନେଶ୍ୱରରୁ ୯ ଜାନୁଆରୀ, ୨୦୨୧ ଠାରୁ କୋଦର୍ମା ଷ୍ଟେସନରେ ରାତ୍ର ୮ ଘ. ୫୮ ମି.ରେ ପହଂଚି ରାତ୍ର ୯ ଘଟିକାରେ ନୂଆ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବ । ଭୁବନେଶ୍ୱରରୁ ପ୍ରତ୍ୟେକ ବୁଧବାର ଏବଂ ରବିବାର ଦିନ ଆଦ୍ରା ମାର୍ଗ ଦେଇ ଚଳାଚଳ କରୁଥିବା ୦୨୮୨୫ ଭୁବନେଶ୍ୱର-ନୂଆଦିଲ୍ଲୀ ସ୍ୱତନ୍ତ୍ର ରାଜଧାନୀ ଏକ୍ସପ୍ରେସ୍ ଚଳିତ ମାସ ୧୦ ତାରିଖ ଠାରୁ ଏବଂ ପ୍ରତ୍ୟେକ ସୋମବାର, ମଙ୍ଗଳବାର, ଗୁରୁବାର ଏବଂ ଶୁକ୍ରବାର ଦିନ ଟାଟା ମାର୍ଗ ଦେଇ ଚଳାଚଳ କରୁଥିବା ୦୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ସ୍ୱତନ୍ତ୍ର ରାଜଧାନୀ ଏକ୍ସପ୍ରେସ୍ ଭୁବନେଶ୍ୱରରୁ ଚଳିତ ମାସ ୧୧ ତାରିଖ ଠାରୁ କୋଦର୍ମା ଷ୍ଟେସନରେ ରାତ୍ର ୮ ଘ. ୫୮ ମି.ରେ ପହଂଚି ରାତ୍ର ୯ ଘଟିକାରେ ନୂଆ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବ । ଏହି ଟ୍ରେନ୍ ଗୁଡ଼ିକ କେବଳ କୋଦର୍ମା ଠାରେ ପରିବର୍ତିତ ସମୟସାରଣୀରେ ଚଳାଚଳ କରିବାକୁ ଥିବାବେଳେ ଅନ୍ୟ ସମସ୍ତ ଷ୍ଟେସନରେ ଏହି ଟ୍ରେନ୍ ଗୁଡ଼ିକର ସମୟ ସାରଣୀରେ ପରିବର୍ତନ ହେବ ନାହିଁ ।

## ବିଜେପିର ଜିଲ୍ଲା କାର୍ଯ୍ୟକାରିଣୀ ଘୋଷଣା

କେନ୍ଦ୍ରାପଡ଼ା,୭।୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବିଜେପି ଶାଖା ତରଫରୁ ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି । ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ଦ୍ୱାରା ଏହି ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି । ଏହି କାର୍ଯ୍ୟାକାରିନୀ ଟିମ୍ ରେ ମୋଟ ୧୯ଜଣ ସଦସ୍ୟ ସ୍ଥାନ ପାଇଥିବା ବେଳେ ଏଥିରେ ଯୁବ ନେତୃତ୍ୱକୁ ଗୁରୁତ୍ୱ ଦିଆଯାଇଛି । ଏଥିରେ ସଭାପତି ଭାବେ କିଶୋର କୁମାର ପଣ୍ଡା, ଉପ ସଭାପତି ଭାବେ ୭ଜଣଙ୍କୁ , ୩ଜଣ ସାଧାରଣ ସଂପାଦକ, ଗଗନ ବିହାରୀ ସାହୁ, କୃଷ୍ଣ ଚନ୍ଦ୍ର ପଣ୍ଡା, ଅହଲ୍ୟା ଲେଙ୍କା, ଉପିନ କୁମାର ରାଉତ, କଳ୍ପନା ମଲ୍ଲିକ, ସଂଜୟ କୁମର ସାହୁ, ମନୋରଞ୍ଜନ ଉପାଧ୍ୟ ସାଧାରଣ ସଂପାଦକ ଭାବେ ୩ଜଣ ମନୋନିତ ହୋଇଛନ୍ତି । ସେହିପରି ସଂପାଦକ ଭାବେ ସୁନାକର ପ୍ରଧାନ , ପ୍ରଦିପ କୁମାର ଦାସ, ମିହିର କୁମାର ସାମଲ, ବିକ୍ରମାଦିତ୍ୟ ସାହୁ, ଅମିତାବ ସୁଆର, ପ୍ରଜେଶ ରଞ୍ଜନ ନାୟକ, ଶୁଭ ରଞ୍ଜନ ସାମଲ ମନୋନିତ ହୋଇଥିବା ବେଳେ କୋଷାଧକ୍ଷ ଭାବେ ପ୍ରତିମା ନାୟକ ଙ୍କୁ ନିଯୁକ୍ତି ଦିଆଯାଇଥିବା ସଭାପତି ଶ୍ରୀ ପଣ୍ଡା ଜଣାଇଛନ୍ତି ।

## ଯୁବ ରେଡକ୍ରସ୍ ଅଣତାଲିମପ୍ରାପ୍ତ ପରାମର୍ଶଦାତା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର,୭।୧ (ନି.ପ୍ର): ଓଡିଶା ରାଜ୍ୟ ଶାଖାର ଯୁବ ରେଡ଼କ୍ରସ୍ ବିଭାଗ ପକ୍ଷରୁ ସ୍ଥାନୀୟ ରେଡ଼କ୍ରସ୍ ଭବନ ଠାରେ ଚାଲିଥିବା ୩ ଦିନିଆ ଯୁବ ରେଡକ୍ରସ୍‌ର ଅଣତାଲିମପ୍ରାପ୍ତ ପରାମର୍ଶଦାତାମାନଙ୍କର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ୨୫ ଜଣ ଅଣତାଲିମ ପ୍ରାପ୍ତ ଯୁବ ରେଡ଼କ୍ରସର ପରାମର୍ଶଦାତା ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶ୍ରେଷ୍ଠ ପ୍ରେରଣାଦାତା ମଧୁସୁଦନ ଦାସ୍, ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣରେ ଯୁବ ରେଡକ୍ରସ ପରାମର୍ଶଦାତା ମାନଙ୍କୁ ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ଦେଇ ରେଡକ୍ରସକୁ ସର୍ବଶ୍ରେଷ୍ଠ ଭାବେ ଆଗେଇ ନେବାରେ ସହାୟକ ହେବା ନିମନ୍ତେ ଉପଦେଶ ମାଧ୍ୟମରେ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ଭାରତୀୟ ରେଡକ୍ରସ୍ ସୁବର୍ଣ୍ଣପୁର ଜିଲ୍ଲା ରେଡକ୍ରସ ଶାଖାର ଉପ ସଭାପତି, ଡ. ସତ୍ୟ ନାରାୟଣ ହୋତା ଯୋଗ ଦେଇ ସାମାଜିକ ଜୀବନରେ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ।

# ଆଗାମୀ ଦିନରେ ରାଜ୍ୟରେ ବିଜେପି ସରକାର ଗଠନ କରିବ : ବିଜୟ ପାଲ ସିଂ ତୋମାର

ଭୁବନେଶ୍ୱର,୭।୧ (ନି.ପ୍ର): ରାଜ୍ୟରେ ତୃମୂଳ ସ୍ତରରେ ବିଜେପି ସଙ୍ଗଠନକୁ ସୁଦୃଢ଼ କରିବା କାର୍ଯ୍ୟରେ ଲାଗିଛି । ଆଗାମୀ ନିର୍ବାଚନରେ ୫୧ ପ୍ରତିଶତ ଭୋଟ ସହ ଆମେ ସରକାର ଗଠନ କରିବୁ ବୋଲି ଓଡିଶା ଗସ୍ତରେ ଆସିଥିବା ରାଜ୍ୟ ବିଜେପି ସହପ୍ରଭାରୀ ତଥା ସାଂସଦ ବିଜୟ ପାଲ ସିଂ ତୋମାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ସେହିପରି ମାହାଙ୍ଗାରେ ବିଜେପି ନେତା କୁଳମଣି ବରାଳଙ୍କୁ ରାଜନୈତିକ ଉଦ୍ଦେଶ୍ୟ ରଖି ହତ୍ୟା କରାଯିବା ପ୍ରସଙ୍ଗରେ ଶ୍ରୀ ତୋମାର କହିଛନ୍ତି ଯେ, ଗଣତନ୍ତ୍ରରେ ହିଂସାର ସ୍ଥାନ ନାହିଁ । ବିଜେପି ନେତାଙ୍କୁ ହତ୍ୟା କରାଯିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ । ବିରୋଧୀଙ୍କୁ ଭୟଭୀତ କରାଇବା ପାଇଁ ପଶ୍ଚିମବଙ୍ଗ ପରି ଓଡିଶାରେ ବିଜେପି ନେତାଙ୍କୁ ହତ୍ୟା କରାଯାଉଛି । ଆମେ ହିଂସା ଏବଂ ହତ୍ୟାରେ ଭୟଭୀତ ହେବୁ ନାହିଁ । କେନ୍ଦ୍ର ସରକାର ଆଣିଥିବା ନୂତନ କୃଷି ଆଇନ ସଂପର୍କରେ ଶ୍ରୀ ତୋମାର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ କୃଷକର ଆୟକୁ ଦ୍ୱିଗୁଣିତ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ଦେଶର ୯୫ ପ୍ରତିଶତ ଚାଷୀ ନୂତନ କୃଷି ଆଇନକୁ ସମର୍ଥନ କରୁଛନ୍ତି । ୬୦ ବର୍ଷ ଧରି କଂଗ୍ରେସ ସରକାର ୫୪ ପ୍ରତିଶତ ଜମିରେ ସିଂଚାଇ ବ୍ୟବସ୍ଥା କରିପାରିନାହିଁ । ଶୀତଳ ଭଣ୍ଡାର ନଥିବାରୁ ଦେଶର ୨୫ ପ୍ରତିଶତ ଖାଦ୍ୟଶସ୍ୟ ନଷ୍ଟ ହେଉଛି । ସାରା ଦେଶର ଜନତା ବିରୋଧୀଙ୍କ ଷଡଯନ୍ତ୍ରକୁ ବୁଝିସାରିଛନ୍ତି । ୧୮ କୋଟି ସଦସ୍ୟଙ୍କୁ ନେଇ ବିଜେପି ବିଶ୍ୱର ସବୁଠୁ ବଡ ଦଳ ଭାବେ ଛିଡା ହୋଇଛି । କିନ୍ତୁ କଂଗ୍ରେସ ହେଉଛି ଏକ ପାରିବାରିକ ଦଳ । କେବଳ ଦେଶବାସୀଙ୍କୁ ଭ୍ରମିତ କରିବା ପାଇଁ ପୂର୍ବରୁ ସିଏଏ ଏବଂ ଏବେ କୃଷକ ଆଇନକୁ ବିରୋଧ କରି କଂଗ୍ରେସ ଆନ୍ଦୋଳନ କରୁଛି ବୋଲି ଶ୍ରୀ ତୋମାର କହିଛନ୍ତି । ତିନି ଦିନିଆ ଓଡିଶା ଗସ୍ତରେ ଆସିଥିବା ଶ୍ରୀ ତୋମାରଙ୍କୁ ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ସଙ୍ଗଠନ ମାନସ ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ଓ ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ ଓ ଠାକୁର ରଂଜିତ ଦାସ, କୃଷକମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ ଏବଂ ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂଙ୍କ ସମେତ ବିଜେପି କାର୍ଯ୍ୟକର୍ତା ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

## ସଦଭାର ଭୋଜି ହେଲା କାଳ

# ପୂର୍ବ ଜମିବାଡି ଶତ୍ରୁତାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ

ନୀଳଗିରି,୭।୧ (ନି.ପ୍ର): ପରିବାରବର୍ଗ ଓ ବନ୍ଧୁବାନ୍ଧବଙ୍କୁ ନେଇ ଏକ ଭୋଜିଭାତର ଆୟୋଜନ ଚାଲିଥିବା ବେଳେ ତାଙ୍କ ଘରକୁ ଆସିଥିବା ବନ୍ଧୁଙ୍କର ଏକ ପିଲା ପଡୋଶୀଙ୍କ ବାଡ଼ିକୁ ଅଜାଣତରେ ପଶିଯିବାରୁ ପୂର୍ବ ଶତୃତାକୁ କେନ୍ଦ୍ର କରି ଜନୈକ ପଡୋଶୀ ଭୋଜି ଆୟୋଜନ କରୁଥିବା ସ୍ୱାମୀ ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିବାର ନୀଳଗିରି ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ ଗତ ତା.୦୩.୦୧.୨୦୨୧ରିଖ ଅପରାହ୍ନ ୨.୩୦ମି. ସମୟରେ ଚଷାଖଣ୍ଡ ଗ୍ରାମର ମିନତୀ ପାତ୍ରଙ୍କର ପୁତ୍ର ବଧୁଙ୍କର ଜଳଖିଆ ଭୋଜି ଚାଲିଥିବା ତାଙ୍କ ଘରକୁ ଆସିଥିବା ବନ୍ଧୁବାନ୍ଧବଙ୍କର ଜଣେ ପିଲା ପଡୋଶୀ ଶ୍ରୀକାନ୍ତ ପାତ୍ର ଙ୍କ ବାଡ଼ି ମଧ୍ୟକୁ ପ୍ରବେଶ କରିଥିଲେ। ପଡୋଶୀ ଶ୍ରୀକାନ୍ତ ପୂର୍ବ ଜମିବାଡ଼ିକୁ କେନ୍ଦ୍ର କରି ସ୍ୱୀ ପଦ୍ମାବତୀ ପାତ୍ର, ଶ୍ରୀକାନ୍ତ ଙ୍କ ପୁତ୍ର ହୃଷିକେଶ ପାତ୍ର, ଝିଅ ଦୃତିସ୍ମିତା ପାତ୍ର ମିଳିତ ଭାବେ ମିନତୀ ପାତ୍ରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲୋଜ କରିବା ସହ ବିଧା, ଗୋଇଠା, ସହ ଠେଙ୍ଗାରେ ମାଡମାରିଥିବାର ମିନତୀ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ଶ୍ରୀକାନ୍ତ ପାତ୍ର ଜୀବନରୁ ମାରି ଦେବାର ଧମକ ଦେବା ସହ ଘର ନିଆଁ ଲଗାଇ ଜାଳି ଦେବାର ଧମକ ଦେଇଥିବା ଅଭିଯୋଗ ହୋଇଛି । ମିନତୀ ର ସ୍ୱାମୀ ବସନ୍ତ ପାତ୍ର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ମାରଣାନ୍ତକ ଆକ୍ରମଣ କରିଥିଲେ । ସୂଚନା ଥାଉକି ପଦ୍ମାବତୀ ପାତ୍ରଙ୍କ ନାମରେ ନୀଳଗିରି କୋର୍ଟରେ ସି.ଟି. କେଶ ନଂ. ୨୦୭/୧୭ ଟି ବିଚାରଧିନ ଥିବା ଜଣାପଡ଼ିଛି । ଏ ନେଇ ନୀଳଗିରି ଥାନା ପକ୍ଷରୁ ତଦନ୍ତ ଜାରି ରହିଛି ।

# ହିତାଧିକାରୀ ଚୟନରେ ସ୍ୱଚ୍ଛତା ସହ ସମସ୍ତ ସୁବିଧା ଓ ପ୍ରୋତ୍ସାହନ ଦେବା ପାଇଁ ଯତ୍ନବାନ ହୁଅନ୍ତୁ : କୃଷି ମନ୍ତ୍ରୀ

ଭୁବନେଶ୍ୱର,୭।୧ (ନି.ପ୍ର): ମୃତିକା ସଂରକ୍ଷଣ ଓ ଉପଲବ୍ଧ ଜଳରାଶିର ସୁବିନିଯୋଗ କୃଷି କ୍ଷେତ୍ରରେ ଅଧିକ ଉତ୍ପାଦନ ଓ କୃଷକମାନଙ୍କର ଆୟବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ଫାର୍ମପଣ୍ଡ ଯୋଜନା କୃଷି ସହିତ ଆନୁଷଙ୍ଗିକ କୃଷିକ୍ଷେତ୍ରରେ ଆୟବୃଦ୍ଧି ଦିଗରେ ବିଶେଷ ସହାୟକ ହୋଇପାରୁଥିବାରୁ ରାଜ୍ୟ ସରକାର ଫାର୍ମପଣ୍ଡ ଖନନକୁ ପ୍ରାଥମିକତା ପ୍ରଦାନ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରବର୍ତିତ ୫-'ଟି'କୁ କଡ଼ାକଡ଼ି ଭାବେ ଅନୁପାଳନ କରି ହିତାଧିକାରୀ ଚୟନରେ ସଂପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର କୃଷି ଭବନଠାରେ ୩୦ଟି ଜିଲ୍ଲାର ମୃତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନର ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କର ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଡ. ସାହୁ ମୃତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନର ପ୍ରକଳ୍ପ ନିର୍ଦ୍ଦେଶକମାନେ ନିୟମିତ କ୍ଷେତ୍ର ପରିଦର୍ଶନ କରି ଫାର୍ମପଣ୍ଡର ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବା ନିମନ୍ତେ କହିଛନ୍ତି । ଫାର୍ମପଣ୍ଡ ଯୋଜନାରେ ମିଳୁଥିବା ଆବେଦନଗୁଡ଼ିକ ଠିକ୍ ସମୟରେ ଯାଂଚ ଓ ହିତାଧିକାରୀ ଚୟନ ଉପରେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱ ଦେଇଥିଲେ । ଚଳିତ ବର୍ଷ ନିମନ୍ତେ ବିଭିନ୍ନ ଯୋଜନାରେ ମିଳିଥିବା ଆର୍ଥିକ ଅନୁଦାନକୁ ସଂପୂର୍ଣ୍ଣ ବିନିଯୋଗ କରି କୃଷକମାନଙ୍କ ଆୟବୃଦ୍ଧି କରିବା ପାଇଁ ମନ୍ତ୍ରୀ କହିଥିଲେ । ଉତମ ପ୍ରଦର୍ଶନ କରୁଥିବା କର୍ମଚାରୀ ଓ ସଫଳ ହିତାଧିକାରୀମାନଙ୍କୁ ନୂତନ ଜ୍ଞାନକୌଶଳ ଓ ପଦ୍ଧତି ଜାଣିବା ନିମନ୍ତେ ଅନ୍ୟ ରାଜ୍ୟକୁ ପରିଦର୍ଶନରେ ପଠାଇବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । ଏଥି ସହିତ ଅଧିକାରୀମାନେ ଭର୍ମିକମ୍ପୋଷ୍ଟ ଓ ବାୟୋଫର୍ଟିଲାଇଜର ସଠିକ ଯୋଗାଣ ଓ ଏହାର ମାନ ପରୀକ୍ଷଣ ଉପରେ ସର୍ବଦା ଗୁରୁତ୍ୱ ଦେବା ପାଇଁ କହିଥିଲେ । ଫାର୍ମପଣ୍ଡ ଓ ଚେକ୍‌ଡ୍ୟାମ୍ କରୁଥିବା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ପମ୍ପସେଟ୍, ସ୍ପ୍ରେୟର, ସୌର ଜଳନିଧି ଆଦି ଅଗ୍ରାଧିକାର ଭିତିରେ ଯୋଗାଇ ଦିଆଯାଉଥିବାରୁ ହିତାଧିକାରୀମାନେ ଏହାର ଲାଭ ଉଠାଇବା ପାଇଁ ମନ୍ତ୍ରୀ ଡ. ସାହୁ କହିଥିଲେ । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ଜଳ ସୁପରିଚାଳନା ଓ ସୁବିନିଯୋଗ ଦିଗରେ ଅଧିକାରୀମାନେ ଅନ୍ୟ ସଂପୃକ୍ତ ବିଭାଗ ସହିତ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟକରିବାକୁ କହିଥିଲେ । ଏଥି ସହିତ ଗ୍ରାମପଂଚାୟତ ଓ ବ୍ଲକ୍‌ସ୍ତରରେ ଅନୁଷ୍ଠିତ ସାପ୍ତାହିକ ଓ ପାକ୍ଷିକ ବୈଠକରେ ଅଧିକାରୀମାନେ ନିୟମିତ ଯୋଗଦେଇ କ୍ଷେତ୍ରସ୍ତରରେ ଚାଷୀମାନଙ୍କର ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସୁରେଶ କୁମାର ବଶିଷ୍ଠ, କୃଷି ଓ ,ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନକୃଷିର ନିର୍ଦ୍ଦେଶକ ଶ୍ରୀ ରୋହିତ କୁମାର ଲେଙ୍କା, ଫଳ ଓ ପନିପରିବା ଏବଂ ଅର୍ଥକରୀ ଫସଲ ଚାଷ ଓ ସମନ୍ୱିତ କୃଷି କାର୍ଯ୍ୟ ଦିଗରେ ଜଳଛାୟା ଉନ୍ନୟନ ବିଶେଷ ଲାଭଦାୟକ ହୋଇପାରିବ ବୋଲି କହିଥିଲେ । ମୃତିକା ସଂରକ୍ଷଣ ଓ ଜଳଛାୟା ଉନ୍ନୟନର ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ପଣ୍ଡା ନିର୍ଦ୍ଦେଶାଳୟ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନା ସଂପର୍କରେ ଆଲୋଚନା କରିଥିଲେ ।

# ରାଜ୍ୟର ସଂପତ୍ତିକୁ ଟାଟା କମ୍ପାନୀ ହାତରେ ଟେକିଦେବା ଉଦ୍ୟମରୁ ରାଜ୍ୟ ବିଦ୍ୟୁତ୍ ନିୟାମକ ଆୟୋଗ ବିରତ ରୁହନ୍ତୁ : ପ୍ରଦୀପ ମାଝୀ

ଭୁବନେଶ୍ୱର,୭।୧ (ନି.ପ୍ର): ରାଜ୍ୟରେ ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓ.ଇ.ଆର.ସି.) ସମସ୍ତ ନୀତି ନିୟମକୁ ଉଲ୍ଲଘନ କରି ସେସ୍ସୁ, ସାଉଥ୍‌କୋ ଓ ୱେସ୍କୋ ଭଳି ସଂସ୍ଥାକୁ ଟାଟା କମ୍ପାନୀ ସମୂହକୁ ବିକ୍ରୀ କରି ମୁନାଫା ଉଠାଇଛନ୍ତି । ଯାହା ରାଜ୍ୟବାସୀଙ୍କ ସ୍ୱାର୍ଥ ବିରୋଧି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଅଭିଯୋଗ କରିଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମାଝୀ କହିଛନ୍ତି ଯେ ବିଦ୍ୟୁତ୍ ନିୟମ ଅନୁଯାୟୀ ଜଣେ ବିଡର ଗୋଟିଏ ସଂସ୍ଥାକୁ ଦୁଇଟି କମ୍ପାନୀକୁ ବିକ୍ରୀ କରିପାରିବ ନାହିଁ। ସେହିଭଳି ବିଦ୍ୟୁତ୍ ନିୟମ ଧାରା ୬୦ ରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ କୌଣସି ଗୋଟିଏ ଘରୋଇ ସଂସ୍ଥା ସମସ୍ତ ବିଦ୍ୟୁତ୍ ବଜାରକୁ ନିୟନ୍ତ୍ରଣ କରିପାରିବ ନାହିଁ। ତେଣୁ ଏଥିରେ ବେନିୟମ ଭାବରେ ଗଫଲତି ହୋଇଥିବାର ସ୍ପଷ୍ଟ ଅନୁମେୟ ହେଉଛି। ଏହି ବିକ୍ରୀ ସମୟରେ ପୂର୍ବରୁ କର୍ମଚାରୀମାନଙ୍କର ଥିବା ୧୦ ପ୍ରତିଶତ ଅଂଶଧନକୁ ମଧ୍ୟ ବେନିୟମ ଭାବରେ ରଦ୍ଦ କରାଯାଇଛି। ଏହି କାର୍ଯ୍ୟରେ ରାଜ୍ୟ ସରକାର ମଧ୍ୟ ଓ.ଇ.ଆର.ସି.କୁ ପ୍ରୋତ୍ସାହନ ଦେଇ ଘରୋଇ କମ୍ପାନୀମାନଙ୍କ ପାଇଁ ପଥ ପରିଷ୍କାର କରି ଦେଇଛନ୍ତି। ଏପରିକି ବର୍ତମାନ ଟାଟା କମ୍ପାନୀକୁ ଲାଇସେନ୍ସ ଦେଇ ସରକାର ଓ ଓ.ଇ.ଆର.ସି. ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରିଛନ୍ତି। ଏହି ବେନିୟମ କାର୍ଯ୍ୟକୁ ରାଜ୍ୟବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଶ୍ରୀ ମାଝୀ ଦାବି କରିଛନ୍ତି। ଦେଶ ବର୍ତମାନ କୋଭିଡ୍ ଜନିତ ସମସ୍ୟା ମଧ୍ୟରେ ଗତି କରୁଥିବା ବେଳେ ନିୟାମକ ଆୟୋଗ ଖୁବ୍ ତରବରିଆ ଭାବେ ଘରୋଇ କମ୍ପାନୀକୁ ଆହ୍ୱାନ କରିବା ଅତ୍ୟନ୍ତ କ୍ଷୋଭର ବିଷୟ। ଏ ସଂପର୍କରେ ଅନ୍ୟମାନଙ୍କ ପରାମର୍ଶକୁ ବେଖାତିର କରି ଟାଟା କମ୍ପାନୀ ପ୍ରତି ଦରଦ ଦେଖାଇବା ଉଦ୍ଦେଶ୍ୟ ପ୍ରଣୋଦିତ। ବିଭିନ୍ନ ଶିଳ୍ପସଂସ୍ଥା ଉପରେ ଥିବା ବକେୟାକୁ ଖୁବ୍‌ଶୀଘ୍ର ଆଦାୟ କରାଯାଉ ଏବଂ ରାଜ୍ୟବାସୀଙ୍କୁ ସୁହାଇଲା ଭଳି ଏକ ନୂତନ ନିୟମ ପ୍ରଣୟନ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ମାଝୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରଶ୍ମି ମହାପାତ୍ର, ସ୍ମୃତିରେଖା ପହି ଓ ଆଇନ୍‌ଜୀବୀ ଆକାଶ ଭୂୟାଁ ଉପସ୍ଥିତ ଥିଲେ।

# ତିଲ୍ ଗଜକ

ମଧ୍ୟପ୍ରଦେଶର ପାରମ୍ପରିକ ମିଠାଜାତୀୟ ସ୍ନାକ୍ସ ଭିତରେ ତିଲ୍ ଗଜକ ଗୋଟିଏ । ଓଡ଼ିଶାରେ ଯେମିତି ରାଶିରେ ଲଡ୍ଡୁ ପ୍ରସ୍ତୁତ ହୋଇଥାଏ ତିଲ୍ ଗଜକ ପ୍ରାୟ ସେହିଭଳି । ତେବେ ଏହା ଦେଖିବାକୁ ଲଡ୍ଡୁ ଭଳି ନହୋଇ ଚାରି କୋଣିଆ ଚେପ୍‌ଟା ବରଫି ଭଳି । ଯେମିତି ଚିନାବାଦାମରେ ଚିକ୍କି ପ୍ରସ୍ତୁତ ହୋଇଥାଏ ଠିକ୍ ସେହିଭଳି ଉପାୟରେ ରାଶିରେ ପ୍ରସ୍ତୁତ ହୋଇଥାଏ ଚିକ୍କି ଯାହାକୁ କୁହାଯାଏ ତିଲ୍ ଗଜକ ।



ସାଧାରଣତଃ ଶୀତ ଦିନେ ତିଲ୍ ଗଜକ ପ୍ରସ୍ତୁତ କରାଯାଏ । କାରଣ ଶୀତଦିନେ ରାଶିରେ ପ୍ରସ୍ତୁତ ମିଠା ଖାଇବା ଦ୍ୱାରା ତ୍ୱଚାର କୋମଳତା ବଜାୟ ରହିବା ସହିତ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ । ତିଲ୍ ଗଜକ ପ୍ରସ୍ତୁତ କରିବାରେ ଟିକେ ପରିଶ୍ରମ ଲାଗିପାରେ । କିନ୍ତୁ ସ୍ୱାଦ ଦୃଷ୍ଟିରୁ ଏହା ଚମତ୍କାର । ଏୟାର ଟାଇଟ୍ କଣ୍ଟେନର୍‌ରେ ରହିଲେ ଏହା ବେଶ୍ କିଛିଦିନ ଧରି ଭଲ ରହିପାରିବ । ତେବେ ଆସନ୍ତୁ ଜାଣିବା ଏହାକୁ କିପରି ପ୍ରସ୍ତୁତ କରିବେ ।

**ପ୍ରସ୍ତୁତି :**

ତିଲ୍ ଗଜକ ତିଆରି କରିବା ପାଇଁ ୨୦୦ ଗ୍ରାମ ଧଳା ରାଶି (ଭଲ କରି ପରିଷ୍କାର କରିନେବେ), ୩୦୦ ଗ୍ରାମ ଗୁଡ (ଛୋଟ ଟୁକୁରା ହୋଇଥିବ), ୧୫ଟା ବାଦାମ (ଛୋଟ ଛୋଟ ଟୁକୁରା ହୋଇଥିବ), ୨ଟା ଗୁଜୁରାତି (ଗୁଣ୍ଡ କରିନେବେ), ଘିଅ ୩ ଟେବଲ୍ ଚାମଚ । ତିଲ୍ ଗଜକ ତିଆରି କରିବା ପାଇଁ ୧ ଘଣ୍ଟା ସମୟ ଲାଗିପାରେ । ପ୍ରଥମେ ମଧ୍ୟମ ଆଞ୍ଚରେ ଏକ ପାତ୍ର ବସାଇ ସେଥିରୁ ରାଶିକୁ ଭଲ କରି ଭାଜି ନିଅନ୍ତୁ । ଖିଆଲ ରଖିବେ ଯେମିତି ପୋଡ଼ିନଯାଏ । ଦେଖିବେ ଭାଜି ହୋଇଆସିଲେ ରାଶିରୁ ଏକ ପ୍ରକାର ମିଠା ବାସ୍ନା ଆସିବ । ଏହାପରେ ଭଜା ରାଶିକୁ ଥଣ୍ଡା ହେବାକୁ ଦିଅନ୍ତୁ । ଯେତେବେଳ ପର୍ଯ୍ୟନ୍ତ ରାଶି ଥଣ୍ଡା ନ ହୋଇଛି ସେଇ ସମୟ ମଧ୍ୟରେ ସେହି କରେଇରେ ଗୁଡ଼ ପକାଇ ଆଞ୍ଚ ଧିମା କରି ଘାଣ୍ଟନ୍ତୁ । ଗୁଡ଼ ତରଳି ସିରା ଭଳି ହୋଇଆସିବା ସମୟ ମଧ୍ୟରେ ରାଶିକୁ ଟିକେ ମିକ୍ସିରେ ଚଲାଇ ନିଅନ୍ତୁ । ପୁରା ମସୃଣ କରିବେ ନାହିଁ । ଏଥର ଏକ ଗହିରିଆ ପାତ୍ରରେ ଅଳ୍ପ ଘିଅ ଲଗାଇ ଦିଅନ୍ତୁ । ଏହାପରେ ଗୁଡ଼ ସିରାରେ ଗୁଜରାତି ଗୁଣ୍ଡ ଏବଂ ରାଶି ଗୁଣ୍ଡ ମିଶାଇ ଭଲ କରି ଘାଣ୍ଟନ୍ତୁ । ମନେ ରଖିବେ ଏହି ସମୟରେ ଆଞ୍ଚ ଆଦୌ ବଢ଼ାଇବେ ନାହିଁ । ବହଳିଆ ହୋଇଆସିଲେ ଆଞ୍ଚ ବନ୍ଦ କରି ଘିଅ ମରାଯାଇଥିବା ପାତ୍ରରେ ସେହି ମିଶ୍ରଣକୁ ଢାଳି ଦିଅନ୍ତୁ । ଏଥର ଏକ ଚାମଚ ସାହାଯ୍ୟରେ ଉପରୁ ଚାପି ଚାପି ମିଶ୍ରଣଟିକୁ ସମାନ କରିଦିଅନ୍ତୁ । ଉପରେ କଟା ବାଦାମ ଦେଇ ଆଉ ଟିକେ ଚାପି ଦିଅନ୍ତୁ । ଯେତେବେଳେ ଦେଖିବେ ମିଶ୍ରଣଟି ଟିକେ ଟାଣ ହୋଇଆସୁଛି ସେତେବେଳେ ବେଲଣା କାଠିରେ ବେଲି ସମାନ କରିଦେବେ । ୧୦ ମିନିଟ ପରେ ଛୁରିରେ ନିଜ ମନପସନ୍ଦ ଆକାରରେ କାଟି ନିଅନ୍ତୁ । ଏହାପରେ ଅଧଘଣ୍ଟା ଛାଡ଼ିଦିଅନ୍ତୁ । ପୂରା ସେଟ୍ ହୋଇଗଲେ ଏୟାର ଟାଇଟ୍ କଣ୍ଟେନର୍‌ରେ ରଖନ୍ତୁ । ଏହା ବେଶ୍ କିଛିଦିନ ପର୍ଯ୍ୟନ୍ତ ଭଲ ରହିବ ।

# ହାଇନେକ୍ ଟିସାର୍ଟରେ ଷ୍ଟାଇଲ୍

ଶୀତଦିନେ ହାଇନେକ୍ ଟି-ସାର୍ଟ ଝିଅମାନଙ୍କ ଅଧିକ ପସନ୍ଦ । ଏହା ନା କେବଳ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ବରଂ ଥଣ୍ଡାରୁ ମଧ୍ୟ ବଞ୍ଚାଇଥାଏ । ହାଇନେକ୍ ଟି-ସାର୍ଟର ସବୁଠୁ ଭଲ କଥା ହେଲା ଯେକୌଣସି ବଡି ଟାଇପ୍‌ରେ ଫିଟ୍ ବସିଥାଏ । ତେବେ ହାଇନେକ୍ ଟିସାର୍ଟକୁ କିପରି ଷ୍ଟାଇଲ୍ କରିବେ ଜାଣନ୍ତୁ କିଛି ଟିପ୍ସ ।





**ବ୍ଲେଜର୍ :** ବୋରିଙ୍ଗ୍ ହାଇନେକ୍ ଟିସାର୍ଟକୁ କ୍ଲାସିକ୍ ଲୁକ୍ ଦେବା ପାଇଁ ସବୁଠୁ ଭଲ ହେବ ବ୍ଲେଜର୍ । ହାଇନେକ୍ ଟିସାର୍ଟ ପିନ୍ଧୁଥିଲେ ତା' ଉପରେ ବ୍ଲେଜର ଗଳାଇ ଦିଅନ୍ତୁ । କଣ୍ଟ୍ରାଷ୍ଟ କଲର୍ ନିଅନ୍ତୁ । ପଫ୍ ଏବଂ ସ୍କିନ୍ ଫିଟ୍ ବ୍ଲେଜର ଭଲ ମାନିଥାଏ । ତେଣୁ ଏହି ଲୁକ୍‌କୁ ଷ୍ଟାଇଲ୍‌ରେ ସାମିଲ୍ କରିପାରିବେ ।

**ମ୍ୟାଚିଙ୍ଗ୍ ହ୍ୟାଣ୍ଡବ୍ୟାଗ :** ଆପଣ ଚାହିଁଲେ ହାଇନେକ୍‌କୁ ମ୍ୟାଚିଙ୍ଗ୍ ହ୍ୟାଣ୍ଡବ୍ୟାଗ ସହିତ ମଧ୍ୟ ଷ୍ଟାଇଲ କରିପାରିବେ । ହାଇନେକ ସାର୍ଟ କଲର ଏବଂ ହ୍ୟାଣ୍ଡବ୍ୟାଗ କଲର ଗୋଟିଏ ରଙ୍ଗର ନେଇପାରିବେ । ନହେଲେ କଣ୍ଟ୍ରାଷ୍ଟ ଲୁକ୍ ବି ଦେଇପାରିବେ । ଆଉଟଫିଟ୍‌କୁ ଡାର୍କ କଲର୍ ବଟମ୍ ୱିୟର ସହିତ ଟିମ୍ ଅପ୍ କଲେ ଡାର୍କ କଲର୍ କୌଣସି ହ୍ୟାଣ୍ଡବ୍ୟାଗ୍ କ୍ୟାରି କରନ୍ତୁ । ଏହା ନା କେବଳ ମ୍ୟାଚିଙ୍ଗ୍ କମ୍ବିନେସନ୍ ଦେବ ବରଂ ଷ୍ଟାଇଲ୍‌କୁ ବି ହାଇଲାଇଟ୍ କରିବ ।

**ପେନସିଲ୍ ସ୍କର୍ଟ ଏବଂ ଷ୍ଟକିଙ୍ଗସ୍ :** ହାଇନେକ୍ ଟିସାର୍ଟକୁ କେବଳ ଜିନ୍ସ ଏବଂ ସର୍ଟସ୍ ସହିତ କ୍ୟାରି କରନ୍ତୁ ନାହିଁ । ପେନ୍‌ସିଲ୍ ସ୍କର୍ଟ ଏବଂ ଷ୍ଟକିଙ୍ଗସ୍ ଅପସନ୍ ରହିଛି । ପେନସିଲ୍ ସ୍କର୍ଟ ଏବଂ ଷ୍ଟକିଙ୍ଗସ୍ ଫିଗରକୁ ପରଫେକ୍ଟ ଲୁକ୍ ଦେଇଥାଏ । ଅନ୍ୟଙ୍କଠାରୁ ଲାଗିବା ପାଇଁ ଏହି ଷ୍ଟାଇଲ୍‌କୁ କ୍ୟାରି କରିପାରିବେ । ସ୍କର୍ଟ ସହିତ ପିନ୍ଧୁଥିଲେ ହାଇନେକ୍ ସାର୍ଟକୁ ଇନ୍ କରନ୍ତୁ ଏବଂ ଥାଇହାଇ ଷ୍ଟକିଙ୍ଗସ୍‌ରେ ଲୁକ୍ ଶେଷ କରନ୍ତୁ ।



**ହ୍ୟାଟ୍ :** ହାଇନେକ୍ ପିନ୍ଧିଥିଲେ ଆକ୍ସେସରିଜ୍ ରୂପେ ହ୍ୟାଟ୍ ସାମିଲ କରନ୍ତୁ । ହ୍ୟାଟ୍‌ରେ ଆପଣ ଲୁକ୍‌କୁ ପୂରା ପରିବର୍ତ୍ତନ କରିପାରିବେ । ହେଲେ ହ୍ୟାଟ୍ ନେଲା ସମୟରେ ଆପଣଙ୍କ ଚେହେରାର ସେପ୍ ଉପରେ ବି ଧ୍ୟାନ ରଖିବା ଭୁଲନ୍ତୁ ନାହିଁ । କାରଣ ହ୍ୟାଟ୍ ସମସ୍ତଙ୍କ ଚେହେରାରେ ଭଲ ଲାଗିନଥାଏ ।

# ଗୁଣକାରୀ ପିଆଜ

ଭାରତୀୟ ପରିବା ବଜାରରେ ପିଆଜର ଆଦର କିଛି କମ୍ ନୁହେଁ । ହଁ, କେତେବେଳେ ଅବଶ୍ୟ ଚଢ଼ା ଦର କାରଣରୁ ଗ୍ରାହକ ଅସନ୍ତୋଷ ବଢ଼େ; କିନ୍ତୁ ପିଆଜର ଲୋକପ୍ରିୟତାକୁ ପ୍ରଭାବିତ କରିପାରିନଥାଏ । ଆମେ ବେଶୀ ଲୋକ କଞ୍ଚା ପିଆଜକୁ ଲଙ୍କା, ଲୁଣ, ଆମ୍ବୁଲରେ ଚକଟି ନଚେତ ତରକାରିରେ ପିଆଜ ବଟାକୁ ଖାଇବାରେ ଆଗ୍ରହ ପ୍ରକାଶ କରୁ । ହେଲେ ବିଦେଶରେ ପିଆଜର ସାଲାଡ୍ ହିଁ ଅଧିକାଂଶ ଖାଆନ୍ତି । ଭାରତରେ ଲାଲ ପିଆଜର ଭିଡ ସବୁଠି ଦେଖିବାକୁ ମିଳେ । ପାଶ୍ଚାତ୍ୟ ଦେଶରେ ଏଇ ପିଆଜ ବିଶ୍ୱସ୍ତରରେ ଚାଷ ହେଉଥିବାବେଳେ ଲାଲ ପିଆଜ, ଗୋଲାପୀ ପିଆଜ, ପିଆଜ ଶଣ୍ଢା, ଧଳା ପିଆଜ ଇତ୍ୟାଦି ଲୋକେ ରୀତିମତ ଖାଇଥାନ୍ତି ।

- ଥଣ୍ଡା, ସର୍ଦ୍ଦି, ଛିଙ୍କ ନିୟମିତ ହେଉଥିଲେ ଦ୍ୱିପହର ଭୋଜନରେ କଞ୍ଚା ପିଆଜର ସାଲାଡ୍ ଖାଇବାର ଅଭ୍ୟାସ କରନ୍ତୁ । ପିଆଜ ଏଭଳି ଖାଇଲେ ଶରୀରକୁ ଉଷ୍ଣତା ମିଳୁଥିବାର ବିଶେଷଜ୍ଞଙ୍କ ମତ ।
- ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣର ଭରପୂର ପିଆଜ ଖାଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼େ । ପିଆଜକୁ ବାଟି ଅଧିକଦିନ ଫ୍ରିଜ୍‌ରେ ରଖିଲେ, ତାହାର ପୋଷକତତ୍ତ୍ୱ ନଷ୍ଟ ହୋଇଯାଏ । ତରକାରିରେ ସବୁବେଳେ ସତେଜ ପିଆଜବଟା ବ୍ୟବହାର କରିବାକୁ ଚେଷ୍ଟା କରନ୍ତୁ ।
- ମହିଳାମାନେ ନିୟମିତ କଞ୍ଚା ପିଆଜର ସେବନ କରିବା ସେମାନଙ୍କ ପାଇଁ ଭଲ । ସ୍ତନ କର୍କଟ ହେବାର ଆଶଙ୍କା ଯଥେଷ୍ଟ ହ୍ରାସ ପାଉଥିବାର ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ।
- ଫାଇବର୍‌ଯୁକ୍ତ ପିଆଜ ଖାଇବା ଦ୍ୱାରା ଆମ ହଜମ କ୍ଷମତା ଭଲ ହେବା ସହ ଓଜନ ମଧ୍ୟ ନିୟନ୍ତ୍ରଣରେ ରହେ । କେଶ ଓ ତ୍ୱଚାକୁ ମଧ୍ୟ ପିଆଜର ପୋଷକତତ୍ତ୍ୱ ଖୋରାକ୍ ଯୋଗାଇଥାଏ ।
- ପ୍ରାଚୀନ ଇଜିପ୍ଟରେ ପ୍ରଥମେ ଏଇ ପିଆଜ ଚାଷ ଆରମ୍ଭ ହୋଇଥିବାର ଅନୁମାନ କରାଯାଉଛି । ସେ ସମୟରେ ଲୋକେ ପିଆଜକୁ ପୂଜା କରୁଥିଲେ । ମୃତକଙ୍କ ସମାଧି ପାଖେ ପିଆଜ ରଖାଯିବା ସହ ପୁନର୍ଜନ୍ମ ନିମନ୍ତେ ପିଆଜର ଭୂମିକା ଥିବାର ସେତେବେଳେ ଇଜିପ୍ଟ ଲୋକଙ୍କ ବିଶ୍ୱାସ ଥିଲା ।
- ୧୧୦୦ ଶତାବ୍ଦୀବେଳକୁ ଇଂଲଣ୍ଡର କେତେକ ପ୍ରାନ୍ତରରେ ପିଆଜକୁ ଅର୍ଥ ଭାବେ ବ୍ୟବହାର କରାଯାଉଥିଲା । ଜିନିଷ କିଣାକିଣି ପାଇଁ ହେଉ କିମ୍ବା ଘରଭଡ଼ା ବାବଦରେ ଲୋକେ ମାଲିକଙ୍କୁ ପିଆଜ ଦେଇ ନେଣଦେଣ କରୁଥିବାର ଇତିହାସର ପୃଷ୍ଠାରୁ ତଥ୍ୟ ମିଳିଛି ।




# ସ୍ୱାସ୍ଥ୍ୟ ଟିପ୍ସ

ସମଗ୍ର ବିଶ୍ୱରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ମଧୁମେହ ଖାଦ୍ୟ ଏବଂ ଜୀବନଶୈଳୀ ସହ ସଂପର୍କିତ ଏକ ରୋଗ । ଜିନ୍ ଯୋଗୁଁ ଏପରିକି ଶିଶୁଙ୍କଠାରେ ମଧ୍ୟ ମଧୁମେହ ଦେଖାଯାଉଛି । ଭାରତରେ ଟାଇପ୍-୨ ମଧୁମେହ ଭୋଗୁଥିବା ରୋଗୀଙ୍କ ସଂଖ୍ୟା ବିଶ୍ୱରେ ସବୁଠାରୁ ଅଧିକ । ଦୈନିକ ଔଷଧ ଖାଇବା ଏବଂ ଇନ୍‌ସୁଲିନ୍ ନେବା ଅପେକ୍ଷା ସତର୍କ ନ ରହିବା କାହିଁକି ? ଖାଦ୍ୟାଭ୍ୟାସରେ ଅଳ୍ପ କିଛି ପରିବର୍ତ୍ତନ ଦ୍ୱାରା ମଧୁମେହକୁ କିଛି ପରିମାଣରେ ରୋକାଯାଇପାରେ । ପ୍ରତିଦିନ ସକାଳେ ଖାଲି ପେଟରେ ତାଜା କଲରାର ର ସ ପିଇଲେ ମଧୁମେହ ନିୟନ୍ତ୍ରଣରେ ରହେ । କଲରା ରସ ପିଇବାକୁ କଷ୍ଟ ହେଉଥିଲେ, ଜଳଖିଆରେ କଲରା ଚିପ୍‌ସ ବା କଲରା ପ୍ରସ୍ତୁତ ଯେକୌଣସି ଖାଦ୍ୟ ଖାଇପାରନ୍ତି । ରାତିରେ ଏକ-ଚାରି ଚାମଚ ମେଥି ପାଣିରେ ବତୁରାନ୍ତୁ । ପାଣି ସହ ମେଥିକୁ ସକାଳୁ ଖାଲି ପେଟରେ ଚୋବାଇ ଖାଆନ୍ତୁ । ବର୍ଷ ସାରା ଚୋପା ଚାଞ୍ଛି ପିଜୁଳି ଖାଆନ୍ତୁ । ଚୋପା ନ ଚାଞ୍ଛି, ପିଜୁଳି ଖାଇଲେ ରକ୍ତ ଶର୍କରା ବଢ଼ିଯାଏ । ନିୟମିତ ଅଁଳା ଚୂର୍ଣ୍ଣ ଖାଆନ୍ତୁ । ମଧୁମେହ ରୋଗୀଙ୍କ ଲାଗି ଜାମୁକୋଳି ଭଲ । ବର୍ଷର ସବୁ ସମୟରେ ଜାମୁକୋଳି ମିଳେନାହିଁ । ତେଣୁ, ମିଳୁଥିବା ବେଳେ ଅଧିକ ପରିମାଣରେ ସଂଗ୍ରହ କରି, ମଞ୍ଜିକୁ ଶୁଖାଇ, ଗୁଣ୍ଡ କରି ରଖନ୍ତୁ । ଜାମୁକୋଳି ମଞ୍ଜି ଚୂର୍ଣ୍ଣ ପାଣିରେ ଗୋଳାଇ ଦିନରେ ଦୁଇଥର ପିଅନ୍ତୁ । ଚାହା ବା କଫି ଅଭ୍ୟାସ ଯଦି ଅଛି, ଚିନି ବଦଳରେ ମହୁ ବ୍ୟବହାର କରନ୍ତୁ । ବିନା ଚିନିରେ କଳା କଫି ମଧୁମେହ ଆଶଙ୍କାକୁ କମ୍ କରୁଥିବା ପ୍ରମାଣିତ ।




# କୁମ୍ଭୀର ଶିକାରୀ ମାଛ

ମଧୁର ଜଳରେ ବଢୁଥିବା ବୃହତକାୟ ମାଛଗୁଡ଼ିକ ମଧ୍ୟରେ ଗୋଲାୟାଥ୍ ଟାଇଗରଫିସ୍ ଅନ୍ୟତମ । ଏହା ସାମୁଦ୍ରିକ ଶ୍ୱେତ୍ ସାର୍କ ପରି ଭୟଙ୍କର । ଲମ୍ବରେ ପାଂଚ ଫୁଟରୁ ଅଧିକ ଏବଂ ଓଜନରେ ଶହେ କିଲୋଗ୍ରାମରୁ ଅଧିକ ବଢ଼ିପାରେ । ମୁହଁରେ ବତିଶଟି ଲୁହା ଭଳି ଶକ୍ତ ଦାନ୍ତ । ପ୍ରତ୍ୟେକ ଦାନ୍ତର ଲମ୍ବ ଏକ ଇଂଚରୁ ଅଧିକ ଏବଂ ବେଶ ତୀକ୍ଷଣ । ଏହା ଏକ ଶିକାରୀ ମାଛ । ବଂଚିବା ପାଇଁ ବହୁତ ଅଧିକ ପରିମାଣର ଖାଦ୍ୟ ଆବଶ୍ୟକ କରେ । ତେଣୁ, ସର୍ବଦା ଶିକାର ଖୋଜିବାରେ ବ୍ୟସ୍ତ ଥାଏ । ଭୋକିଲା ଥିବା ବେଳେ ଏହା ଏପରିକି କୁମ୍ଭୀର ଶିକାର କରୁଥିବା ଜଣାଯାଏ । ଆଫ୍ରିକାର କଙ୍ଗୋ ଓ ଲୁଆଲାୱା ନଦୀ, ଉପେମ୍ବା ଏବଂ ଟାଙ୍ଗାନିକା ହ୍ରଦ ଗୋଲାୟାଥର ବାସସ୍ଥାନ । ଉଲ୍ଲେଖଯୋଗ୍ୟ ଯେ, ଏତେ ଭୟଙ୍କର ହୋଇଥିଲେ ବି ମଣିଷ ଏହାକୁ କାବୁ କରିଥିବାର ବହୁ ନଜିର ଅଛି ।



# ସାର୍କଙ୍କ ମେଳରେ ଚାହାପାନ

ଲଣ୍ଡନ୍ ଅନ୍ତର୍ଗତ 'ସି ଲାଇଫ୍' ଆକ୍ୱାରିଅମ୍‌ରେ ଏକ ବିରାଟ କାଚ ଘରେ ଖଞ୍ଜାଯାଇଛି, ଗୋଟିଏ ଛୋଟିଆ କାଚ ଘର । ବଡ଼ ଘରଟିରେ ଛଡ଼ାଯାଇଛି ପନ୍ଦରଟି ସାର୍କ୍ । ଛୋଟ ଘର ଭିତରକୁ ପ୍ରବେଶ ପଥ ଅଲଗା । ରୋମାଞ୍ଚପ୍ରିୟ ପର୍ଯ୍ୟଟକମାନେ ଚାହିଁଲେ ଛୋଟ ଘର ଭିତରକୁ ଯାଇ ଚାହା ପିଇପାରିବେ । ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ସେହି ଘର ଭିତରକୁ ଯିବା ପାଇଁ ବୁଡ଼ାଳିମାନେ ପିନ୍ଧୁଥିବା ପୋଷାକ ପିନ୍ଧି ଏବଂ ଅମ୍ଳଜାନ ସିଲିଣ୍ଡର୍ ନେଇ ଯିବାକୁ ହେବ । ଭିତରେ ପଡ଼ିଛି ଟେବଲ୍ ଓ ଚୌକି ଆଦି । ପେସାଦାର ବୁଡ଼ାଳିମାନେ ସେଠାରେ ଚାହା ଯୋଗାଇଦେବେ । ଆଉ ଯଥେଷ୍ଟ ସାହସ ଥିଲେ ସାର୍କଙ୍କ ମେଳରେ ଚାହାର ମଜା ନେଇପାରିବେ । ସାର୍କଙ୍କୁ ଆମେ ଯେତେ ହିଂସ୍ର ଭାବୁଛେ, ସେମାନେ ସେତେ ହିଂସ୍ର ନୁହନ୍ତି; ଏହା ଦେଖାଇବା ପାଇଁ ଏହି ବ୍ୟବସ୍ଥା । ସେଠାରେ ବ୍ଲାକ୍ ଟିପ୍ ରିଫ୍, ନର୍ସ୍, ବ୍ରାଉନ୍, ସ୍ୟାଣ୍ଡ ଟାଇଗର୍, ଜେବ୍ରା ଏବଂ ବୋମାଉଥ୍ ଗିଟାର୍ ପ୍ରଜାତିର ଭୟଙ୍କର ସାର୍କ୍ ଛଡ଼ାଯାଇଛି ।



# ଜୀବନ ନେଉଥିବା ଗଛ



ମାନବ ଜୀବନ ପାଇଁ ଗଛ ପତ୍ରର ମୁଖ୍ୟ ଯୋଗଦାନ ରହିଛି । ଗଛ ବିନା ଜୀବନର କଳ୍ପନା ମଧ୍ୟ କରାଯାଇ ପାରିବ ନାହିଁ । କିନ୍ତୁ ପୃଥିବୀପୃଷ୍ଠରେ ଏପରି ଗଛ ଅଛି ଯାହାକି ମଣିଷର ଜୀବନ ମଧ୍ୟ ନେଇଥାଏ । ଏପରି ଏକ ଗଛର ନାମ ସରବେରା ଓଡୋଲୋମ । ଏହା ଦେଖିବାକୁ ଯେତେ ସୁନ୍ଦର ଓ ଆକର୍ଷକ ସେତେ ବିପଦଜନକ ମଧ୍ୟ । ଭାରତ ସହିତ ଦକ୍ଷିଣ-ପୂର୍ବ ଏସିଆର କିଛି ଅନ୍ୟ ଦେଶରେ ଏହି ଗଛ ଦେଖିବାକୁ ମିଳିଥାଏ । ଏହାର ଉପଯୋଗରେ ମଣିଷର ଜୀବନ ଚାଲିଯାଏ । ଏପରି ମାନ୍ୟତା ରହିଛି ଯେ ଏହି ଗଛ ପ୍ରତ୍ୟେକ ସପ୍ତାହରେ ଅତି କମରେ ଜଣେ ବ୍ୟକ୍ତିର ଜୀବନ ନେଇଥାଏ । ପରୀକ୍ଷାରୁ ଜଣାପଡ଼ିଛି ବିଶ୍ୱର ଅନ୍ୟ ବିଷାକ୍ତ ଗଛ ଅପେକ୍ଷା ସରବେରା ଓଡୋଲମ ସବୁଠାରୁ ଅଧିକ ବିଷାକ୍ତ । ଏହାର ମଂଜି ସରବେରିନ୍ ନାମକ ତତ୍ତ୍ୱରୁ ମିଳିଥାଏ । ଏହାର କମ୍ ମାତ୍ରା ଶରୀର ମଧ୍ୟକୁ ଗଲେ କିଛି ମିନିଟ୍ ମଧ୍ୟରେ ପେଟ ଓ ମୁଣ୍ଡ ବିନ୍ଧିବା, ବାନ୍ତି ହେବା, ଡାଇରିଆ ଓ ପରେ ଏହା ଏଞ୍ଜାଇମସ୍ ଓ ହୃଦୟର କାର୍ଯ୍ୟପ୍ରଣାଳୀକୁ ପ୍ରଭାବିତ କରେ ଓ କିଛି ଘଂଟା ପରେ ମଣିଷର ମୃତ୍ୟୁ ହୁଏ । ଯଦି କେହି ଏହାକୁ ଖାଇ ଦିଅନ୍ତି ତେବେ ଏହା ଜାଣିବା ମୁସ୍କିଲ ହୁଏ ଯେ ଏହି ବ୍ୟକ୍ତିର ମୃତ୍ୟୁ ପଛର କାରଣ କଣ । ଭାରତରେ ଏହି ଗଛକୁ 'ସୁଇସାଇଡ୍ ଗଛ' ବୋଲି କୁହାଯାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୮ ଜାନୁଆରୀ ୨୦୨୧, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ନିଷ୍କର୍ଷ ବିନା ଶେଷ...

କେନ୍ଦ୍ର ସରକାର ଓ ଆନ୍ଦୋଳନରତ କୃଷକ ସଂଗଠନର ନେତାମାନଙ୍କ ମଧ୍ୟରେ ସୋମବାର (ଜାନୁଆରୀ ୪ ତାରିଖ) ଦିନ ଅନୁଷ୍ଠିତ ସପ୍ତମ ପର୍ଯ୍ୟାୟ ଆଲୋଚନା କୌଣସି ନିଷ୍କର୍ଷ ବିନା ଶେଷ ହୋଇଛି। କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଓ ସରକାରଙ୍କ ଅନ୍ୟ ପ୍ରତିନିଧି ଏବଂ ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତୃବର୍ଗଙ୍କ ମଧ୍ୟରେ ସାରା ଦିନ ଆଲୋଚନା ସତ୍ତ୍ୱେ କୌଣସି ସମାଧାନ ପନ୍ଥା ବାହାରି ନପାରିବା ବାସ୍ତବିକ ପରିତାପର ବିଷୟ। ଇତିପୂର୍ବରୁ ଆଉ ଛଅ ପର୍ଯ୍ୟାୟ ଆଲୋଚନା ମଧ୍ୟ ଉଭୟ ପକ୍ଷଙ୍କ ମଧ୍ୟରେ ହୋଇଥିଲା ଓ ସେଥିରେ ସମଫଳ ଦେଖିବାକୁ ମିଳିଥିଲା। କୃଷକ ଆନ୍ଦୋଳନ ପ୍ରସଙ୍ଗ ଉପରେ ଏବେ ସାରା ଦେଶର ଜନତାଙ୍କ ଦୃଷ୍ଟିତ ନିବଦ୍ଧ। ପ୍ରତି ରାଉଣ୍ଡ ଆଲୋଚନା ପୂର୍ବରୁ ସମସ୍ତେ ଆଶା କରନ୍ତି ଯେ, ଏଥିର କିଛି ନା କିଛି ସହମତ ଓ ସମାଧାନ ପନ୍ଥା ବାହାରିବ। କିନ୍ତୁ ଆଲୋଚନା ପରେ ସେପରି କିଛି ଘଟିବା ସୂଚିତ କରେ ଯେ ଉଭୟ ପକ୍ଷଙ୍କୁ ନିଜ ନିଜ ଆଭିମୁଖ୍ୟରେ କିଛି ପରିବର୍ତ୍ତନ ଘଟାଇବା ଆବଶ୍ୟକ। କୃଷିମନ୍ତ୍ରୀ ଶ୍ରୀ ତୋମାର ଏହି ପର୍ଯ୍ୟାୟ ଆଲୋଚନା ଶେଷ ହେବାପରେ କହିଛନ୍ତି ଯେ, ଦୁଇ ହାତରେ ତାଳି ବାଜେ। ତେଣୁ ଉଭୟ ପକ୍ଷଙ୍କୁ ସକରାତ୍ମକ ମନୋଭାବ ଏବଂ ପରସ୍ପରର ବିଶ୍ୱାସଭାଜନ ହେବାଭଳି ମନୋଭାବର ସହ ଆଲୋଚନା ଟେବୁଲରେ ମିଳିତ ହେବା ଉଚିତ୍। ସଂସାରରେ ଏଭଳି କୌଣସି ସମସ୍ୟା ନାହିଁ ଯାହାର ସମାଧାନ ପନ୍ଥା ନାହିଁ। କେବଳ ଯାହା ସେହି ପନ୍ଥା ବାହାର କରିବାର ମାନସିକତା ପ୍ରଦର୍ଶନ କରିବା ଦରକାର। କେନ୍ଦ୍ର ସରକାରଙ୍କ ଦ୍ୱାରା ସଂପ୍ରତି ଗ୍ରହଣ କରାଯାଇଥିବା ତିନୋଟି କୃଷି ସଂସ୍କାର ଆଇନକୁ ନେଇ ଏହି ମତଭେଦ ସୃଷ୍ଟି। ଏହି ଆଇନ୍ ତିନୋଟିକୁ ରଦ୍ଦ କରିବା ଦାବିରେ ହଜାର ହଜାର କୃଷକ ଦିଲ୍ଲୀର ବିଭିନ୍ନ ପ୍ରବେଶ ପଥରେ ପ୍ରାୟ ଏକମାସ ଧରି ବିକ୍ଷୋଭ ଧର୍ମଘଟ କରିବାରେ ଲିପ୍ତ ରହିଛନ୍ତି। ସେମାନେ ଏହି ଆଇନ୍ ରଦ୍ଦ ସହ ସରକାରଙ୍କଠାରୁ ଏମଏସପି ବ୍ୟବସ୍ଥାକୁ ଜାରି ରଖିବା ସକାଶେ ଆଇନଗତ ଗ୍ୟାରେଂଟି ଚାହାଁନ୍ତି। ସରକାର ଆଇନକୁ ରଦ୍ଦ କରିବା ପରିବର୍ତ୍ତେ ଆଇନରେ ଥିବା ପ୍ରତ୍ୟେକ ଧାରା ଉପରେ ଆନ୍ଦୋଳନରତ କୃଷକ ନେତାଙ୍କ ସହ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଛନ୍ତି ଏବଂ ଏମଏସପି ବ୍ୟବସ୍ଥା କାଏମ ରହିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଉଭୟପକ୍ଷଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ଏକ ସୌହାର୍ଦ୍ଦ୍ୟର ବାତାବରଣ ସୃଷ୍ଟି ହୋଇନଥିବା ସ୍ପଷ୍ଟ କରେ ଯେ, କେହି କାହାକୁ ବିଶ୍ୱାସକୁ ନେବାକୁ ନାରାଜ। ଅନ୍ୟଥା, ଏକାଧିକ ପର୍ଯ୍ୟାୟ ଆଲୋଚନା ବେଳେ ଏବଂ ମଧ୍ୟାହ୍ନ ବିରତି ସମୟରେ ଏକତ୍ର ବସି ଭୋଜନ କରିବା କିମ୍ବା ଆଣଆନୁଷ୍ଠାନିକ ଭାବେ ଭଲମନ୍ଦ ପଚରା ପଚାରି ହେବାଭଳି ସ୍ୱାଭାବିକ ଘଟଣା ଦେଖିବାକୁ ମିଳିଥାନ୍ତା। ଏହା ସତ୍ୟ ଯେ, ଉଭୟ ପକ୍ଷ ପରସ୍ପରଠାରୁ ନିରାପଦ ଦୂରତା ରକ୍ଷାକରି ଆଲୋଚନା ପାଇଁ ଏକତ୍ରିତ ହେଉଛନ୍ତି। ଉପୃନ୍ନ ପ୍ରସଙ୍ଗଟିରେ କୃଷକମାନଙ୍କ ସ୍ୱାର୍ଥ ନିହିତ। ଅନ୍ୟ ଅର୍ଥରେ କହିବାକୁ ଗଲେ, ଜାତୀୟ ସ୍ୱାର୍ଥ ନିହିତ। ପୁଣି ଉଭୟ ପକ୍ଷଙ୍କ ଦାବି ଯେ, କୃଷକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସେମାନଙ୍କର ଏହି ପଦକ୍ଷେପ। ତେବେ ସମସ୍ୟାଟି ରହିଲା କେଉଁଠି ? କହିବା ବାହୁଲ୍ୟ, ଏପର୍ଯ୍ୟନ୍ତ କୃଷକ ଆନ୍ଦୋଳନରେ ପ୍ରାୟ ୬୦ଜଣ ସରିକି ଚାଷୀ ପ୍ରାଣ ହରାଇ ସାରିଲେଣି। ଆନ୍ଦୋଳନରତ କୃଷକମାନେ ହାଡ଼ଭଙ୍ଗା ଶୀତ ଓ ବର୍ଷାରେ ଅସହ୍ୟ କଷ୍ଟ ଭୋଗୁଛନ୍ତି। ସେମାନଙ୍କ ପାଇଁ ଜନସାଧାରଣ ଓ ସରକାର ମଧ୍ୟ ସମବେଦନା ପ୍ରକଟ କରୁଛନ୍ତି। କିନ୍ତୁ ଆଲୋଚନା ଟେବୁଲରେ ସମସ୍ୟାର ସମାଧାନ ହୋଇପାରୁନାହିଁ। କେହି କାହାରି ସର୍ତ୍ତ ଗ୍ରହଣ କରିବାକୁ ନାରାଜ। ସମସ୍ୟାଟି ଯେତିକି ପୁରୁଣା ହେଉଛି, ତାହା ସେତିକି ଜଟିଳ ପାଲଟିବା ପରି ମନେହୁଏ। ଆପୋସ ସମାଧାନର ପନ୍ଥା ଖୋଜି ବାହାର କରିବା ସକାଶେ ବିଚାରାଳୟ ମଧ୍ୟ ଏଥିରେ ହସ୍ତକ୍ଷେପ କରିଛନ୍ତି। ଏହିସବୁ ଘଟଣାକୁ ଲକ୍ଷ୍ୟ କଲେ, ଯେକେହି ସ୍ୱୀକାର କରିବେ ଯେ, ଏହି ସମସ୍ୟାର ଯଥାଶୀଘ୍ର ସମାଧାନ ଘଟୁ। ଏଥିରେ ପୂର୍ଣ୍ଣଛେଦ ପଡୁ। ସୌଭାଗ୍ୟର କଥା, ଉଭୟ ପକ୍ଷ ପୁଣିଥରେ ଆଜି (ଜାନୁଆରୀ ୮ ତାରିଖ) ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନାରେ ମିଳିତ ହେବାକୁ ସହମତ ହୋଇଛନ୍ତି। ଆଶା କରିବା କଥା, ଅଷ୍ଟମ ପର୍ଯ୍ୟାୟରୁ କିଛି ନିଷ୍କର୍ଷ ବାହାରି ପାରିବ।

# ବିଦ୍ୟାଳୟ ଖୋଲିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ

**ଶରତ କୁମାର ଦାସ**

ଦୀର୍ଘ ନଅମାସ ଧରି ଶିକ୍ଷା କ୍ଷେତ୍ରରେ ଲାଗି ରହିଥିବା ଅଚଳାବସ୍ଥା ଦୂର ହେବାକୁ ଯାଉଛି । ରାଜ୍ୟ ସରକାର ରାଜ୍ୟର ସମସ୍ତ ସରକାରୀ ,ସରକାରୀ ଅନୁଦାନପ୍ରାପ୍ତ ଓ ଘରୋଇ ଶିକ୍ଷାନୁଷ୍ଠାନ ଯଥା- ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବା ନିଷ୍ପତ୍ତିକୁ ଏକ ସ୍ୱାଗତ ଯୋଗ୍ୟ ନିଷ୍ପତ୍ତି ରୂପେ ସବୁ ମହଲରେ ସ୍ୱାଗତ କରାଯାଇଛି । ସରକାରଙ୍କ ନିଷ୍ପତ୍ତି କ୍ରମେ ଆସନ୍ତା ଜାନୁଆରୀ ୮ ରୁ ସ୍କୁଲ୍ ଓ ୧୧ ରୁ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲାଯିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଏହାଦ୍ୱାରା ଶିକ୍ଷକ, ଅଭିଭାବକ, ଛାତ୍ରଛାତ୍ରୀ ତଥା ସାଧାରଣ ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ରାଜ୍ୟରେ କରୋନା ସ୍ଥିତି ସୁଧୁରିଥିବାରୁ ଛାତ୍ରଛାତ୍ରୀଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ଗଣଶିକ୍ଷା ଓ ଉଚ୍ଚଶିକ୍ଷା ବିଭାଗ ଏଭଳି ନିଷ୍ପତ୍ତି ନେବା ନିର୍ଣ୍ଣିତ ରୂପେ ପ୍ରଶଂସନୀୟ । ମାତ୍ର ଆମ ସମସ୍ତଙ୍କୁ ମନେ ରଖିବାକୁ ପଡିବ ଯେ ବିପଦ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଟଳିନାହିଁ। ବାରହାତର ଖଣ୍ଡ ଏବେବି ଆମ ସମସ୍ତଙ୍କ ମୁଣ୍ଡ ଉପରେ ଝୁଲୁଛି। ଇଂଲଣ୍ଡରେ ଆରମ୍ଭ ହୋଇଥିବା କରୋନାର ଦ୍ୱିତୀୟ ଲହର ଯେପରି ଓଡିଶା କିମ୍ବା ଭାରତର ମାଟି ନ ଛୁଉଁ ସେଥିପ୍ରତି ଆମ ସମସ୍ତଙ୍କୁ ଯତ୍ନବାନ ହେବାକୁ ପଡିବ ।

ନୂଆବର୍ଷର ଆରମ୍ଭରୁ ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାଙ୍କ ପାଇଁ ସ୍କୁଲ ଖୋଲିବାକୁ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି ଏବଂ ଏହାର ଦୁଇଦିନ ପରେ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବାର ନିଷ୍ପତ୍ତି ଏକାନ୍ତ ଗୁରୁତ୍ୱ ପୂର୍ଣ୍ଣ ମନେହୁଏ । ଇତିମଧ୍ୟରେ କର୍ଣ୍ଣାଟକ, ଉତ୍ତରପ୍ରଦେଶ, ମଧ୍ୟ ପ୍ରଦେଶ, ବିହାର, ପୁଡୁଚେରି, ମହାରାଷ୍ଟ୍ର ଆଦି ରାଜ୍ୟରେ ମଧ୍ୟ ଆଂଶିକ ଭାବେ ବିଦ୍ୟାଳୟ ଖୋଲାଯାଇଛି ।ଆସାମରେ ପ୍ରଥମ ଶ୍ରେଣୀରୁ ପିଲାଙ୍କୁ ସ୍କୁଲ୍ ଆସିବାକୁ ଅନୁମତି ଦିଆଯାଇଛି । ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଜାନୁଆରୀ ୮ ରୁ ଏପ୍ରିଲ ୨୨ ପର୍ଯ୍ୟନ୍ତ ଏବଂ ଉଚ୍ଚ ମାଧ୍ୟମିକ ପରିଷଦର ପରୀକ୍ଷା ଦେବା ନିମନ୍ତେ ଦ୍ୱାଦଶ ଶ୍ରେଣୀର ପିଲାଙ୍କୁ ଜାନୁଆରୀ ୮ ରୁ ଏପ୍ରିଲ ୨୮ ପର୍ଯ୍ୟନ୍ତ ପାଠ ପଢା ହେବ । ମୋଟ ୧୦୦ ଦିନ ପାଠପଢାହେବ।ଏପରିକି ଶନିବାର ଓ ରବିବାର ମଧ୍ୟ ସ୍କୁଲ୍ ଖୋଲାଯିବ । ମେ ୩ ରୁ ମାଟ୍ରିକ ଓ ମେ ୧୫ରୁ ଯୁକ୍ତ ଦୁଇ ପରୀକ୍ଷା ଅନୁଷ୍ଠିତ ହୋଇ ଖୁବ୍ ଶିଘ୍ର ଫଳ ପ୍ରକାଶ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଅନ୍ୟ ପକ୍ଷରେ ଉଚ୍ଚଶିକ୍ଷା ବିଭାଗର ସୂଚନା ଅନୁଯାୟୀ ପ୍ରାରମ୍ଭିକ ପର୍ଯ୍ୟାୟରେ ଶେଷବର୍ଷ ଛାତ୍ରଛାତ୍ରୀଙ୍କ ଶ୍ରେଣୀଗୃହ ପାଠ ପଢା ଓ ପରୀକ୍ଷା ଅନୁଷ୍ଠିତ ହେବ। ଏ ନେଇ ବିଭାଗ ପକ୍ଷରୁ ଏକାଡେମିକ କ୍ୟାଲେଣ୍ଡର୍ ସହ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ନିୟମକୁ ଆଧାର କରି କୋଭିଡ-୧୯ ନିୟମାବଳୀକୁ କଡାକଡି ପାଳନ କରାଯାଇ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଖୋଲିବ।ଶିକ୍ଷାନୁଷ୍ଠାନ ଗୁଡିକ ପାଇଁ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି । ଅବଶ୍ୟ ସାମ୍ପ୍ରତିକ ପରିସ୍ଥିତିରେ ପିଲାଙ୍କ ସୁରକ୍ଷା ବ୍ୟବସ୍ଥାକୁ ସର୍ବାଧିକ ଅଗ୍ରାଧିକାର ଦିଆଯିବା ସ୍ୱାଭାବିକ ।

ଗତବର୍ଷ ମାର୍ଚ୍ଚ ମାସରୁ ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ଥିବାରୁ ଛାତ୍ରଛାତ୍ରୀମାନେ ଶେଣୀଗୃହ ପାଠପଢାରୁ ବଂଚିତ ହୋଇଛନ୍ତି । କୋଭିଡ କଟକଣା ଭିତରେ ସେମାନେ କିପରି ସୁରକ୍ଷିତ ବାତାବରଣରେ ସେହି ଶ୍ରେଣୀଗୃହ ଗୁଡିକରେ ବସି ପାଠ ପଢିପାରିବେ ତାହା ଏକ ଚିନ୍ତାର ବିଷୟ ।ସରକାର ଯେଉଁ ମାର୍ଗଦର୍ଶିକା ଜାରି କରିଛନ୍ତି ତାହା କେତେଦୂର ଶ୍ରେଣୀ ପ୍ରକୋଷ୍ଠରେ ଅନୁପାଳନ ପୂର୍ବକ ଶିକ୍ଷାଦାନ କାର୍ଯ୍ୟ ସମ୍ପନ୍ନ ହେବ ତାହା ବି ଆଲୋଚନାର ବିଷୟ ।ମାତ୍ର ଏ ସଙ୍କଟଜନକ ପରିସ୍ଥିତିରେ କୋଭିଡ ନିୟମର ଅନୁପାଳନ ଉଭୟ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ । କାରଣ କୋମଳମତି ଛାତ୍ରଛାତ୍ରୀଙ୍କ ଜୀବନ ଅତି ମୂଲ୍ୟବାନ । ତେଣୁ ଯେକୌଣସି ପରିସ୍ଥିତିରେ ସେମାନଙ୍କ ସୁରକ୍ଷା ସର୍ବାଧିକ ଗୁରୁତ୍ୱ ବହନ କରେ ।

ଏହାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ କୋଭିଡ ନିୟମର ଅନୁପାଳନ ପାଇଁ ଶିକ୍ଷାନୁଷ୍ଠାନଗୁଡିକର ଭିତ୍ତିଭୂମି କେତେଦୂର ଉପଯୁକ୍ତ ଏ ବିଷୟରେ ସରକାର ସବିଶେଷ ଧ୍ୟାନ ଦେବା ଉଚିତ୍ । ସ୍କୁଲ ବା କଲେଜ ଆସିବା ସମୟରେ ସମସ୍ତେ କିଭଳି ମାସ୍କ ପିନ୍ଧିବେ ଓ ହାତ ଧୋଇବେ ତାହା ସଂପୃକ୍ତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କର ଦେଖିବା ଜରୁରୀ । ପିଲାଙ୍କ ହାତଧୋଇବା ଓ ବିଶୋଧନ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷ ଯଥେଷ୍ଟ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ। ଏତଦବ୍ୟତୀତ ବିଦ୍ୟାଳୟ ହତାର ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯିବା ମଧ୍ୟ ଉଚିତ। ଗୋଟିଏ ସ୍ଥାନରେ ଅଧିକ ପିଲା ବା ଶିକ୍ଷକଶିକ୍ଷୟିତ୍ରୀ ଏକାଠି ହେବେ ନାହିଁ । ଖେଳ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ ହେବନାହିଁ । ଶ୍ରେଣୀଗୃହରେ ୨୦ ରୁ ୨୫ ପିଲା ବସିବା ବ୍ୟବସ୍ଥା ସ୍ୱାଗତ ଯୋଗ୍ୟ ।

ମାତ୍ର ଏହାର ବାସ୍ତବ ଦିଗକୁ ଦେଖିବାକୁ ପଡିବ । ରାଜ୍ୟରେ ଶିକ୍ଷକମାନଙ୍କର ଯଥେଷ୍ଟ ଅଭାବ ରହିଛି । ଏପରିକି ଦୁଇ ତିନିଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଥିବାର ଉଦାହରଣ ରହିଛି । ଅନେକ ସ୍କୁଲରେ ମଧ୍ୟ ଗଣିତ,ଇଂରାଜୀ ଓ ବିଜ୍ଞାନ ଶିକ୍ଷକ ନାହାଁନ୍ତି । ତେବେ ଏ ପ୍ରତିକୂଳ ପରିସ୍ଥିତିରେ ୨୦ ରୁ୨୫ ପିଲାଙ୍କୁ ନେଇ ଶ୍ରେଣୀ ସଂଖ୍ୟାକୁ ବୃଦ୍ଧିକରାଯାଇ କିପରି ପାଠ ପଢା ହେବ ତାହା ଚିନ୍ତାର ବିଷୟ । ପୁନଶ୍ଚ ସପ୍ତାହ ସାରା ଏପରିକି ରବିବାର ଯଦି କାର୍ଯ୍ୟ ଦିବସ ହୁଏ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ମାନସିକ ସନ୍ତୁଳନ ହ୍ରାସ ପାଇବାର ସମ୍ଭାବନା ରହିଛି । ତେଣୁ ଓଡିଶାର ସର୍ବବୃହତ୍ ଶିକ୍ଷକ ସଂଗଠନ 'ଓଷ୍ଟା' ନୂତନ ଶିକ୍ଷକ ବିଶେଷ କରି ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ସହିତ ରବିବାର ଦିନକୁ କାର୍ଯ୍ୟ ଦିବସ ରୁ ବାଦ୍ ଦେବା ପାଇଁ ସରକାରଙ୍କୁ ଅନୁରୋଧ କରିବା ସହିତ ଦାବି ଉପସ୍ଥାପନ କରିଛି । ସରକାର ଏ ଯଥାର୍ଥ ଦାବିକୁ ଛାତ୍ରଛାତ୍ରୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସହୃଦୟ ସହିତ ବିଚାର କରିବା ଏକାନ୍ତ ଆବଶ୍ୟକ ।

ଏ ନିଷ୍ପତ୍ତିର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସରକାର ଶ୍ରେଣୀଗୃହ ପାଠପଢାକୁ ବାଧ୍ୟତାମୂଳକ କରିନାହାଁନ୍ତି ।

କୌଣସି ଛାତ୍ରଛାତ୍ରୀଙ୍କୁ ଏ ସଂକ୍ରାନ୍ତରେ ବାଧ କରାଯାଇପାରିବ ନାହିଁ । ଛାତ୍ରଛାତ୍ରୀ ଚାହିଁଲେ ସେମାନଙ୍କ ଅଭିଭାବକଙ୍କ ସହମତିରେ ଶ୍ରେଣୀଗୃହରେ ଶିକ୍ଷା ଗ୍ରହଣର ସୁଯୋଗ ପାଇପାରିବେ । ଯେଉଁମାନେ ଅନୁପସ୍ଥିତ ରହିବେ ସେମାନଙ୍କ ପାଇଁ ପୂର୍ବପରି ଅନ୍ ଲାଇନ୍ ପାଠ ପଢା ଜାରି ରହିବା ସହିତ ଆବଶ୍ୟକ ସ୍ଥଳେ ଶ୍ରେଣୀଗୃହ ପାଠପଢାର ରେକର୍ଡ ଭର୍ସନ ମଧ୍ୟ ରହିବ। ଏ ସମ୍ପର୍କରେ ସ୍ୱତଃ ଏକ ପ୍ରଶ୍ନ ମନକୁ ଆସେ ଯେ ଜଣେ ଶିକ୍ଷକ ବା ଶିକ୍ଷୟିତ୍ରୀ ଉଭୟ ଅନ୍ ଲାଇନ୍ ଓ ଅଫ୍ ଲାଇନ୍ ପାଠ ପଢା ମଧ୍ୟରେ କିଭଳି ତାଳ ମେଳ ରଖିପାରିବେ । ଅପରପକ୍ଷରେ ସମୟ ଖୁବ୍ କମ୍ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ମଧ୍ୟ ଗୁରୁତ୍ୱ ଦେବା ବାଂଛନୀୟ । ଖୁବ୍ କମ୍ ସମୟ ମଧ୍ୟରେ ନିର୍ଦ୍ଧାରିତ ପାଠ୍ୟଖସଡା ସାରିବାକୁ ପଡିବ,ଯାହାକି ଉଭୟ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ ଆହ୍ୱାନ ।

ଏ ସବୁ କିଭଳି ସମ୍ଭବ ତାହା ବିଚାର କରିବା ମଧ୍ୟ ଆବଶ୍ୟକ । ପିଲାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏ ପାଇଁ ନୂଆ ତରିକା ଆପଣାଇବାକୁ ପଡିବା ସହିତ କଠିନ ପରିଶ୍ରମ କରିବାକୁ ହେବ ।

ଯାହା ହେଉନା କାହିଁକି ଏ କଠିନ ଆହ୍ୱାନକୁ ସମ୍ମାନର ସହିତ ଗ୍ରହଣକରି ଆମ ସମସ୍ତଙ୍କୁ ଆଗେଇବାକୁ ପଡିବ। ଦେଶର ଯେଉଁମାନେ ଭବିଷ୍ୟତ ସେମାନଙ୍କ ସ୍ୱାର୍ଥରେ ଯେ ତିଳେ ମାତ୍ର ପ୍ରତିବନ୍ଧକ ସୃଷ୍ଟି ନହେଉ ସରକାର ତାଙ୍କର ନିଷ୍ପତ୍ତିରେ ସ୍ପଷ୍ଟ କରିଛନ୍ତି । କେବଳ ଓଡିଶାରେ ନୁହେଁ ସମଗ୍ର ଭାରତ ବର୍ଷରେ ଅନ୍ ଲାଇନ୍ ପାଠ ପଢା ଯେ ସନ୍ତୋଷଜନକ ହୋଇପାରୁନାହିଁ ତାହା ମଧ୍ୟ ସ୍ପଷ୍ଟ ସୂଚନା ମିଳେ । ଶିକ୍ଷକ-ଛାତ୍ରର ଯେଉଁ ପାରସ୍ପରିକ ସମ୍ବନ୍ଧ ତାହା ଅନ୍ ଲାଇନ୍ ପାଠ ପଢାରେ ଆଦୌ ସମ୍ଭବପର ନୁହେଁ । ଦେଶର ୬୦ ହଜାର ପିଲାଙ୍କୁ ନେଇ କରାଯାଇଥିବା ଏକ ଫୋନ୍ ସର୍ବେକ୍ଷଣ ଅନୁସାରେ ଏକ-ତୃତୀୟଂଶ ଛାତ୍ରଛାତ୍ରୀ ଅନ୍ ଲାଇନ୍ କ୍ଲାସ କରିପାରିନାହାଁନ୍ତି । ଅପରପକ୍ଷରେ ମାତ୍ର ୧୧ ଶତାଂଶ ପିଲା ଲାଇଭ ଅନ୍ ଲାଇନ୍ କ୍ଲାସ ରେ ଯୋଗ ଦେଇଥିଲେ ।

ଏହି ତଥ୍ୟ ସୂଚାଇ ଦିଏ ଯେ କେବଳ ଓଡିଶାରେ ନୁହେଁ ସମଗ୍ର ଭାରତ ବର୍ଷରେ ଏକ ଡିଜିଟାଲ୍ ବୈଷମ ସୃଷ୍ଟି ହୋଇଛି ,ଯାହାକି ଛାତ୍ରଛାତ୍ରୀଙ୍କ ପାଇଁ ବିପଦଜନକ ଅଟେ ।

ଏହି ବୈଷମ କିଭଳି ଦୂର ହୋଇପାରିବ ତାହା ଦେଖିବା ଓ ତାହା ଦୂର କରିବା ପାଇଁ ବାସ୍ତବଧର୍ମୀ ପଦକ୍ଷେପ ଗ୍ରହଣ କରିବା ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ପାଇଁ ଏକ କଠିନ ଆହ୍ୱାନ କହିଲେ ଅତ୍ୟୁକ୍ତି ହେବନାହିଁ । ମାତ୍ର ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ଆମ ଶିକ୍ଷକଶିକ୍ଷୟିତ୍ରୀମାନେ ଅପୂର୍ବ ଦକ୍ଷତାର ଅଧିକାରୀ ଓ ଏକାନ୍ତ ଭାବେ ଦୂରଦର୍ଶୀ । ଯେକୌଣସି ନୂଆ ନୂଆ ପରିସ୍ଥିତିରେ ନୂଆ ନୂଆ ଆହ୍ୱାନ ଗ୍ରହଣ କରିଛନ୍ତି ଓ ସଫଳତା ମଧ୍ୟ ଅର୍ଜନ କରିଛନ୍ତି । ଆଗକୁ ମଧ୍ୟ କରିବେ । ସେମାନଙ୍କ କର୍ତ୍ତବ୍ୟପରାୟଣତା ଉପରେ ଆମକୁ ଭରସା ରଖିବାକୁ ପଡିବ। ଅନ୍ ଲାଇନ୍ କ୍ଲାସ ହେଉ ବା କୋଭିଡ ସମୟରେ ପରୀକ୍ଷା ପରିଚାଳନା କାର୍ଯ୍ୟ ହେଉ ବା ମୂଲ୍ୟାୟନ କାର୍ଯ୍ୟକ୍ରମ ହେଉ ଅବା ସରକାରଙ୍କ ନିର୍ଦ୍ଦେଶରେ ଅନ୍ୟ ଯେକୌଣସି କାର୍ଯ୍ୟ ହେଉ ସେମାନେ ଦକ୍ଷତା ତଥା ଦୂରଦୃଷ୍ଟିର ସହ ନିଜର ଦାୟିତ୍ୱ ସମ୍ପନ୍ନ କରିଛନ୍ତି । ସରକାରଙ୍କ ସମେତ ରାଜ୍ୟର ଜନସାଧାରଣ ଏହାର ପ୍ରତ୍ୟକ୍ଷଦର୍ଶୀ।

କୋଭିଡ ପରବର୍ତ୍ତୀ ସମୟରେ ଅସଜଡା ଶିକ୍ଷା ବ୍ୟବସ୍ଥାକୁ ସଜାଡିବା ପାଇଁ ଆମ ଶିକ୍ଷକଶିକ୍ଷୟିତ୍ରୀମାନେ ନିଶ୍ଚୟ ଆଗେଇ ଆସିବେ । ସମଗ୍ର ଛାତ୍ରସମାଜର ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ କାର୍ଯ୍ୟ କଲେ ପୁନଶ୍ଚ ଆମ ପିଲାମାନଙ୍କ ମୁହଁରେ ହସ ଫୁଟିବ। ସରକାର ଏ ଦିଗରେ ନିଷ୍ଠା ପ୍ରଦର୍ଶନ ପୂର୍ବକ ଆବଶ୍ୟକୀୟ ଭିତ୍ତିଭୂମି ଓ ସୁବିଧା ସୁଯୋଗ ଯୋଗାଇ ଦେବା ଏକାନ୍ତ ଆବଶ୍ୟକ । କାରଣ ସରକାରଙ୍କ ନୀତିଗତ ନିଷ୍ପତ୍ତି ଓ ଏହା ପ୍ରତି ନିଜର ଦାୟିତ୍ୱବୋଧତା ଦେଶର ମାନବ ସମ୍ବଳ ବିକାଶରେ ନିଶ୍ଚୟ ସାହାଯ୍ୟ କରିବ।ଏଥିରେ ଆଦୌ ସନ୍ଦେହ ନାହିଁ ।

ପରିଶେଷରେ ଗୋଟିଏ ବାକ୍ୟରେ କୁହାଯାଇପାରେ ଯେ ଶିକ୍ଷାନୁଷ୍ଠାନ ଖୋଲୁ; ମାତ୍ର ପିଲାମାନଙ୍କ ଜୀବନର ସୁରକ୍ଷା ପ୍ରତି ସରକାର ସମ୍ପୂର୍ଣ୍ଣ ଧ୍ୟାନ ଦିଅନ୍ତୁ ।


+ବଡବିଲ ମହାବିଦ୍ୟାଳୟ, ବଡବିଲ

ଜିଲ୍ଲା-କେନ୍ଦୁଝର

ମୋ-୮୨୪୯୧୩୭୦୯୧


# ସୁଖମୟ ଜୀବନର ଚାବି ନୈତିକତା



**ଡକ୍ଟର ଶ୍ରୀହରି ପଣ୍ଡା**

ନୈତିକତା ଏକ ମୂଲ୍ୟବାନ ଭାବନା। ସଭ୍ୟ ଜୀବନଧାରାର ଏହାର ଆଚରଣ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଏହା ସମାଜ ପାଇଁ ମଙ୍ଗଳକର ଓ ଏକ ଗୁଣାତ୍ମକ ଜୀବନର ମାନଦଣ୍ଡ । ବ୍ୟକ୍ତି ଓ ଗୋଷ୍ଠୀ ଜୀବନରେ ନୈତିକ ଆଦର୍ଶର ପ୍ରତିଫଳନ ଯୋଗୁଁ ସାମାଜିକ ସମ୍ବନ୍ଧ ଅର୍ଥପୂର୍ଣ୍ଣ ହେବା ସହ ସୁଖ, ଶାନ୍ତିର ପରିବେଶ ଆସିଥାଏ । ନୈତିକ ଦୃଷ୍ଟିଭଙ୍ଗୀର ବ୍ୟାପକତାଦ୍ୱାରା ସାମାଜିକ ସଂହତି ସୁଦୃଢ ଭିତ୍ତି ନେଇଥାଏ , ଏହାର ଅଭାବରେ ସ୍ଥିରତା, ସଂହତି, ଉତ୍କର୍ଷ, ପ୍ରୀତିପୂର୍ଣ୍ଣ ସମ୍ବନ୍ଧ ଓ ସୁଖ-ଶାନ୍ତି ବାଧାପ୍ରାପ୍ତ ହୋଇଥାଏ । ଜଣେ ବ୍ୟକ୍ତିର ବ୍ୟକ୍ତିତ୍ୱ ତାର ନୈତିକ ଜୀବନରୁ ହିଁ ଜଣାପଡେ । କ୍ଷମତା, ଯଶ ଓ ପ୍ରତିଷ୍ଠା ମୂଳରେ ଏହି ନୈତିକତା ଏକ ଶକ୍ତିଶାଳୀ ଆଧାର । ସାଧାରଣତଃ ଆମେ ନୀତିବାଦୀ କହିଲେ 'ଭଲବ୍ୟକ୍ତି' ଓ ଅନୈତିକ କହିଲେ 'ମନ୍ଦବ୍ୟକ୍ତି' ବୁଝିଥାଉ । ବୈଚାରିକ ଦୃଷ୍ଟିରୁ ବିଚାରକଲେ ନୈତିକତାର ଅର୍ଥ ଯଥାର୍ଥ ଓ ମଙ୍ଗଳକର ଏବଂ ଅନୈତିକର ଅର୍ଥ ଯାହା ଠିକ ନୁହେଁ ଓ ସମାଜ ପାଇଁ କ୍ଷତିକାରକ । ମାତ୍ର ପ୍ରତ୍ୟେକ ସମାଜରେ ସବୁସ୍ତରରେ ଯେ ନୈତିକତା ବା ନ୍ୟାୟର ପରିପ୍ରକାଶ ହେଉଥାଏ ଏହା କୁହାଯାଇପାରିବ ନାହିଁ । ସମାଜରେ ଅନ୍ୟାୟ, ଅନୀତି ରହିବା ଏକ ସାଧାରଣ ଘଟଣା । ଏହାକୁ ସମାଜ ବା ରାଷ୍ଟ୍ର ପ୍ରୋତ୍ସାହନ ଦେଇନଥାଏ । ଅନୈତିକ ନୀତି ହୋଇଗଲେ ସମାଜରେ ବିଭ୍ରାଟ ଆସିଯାଏ ଏବଂ ସମାଜ କ୍ଷୟଶୀଳ ହୋଇପଡେ । ସମାଜରେ ଗ୍ରହଣ ହୋଇଥିବା ବ୍ୟବହାରକୁ ହିଁ ନୈତିକତା କୁହାଯାଇଥାଏ ଯାହା ବ୍ୟକ୍ତି, ଗୋଷ୍ଠୀ, ଧର୍ମ ଓ ବ୍ୟବସାୟ ମଧ୍ୟଦେଇ ଆସେ । ଇଛା, କାମନା, ଆବେଗ, ଭାବପ୍ରବଣତା, ପ୍ରେମାନୁଭୂତି ଇତ୍ୟାଦି ଭଳି ନୈତିକତା ମନୁଷ୍ୟର ସହଜାତ ଗୁଣ ନୁହେଁ । ବ୍ୟକ୍ତିର ନୈତିକ ଭାବନା ଜଟିଳ ସାମାଜିକ ସମ୍ବନ୍ଧ ଦେଇ ବିକଶିତ ହୋଇଥାଏ । ପାରିବାରିକ, ସାମାଜିକ, ଶୈକ୍ଷିକ ଓ ସାଂସ୍କୃତିକ ପରିବେଶରୁ ବ୍ୟକ୍ତି ନ୍ୟାୟ-ଅନ୍ୟାୟ, ଭଲ-ମନ୍ଦର ଧାରଣା ପାଇଥାଏ । ନୈତିକତାକୁ ନେଇ ବହୁ ଅମିମାଂସିତ ପ୍ରଶ୍ନ ଆସୁଥିଲେ ମଧ୍ୟ ନୈତିକ ଜୀବନ ହିଁ ବ୍ୟକ୍ତିକୁ ସୁଖ-ଶାନ୍ତି ପ୍ରଦାନ କରିଥାଏ । ଏହି ନୈତିକତାର ସ୍ୱରୂପ ସମ୍ପର୍କରେ ପାତଞ୍ଜଳି ତାଙ୍କ 'ଯୋଗସୂତ୍ର'ରେ ପରର ଅନିଷ୍ଟ ନକରିବା, ସତ୍ୟତା, ପବିତ୍ରତା, ଚୌର୍ଯ୍ୟବୃତ୍ତି ନକରିବା ଏବଂ ଉପହାର ଗ୍ରହଣ ନକରିବା ଇତ୍ୟାଦିକୁ ବର୍ଣ୍ଣନା କରିଛନ୍ତି । ପରର ଅନିଷ୍ଟ ନକରିବା ଅର୍ଥ କାୟ, ମନ ଓ ବାକ୍ୟରେ କାହାରି ଅନିଷ୍ଟ ବା ଦୁଃଖ ନପହଞ୍ଚାଇବା ଅର୍ଥାତ୍ ଅହିଂସା । ପରକୁ କଷ୍ଟ ଦେବା ଅର୍ଥ ନିଜକୁ କଷ୍ଟଦେବା କାରଣ ପ୍ରତ୍ୟେକ ବ୍ୟକ୍ତିର ଆତ୍ମା ସେହି ସାମଗ୍ରିକ ଆତ୍ମାର ଅଂଶବିଶେଷ ଯାହା ଅସୀମ । ଏଣୁ କାହା ପ୍ରତି ଦ୍ୱେଷ କରିବା ଅର୍ଥ ନିଜର ଅନିଷ୍ଟ ଚିନ୍ତା କରିବା । ନୈତିକତା ଦ୍ୱିତୀୟ ନିୟମଟି ସତ୍ୟତା ଯାହା ଅହିଂସାରୁ ଆସିଥାଏ । ମଣିଷ ମନରେ ଉଠୁଥିବା ଭାବନା, ବାକ୍ୟ ଓ କର୍ମ ସମାନ ହେଲେ ସତ୍ୟର ପରିପ୍ରକାଶ ହୋଇଥାଏ । ସତ୍ୟ ବହୁତ ସରଳ,ସୁନ୍ଦର ଓ ପ୍ରତ୍ୟକ୍ଷ କିମ୍ବା ଯାହା ଦ୍ୱାରା ଅସତ୍ୟର ଜ୍ଞାନ ହେଉଛି ତାହା ସତ୍ୟ । ଅସତ୍ୟ ଦ୍ୱାରା ଅସତ୍ୟର ଜ୍ଞାନ ହୁଏ ନାହିଁ । ସତ୍ୟ ବିନା ଅସତ୍ୟ ପ୍ରତୀତ ହୁଏ ନାହିଁ । ଯେତେବେଳେ ବ୍ୟକ୍ତି ସତ୍ୟରେ ସ୍ଥିତ ହୁଅନ୍ତି ସେତେବେଳେ ହିଁ ଅସତ୍ୟ ଅସତ୍ୟ ରୂପେ ଦେଖାଯାଏ । ଅସତ୍ୟ ଯାହା ଦ୍ୱାରା ବୋଧ ହୁଏ ତାହା ସତ୍ୟ । ଶୁଣିବା,ପଢିବା,ବିଚାର କରିବା ଦ୍ୱାରା ବ୍ୟକ୍ତିର ଯେଉଁ ଜ୍ଞାନ ହୁଏ,ସେହି ଜ୍ଞାନ ଯାହା ଦ୍ୱାରା ହୁଏ ତାହା ହିଁ ସତ୍ୟ । ତାହା ହିଁ ସବୁରି ପ୍ରକାଶକ ଓ ଆଧାର । ସେ ହେଉଛି ଜ୍ଞାନ ସ୍ୱରୂପ,ଚେତନ ସ୍ୱରୂପ ଓ ଆନନ୍ଦ ସ୍ୱରୂପ । ଏଣୁ ସତ୍ୟ କହିବା ଉଚିତ ଅବଶ୍ୟ ଅପ୍ରିୟ ସତ୍ୟ ନ କହିବା ଭଲ । ତୃତୀୟରେ ପବିତ୍ରତା ମନୁଷ୍ୟ ମନରେ ଶକ୍ତି ଭରିଦିଏ । ଏହି ଶକ୍ତି ହିଁ ତାକୁ ନୂତନ କର୍ମର ପ୍ରେରଣା ଦିଏ । ଚତୁର୍ଥରେ ଚୌର୍ଯ୍ୟବୃତ୍ତି ନକରିବା ଅର୍ଥାତ୍ ମନ ମଧ୍ୟରୁ ଲୋଭକୁ ପରିହାର କରିବା । ଲୋଭକୁ ପରିହାର କଲେ ମନୁଷ୍ୟ ସତପଥରେ ଚାଲିବାକୁ ପ୍ରେରଣା ପାଏ । ତା ମନ ମଧ୍ୟରେ ପ୍ରତିଯୋଗୀତାର ଭାବ କମିଯାଏ । ଚୌର୍ଯ୍ୟବୃତ୍ତି ଅର୍ଥାତ ଯେତିକି ଆବଶ୍ୟକ ତା'ଠାରୁ ଅଧିକ ଗ୍ରହଣ କରିବା । ଆବଶ୍ୟକତାଠାରୁ ଅଧିକ ମନୁଷ୍ୟ ମନରେ ଅହଂର ସୃଷ୍ଟି କରିଥାଏ ଏଣୁ ତା'ଠାରୁ ଦୂରେଇ ରହିବା ବାଞ୍ଛନୀୟ । ପଞ୍ଚମ ନିୟମଟି ହେଉଛି ଉପହାର ଗ୍ରହଣ ନକରିବା । ଉପହାର ଗ୍ରହଣ କରିବା ଅର୍ଥ ଦାତା ପ୍ରତି ଅନୁଗ୍ରହୀତ ରହିବା ଯାହାକି ଗ୍ରହୀତାର କାର୍ଯ୍ୟକୁ ପ୍ରଭାବିତ କରେ ଫଳରେ ଗ୍ରହୀତାର ପତନ ଘଟେ । ଏହି ସାଧାରଣ ନିୟମଗୁଡିକୁ ପାଳନ କଲେ ମନୁଷ୍ୟର ନୈତିକତାର ବିକାଶ ହୋଇଥାଏ ଏବଂ ସୁଖମୟ ଜୀବନ ବିତାଇବାର ସହାୟକ ହୋଇଥାଏ ।

॥ ଜୟ ଜଗନ୍ନାଥ ॥


+ଗୌଡ଼ଗାଁ,କପ୍ତିପଦା,ମୟୂରଭଞ୍ଜ

ମୋ.୯୮୫୩୯୪୮୪୫୮





## ଧନ ଓ ଲୁଣ

**କୁନା ସେଠୀ**

ମଣିଷ ଜୀବନ ଯେତିକି ସହଜ
ସେତିକି ବିପଦପୂର୍ଣ୍ଣ
କେତେବେଳେ ସେତ କଣ୍ଟକିତ ଲାଗେ
କେତେ ବେଳେ ଲାଗେ ସ୍ୱର୍ଣ୍ଣ ।

ଅଭାବେ ସ୍ୱଭାବ ରହେ ନାହିଁ ପୁଣି
ସ୍ୱଭାବେ ଆସଇ ଗର୍ବ
ଚୁନା କରିଦିଏ ସୁଖୀ ଜୀବନକୁ
ସରିଯାଏ ଜୀବ ପର୍ବ ।

ଧନ ବିନା ଏଇ ଜୀବନଟା ଲାଗେ
ସୁଖା ମରୁବାଲି ପରି
ଧନ ନ ଥିଲେ ତ ଚିହ୍ନେ ନାହିଁ କିଏ
ଜୀବନ ଲାଗଇ ଭାରୀ ।

ନିଇତି ଲାଗଇ ମହାଭାରତ ହେ
ଦେଖିଲେ ଲାଗଇ ଲାଜ
ଧନ ବିନା ସ୍ତ୍ରୀ ସ୍ୱାମୀ ଛଡ଼ା ହୁଏ
କୋକେଇ ହୁଅଇ ସଜ ।

ଧନ ଯେବେ ଆସେ ପାଣି ପରି ବହି
ମଣିଷ ସାଜଇ ଧନୀ
ଧନର ବଳରେ ବଳୀୟାନ ହୋଇ
ହୋଇଯାଏ ସିଏ ଜ୍ଞାନୀ ।

ପାଠୁଆର କଥା ହସରେ ଉଡ଼ଇ
ଧନୀର ହୁଅଇ ଠିକ୍
ପ୍ରକୃତ ଜ୍ଞାନୀଟା ହାରି ଯାଏ ସେଠି
ଜୀବନ ତା ହୁଏ ଧିକ୍ ।

ଧନ ଆସିଗଲେ ସାଥିହୁଏ ଗର୍ବ
ଜୀବନ କରଇ ମାଟି
ଅହଙ୍କାର ଈର୍ଷା ରାଜୁତି କରନ୍ତି
ମିଶି କରୁଥାନ୍ତି ଖଟି ।

ଜୀବନର ରସ ଶୋଷି ନେଇଥାନ୍ତି
ଧନର ଭିତରେ ମାତି
ମାନବ ବାଦ ର ଶେଷ ହୋଇଯାଏ
ପାପୀ ହୋଇଯାଏ ସତୀ ।

ଖାଦ୍ୟର ନିମନ୍ତେ ଦରକାରୀ ଅଟେ
ଲବଣ ଦରବ ଭାଇ
ଲବଣ ବିନା କି ସ୍ୱାଦ ଲାଗିବ ହେ
କେତେ ମସଲାକୁ ଦେଇ ।

ଲବଣ ଅଟଇ ମହାଲକ୍ଷ୍ମୀ ସତେ
ତାହାବିନା ନାମ ନାହିଁ
ତରକାରୀ କେବେ ସୁଆଦ ନ ଲାଗେ
ଲବଣ ନ ଛୁଏଁ ଯହିଁ ।

ଲବଣ ଟା ଯଦି ଅଧିକା ହୋଇଲା
ତିଅଣ ହୋଇବ ନାଶ
ଖାଇ ହବ ନାହିଁ ଛୁଇଁ ହବ ନାହିଁ
ସବୁ ହୋଇଯିବ ଶେଷ ।

ରସ ଶୋଷି ନେବ ସୁଆଦ ନାଶିବ
ନ ଲାଗିବ ଆଉ ଭଲ
ଲୁଣ ପାଇଁ ସ୍ୱାଦ ଲୁଣ ପାଇଁ ନାଶ
ଲୁଣ ପାଇଁ ସବୁ ଭେଲ ।

ଜୀବନରେ ବାବୁ ଧନ ଆଉ ଲୁଣ
ଯେତିକି ଲାଗଇ ଭଲ
ଜୀବନକୁ ଦୁହେଁ କରୁଥାନ୍ତି ବାବୁ
ସେତିକି ସେତିକି ଭେଲ ।

ଧନ ପ୍ରିୟ ହେଲେ ବିବେକ ନାଶିବ
ଲୁଣ ପ୍ରିୟ ହେଲେ ଦେହ
ଦୁହେଁ ତ ଜୀବନେ ଭରି ଦେଇଥାନ୍ତି
ଲୋଭର ସାଥୀରେ ମୋହ ।

ତେଣୁ ସୁଜ୍ଞ ଜନେ ଦୂରେ ରହିଥାନ୍ତି
ଏହି ଦୁହିଁଙ୍କର ଠାରୁ
ଦୁହିଁଙ୍କୁ ନିଜର ସାରଥି କରିଲେ
ଦୂର ହେବା ଜୀବନରୁ ।

କହେ କୁନା ସେଠୀ ନିଜେ ଭାବି ଚିନ୍ତି
ଭୁଲ ଥିଲେ କ୍ଷମା ଦେବେ
ଧନ ଲୁଣ ନିଜ ସୀମାରେ ରହିଲେ
ଜୀବନ ସୁନ୍ଦର ଭାବେ ।


+ଭୂତସରସିଙ୍ଗି,ଗଞ୍ଜାମ


## ଜାଗି ଉଠ ହେ

**ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ**

କେତେ ଯେ' କଙ୍କାଳ ନିର୍ବାଣ ପାଇଁ
ଚାହିଁ ରହିଛନ୍ତି ଅବନୀ କୋଳେ
ଦିଅ ବାରେ କେହି ଆଗଭର ହୋଇ
ଜାହ୍ନବୀର ଜଳ ମୋତେ ଆଞ୍ଜୁଳେ ।

ଶିଞ୍ଚି ଦିଏ ନେଇ ଯା'ନ୍ତୁ ମୋକ୍ଷ ହୋଇ
କେତେ ଦେଖୁଥିବେ ନିଜ ଜାତିକୁ
ଯେ' ଜାତି ଦାୟାଦ ଟିକେ ସ୍ୱାର୍ଥ ପାଇଁ
ଚାହିଁଛନ୍ତି ଆଜି ଅନ୍ୟ ଦୟାକୁ ।

କାହିଁକି ନିଜକୁ କରିବେ ଧିକ୍କାର
ଥିଲେ ବୋଲି କେବେ ପୂର୍ବ ପୁରୁଷ
ଏ ଯୁବ ସମାଜ ରକ୍ତ ଯଦି ଥଣ୍ଡା
ଏଥିରେ କି ଅବା ତାଙ୍କର ଦୋଷ ?

ଚେଇଁ ଶୋଇଅଛି ପୁଙ୍ଗବ ପୁରୁଷ
ଶୁଖି ଯାଇଅଛି ତା' ଦେହୁ ରକ୍ତ
ଶାଣିତ କୃପାଣେ କଳଙ୍କ ଲାଗିଛି
ହେବାକୁ ଚାହୁଁଛି ସେ ଆଜି ମୁକ୍ତ ।

ଯେ' ମାଟିରୁ ମୁଠେ ଚିପୁଡିଲେ ହାତେ
ଝରୁ ଥିଲା ଲହୁ ବୁନ୍ଦା କୁ ବୁନ୍ଦା
ସେ ମାଟି ଝୁରୁଛି ତା' ବୀର ସନ୍ତାନ
ଶୁଖୁ ନାହିଁ ଆଖି ଆଜି ତା' ଓଦା ।

ଜାଗି ଉଠ ଜାଗି ଉଠ ଆହେ ବୀର
ତାତି ଉଠୁ ଆଜି ଦେହର ଲହୁ
ଉଡୁ ଅବିରତ ବିଜୟ କେତନ
ସଦଭାବନାର ଅନିଳ ବହୁ ।


+ଚକାପଦା,ବେଗୁନିଆ, ଖୋର୍ଦ୍ଧା





## ଭାରି ଭଲଲାଗେ...

**ପ୍ରକାଶ କୁମାର ଚାନ୍ଦ**

ଭାରି ଭଲଲାଗେ ଗାଆଁ ସକାଳ
ଭାରି ଭଲଲାଗେ କଂସେ ପଖାଳ
ଭାରି ଭଲ ଏଇ ଖରା
ଭଲ ଲାଗେ ବୋଲି ବରଷା ବସନ୍ତ
ସୁନ୍ଦର ଦିଶଇ ଧରା ।

ଭାରି ଭଲଲାଗେ ମାମୁଁଘର ଗାଆଁ
ଭାରି ଭଲଲାଗେ ଶୁଣିଲେ ତା ନାଆଁ
ଭଲ ଆମ ଅଜା ଆଇ
ଭଲଲାଗେ ଯେବେ ବୋଉ ସାଥେ ଯାଏ
ଘାଟେ ଡଙ୍ଗା ପାରି ହୋଇ ।

ଭାରି ଭଲଲାଗେ ଗାଆଁ ସାଙ୍ଗସାଥି
ଭାରି ଭଲଲାଗେ ଗାଆଁ ଜହ୍ନରାତି
ଭଲଲାଗେ ଚାଟଶାଳୀ
ଭାରିଭଲ ଗାଆଁ ପାଣି ପବନ
ଧୂଳି ଚନ୍ଦନଠୁ ବଳି ।

ଭାରି ଭଲଲାଗେ ବଣ ପାହାଡ
ଭାରି ଭଲଲାଗେ ଝରଣା କୂଳ
ଚଢେଇ ଗାଇଲେ ଗୀତ
ଭାରି ଭଲଲାଗେ ଗୋଧୂଳି ବେଳାରେ
ତପନ ହୋଇଲେ ଅସ୍ତ ।

ଭାରି ଭଲଲାଗେ ମାଆର ଗାଳି
ଭାରି ଭଲଲାଗେ ଭଉଣୀ ଅଳି
ବାପାଙ୍କ ଆକଟ ମାଡ
ସେହି ଘରେ ଆମେ ଏକାଠି ରହୁ
ସରଗଠାରୁ ସେ ବଡ ।


+ଜୟପୁର ଶାସନ ପିପିଲି ପୁରୀ

ମୋ-୯୮୫୩୩୫୪୯୩୮

୭୦୦୮୯୨୫୯୫୪

# ରାଜକୋଷ, ଜନକୋଷ ଲୁଣ୍ଠନ ଆଉ କେତେ ଦିନ ?



ମାୟାଧର ନାୟକ

ଚୋର ଶବ୍ଦଟି ସଭ୍ୟତାର ଆଦି ପର୍ବକାଳରୁ ସୃଷ୍ଟି ହୋଇଛି ଯେ, ଆଜି ପର୍ଯ୍ୟନ୍ତ ଚାଲିଛି । ଅବଶ୍ୟ ସେ ଦିନର ଚୋର ଆଜିର ଚୋର ମଧ୍ୟରେ ଆକାଶ ପାତାଳ ପ୍ରଭେଦ । ଯୁଗ ବଦଳିବା ସଂଗେସଂଗେ ଚୋର ମାନଙ୍କ ତରିକା ମଧ ବଦଳିଛି । ରାଜାରାଜୁଡା, ବ୍ରିଟିଶ୍ ଅମଳରୁ ଚୋର ଧରି ଶାସ୍ତି ଦେବା ପାଇଁ ଅନେକ ଆଇନକାନୁନ୍ ହୋଇଛି ସ୍ୱାଧୀନ ଭାରତରେ ସେଇ ବ୍ରିଟିଶ୍ ଅମଳର ଆଇନ୍ ଉପରେ ଆଉ କିଛି ପୁଟ ଦେଇ ଲ'ବହିକୁ ମୋଟା କରି ଦିଆଯାଇଛି । ହେଲେ ରାଜକୋଷ ଲୁଟେରାମାନେ ଆଇନ୍, ପୁଲିସ୍, କୋର୍ଟ କଚୋରୀ ଗଳା କବାଟରେ ଖସିଯାଉଛନ୍ତି । ସେଇ ଦେଶଦ୍ରୋହୀ, ରାଜଦ୍ରୋହୀ, ମାନବ ଦ୍ରୋହୀ ମାନଙ୍କୁ ଆମେ କ୍ଷମତାରେ ବସାଇ ହେଉକି ମାନ୍ୟଗଣ୍ୟରେ ଗଣାକରି ନମସ୍କାର କରିବାହେଉ - ଫୁଲମାଳ ପିନ୍ଧାଉଛେ । ଧିକ୍ ! ଆମ ବୁଦ୍ଧିକୁ ।

ଚୋରୀ ସର୍ବବ୍ୟାପୀ । ସ୍ୱର୍ଗରେ ଚୋରୀ, ମର୍ତ୍ତ୍ୟରେ ଚୋରୀ, ପାତାଳରେ ମଧ ଚୋରୀ । ଏ ଦୁନିଆରେ ଆଲୋକ, ପବନ ପରି ସହଜଲବ୍ଧ ଆଉକିଛି ନାହିଁ । ଏହାକୁ ଆମେ ବିଭିନ୍ନ ଭାବେ ଉପଭୋଗ କରିପାରିବା । ଏହା ପ୍ରକୃତିର ଦାନ । କିନ୍ତୁ ଏହାକୁ ଆମେ ବନ୍ଦୀକରି ଖୁଆଡରେ ପୂରାଇ ପାରିବା ନାହିଁ । କିନ୍ତୁ ଏ ଆଧୁନିକ ଯୁଗରେ କିଛିଲୋକ ପବନ ପାଣିକୁ ବିଷାକ୍ତ କରି ଦେଉଛନ୍ତି । ଜନଜୀବନକୁ ତଳିତଳାନ୍ତ କରିଦେଇଛନ୍ତି । ଏମାନେ ସବୁ ଚୋର ଶ୍ରେଣୀଭୁକ୍ତ ।

କୃପଣ ଆଉ କୁଟିଳମାନେ ସୁନ୍ଦର ବ୍ୟବହାରକରନ୍ତି, ପ୍ରୟୋଜନରେ ଗୋଡଛୁଅଁନ୍ତି; ପରେ ଛୁରି ମାରିବାକୁ ପଛାନ୍ତି ନାହିଁ । ଇମିତି କାଇଦାରେ ରାଜକୋଷ, ଜନକୋଷଲୁଣ୍ଠନ କରନ୍ତି ଯେ ସଙ୍ଗେ ସଙ୍ଗେ ଧରିବା କଷ୍ଟକର । ଶେଷବେଳକୁ ଧରାପଡିବାର ବର୍ଷର ତପସ୍ୟା ଶୁକୁଆ ପୋଡାରେ ସାରିଦିଅନ୍ତି । ଦେଶର ରାଜକୋଷ, ପ୍ରକୃତିଦତ ପଦାର୍ଥକୁ ସବୁଠୁ ବେଶି ରାଜନେତା, ଧନପତିମାନେ ଲୁଣ୍ଠନ କରନ୍ତି । ଅବଶ୍ୟ କିଛିକିଛି ରାଜନେତା, ଧନୀନେତା, ବ୍ୟବସାୟୀ ଧରାପଡି ଜେଲ ଖଟୁଛନ୍ତି । କିନ୍ତୁ ଏମାନଙ୍କ ସଂଖ୍ୟା ମାତ୍ର ପାଂଚଭାଗ । ବାକି ୯୫ ଭାଗ ଚୋର ଖୋଲା ମଇଦାନରେ ବୁଲୁଛନ୍ତି । ସେମାନେ କେବେ ଧରାପଡିବେ କେଜାଣି !

ଏବକାର ଚୋରୀ ବଡ କାଇଦାରେ ହେଉଛି । ଧରାପଡିବା କାଠିକର ପାଠ । ଯେବେ ଧରାପଡିଯାଏ, ସବୁଗୁମର ଖୋଲିଯାଏ । ଚୋରମାନଙ୍କର ଅନେକ ସହଯୋଗୀ । ଏଠାରେ ଗୋଟାଏ ଘଟଣାର ଅବତାରଣା କରାଯାଉଛି, ଯାହା ଭାତ ହାଣ୍ଡିରୁ ଗୋଟିଏ ଚାଉଳ ଚିପିଲା ଭଳିଆ । ଜଣେ କାରଖାନା ମାଲିକ ଯେତେ ଯାହା ଭୂତେଇ ଠକାଠକି କରି କାରଖାନା ପ୍ରତିଷ୍ଠା କରିଦେଲା, ଉତ୍ପାଦନ ମଧ କରି ଦେଶବିଦେଶରେ ବିକ୍ରିକଲା। କାରଖାନାରବର୍ଜ୍ୟବସ୍ତୁ ପକାଇବା ପାଇଁ ସରକାରତା' ସୁବିଧା ମୁତାବକ ସ୍ଥାନ ନିରୂପଣ କରିଦେଲେ । ସେ ସ୍ଥାନରେ ସ୍ଥାନୀୟ ଲୋକଙ୍କ ପ୍ରବଳ ବିରୋଧ ଯୋଗୁ କାରଖାନାରୁ ନିର୍ଗତ ବର୍ଜ୍ୟ ବିଷାକ୍ତ ବସ୍ତୁକୁ କେଉଁଠି ପକାଇବେ - ଏଥିପାଇଁ ଭାରି ବିବ୍ରତ ହୋଇପଡିଲେ ।

କାରଖାନା ମାଲିକଙ୍କ ଏମନ୍ତ ଅବସ୍ଥା ଦେଖି ଜଣେ କ୍ଷମତାଶୀଳୀ ନେତା ବୁଦ୍ଧି ବତାଇଲେ । କହିଲେ- ବର୍ଜ୍ୟବସ୍ତୁ ପକାଇବା ଦାୟିତ୍ୱ ମୋର । ଟିକେ ଚଢାରେଟ୍ ଦେବାକୁ ହେବ । ମାଲିକ ରାଜି ହୋଇଗଲେ । ନେତା ଏକ ଛାୟା ଟ୍ରାନସ୍‌ପୋର୍ଟିଙ୍ଗ୍ କମ୍ପାନୀ ଗଢି ମାଲିକସହ ଚୁକ୍ତିନାମା କଲେ । ଏଥିପାଇଁ ଡମ୍ଫର ଟ୍ରକ୍ ୧୦ ଚକିଆ ଭଡାରେ ଆଣିଲେ । ବର୍ଜ୍ୟବସ୍ତୁ ପକାଇବା ପାଇଁ ବଡବଡ ଗାତ ଦରକାର । ନେତା ସନ୍ଧାନ କରି କାରଖାନାଠାରୁ ୨୦ କିଲୋମିଟର ବ୍ୟାପୀ ଏକ ଝାଟି ଜଙ୍ଗଲକୁ ଠାବକଲେ । ସେ ସମୟରେ ଏକ ବଡ କନ୍‌ଷ୍ଟ୍ରକସନ୍ କମ୍ପାନୀ ୩୦୦ କୋଟି ଟଙ୍କାର ରାସ୍ତାକାମ ନେଇଥାଏ । ସେ କମ୍ପାନୀର ମହରମ ଦରକାର । ତା' ସହିତ ନେତା ମଧ ଯୋଗାଯୋଗ କରିମହରମ୍ ଯୋଗାଇଦେବାକୁ ଚୁକ୍ତିକଲେ । ମହରମ୍ ଗୋଡିମାଟି ଖୋଳିବା ପାଇଁ ସ୍ଥାନୀୟ କିଛି ଯୁବକଙ୍କୁ ମତାଇଲେ । ସେମାନଙ୍କୁ ଭରସା ଦେଲେ ପୁଲିସ୍, ତହସିଲଦାର, ବିରୋଧୀଦଳ, ଖାଉଆ ଦଳ ଦାୟିତ୍ୱନେବେ । ଯୁବକମାନେ ଏକ ଗୋଷ୍ଠୀବାନ୍ଧି ଟ୍ରକ୍ ମାଟି ଖୋଳା ମେସିନ୍ ଉପରେ ଆଣି ରାତିଦିନ ଗୋଡିମାଟି ଖୋଳି କନ୍‌ଷ୍ଟ୍ରକସନ୍ କମ୍ପାନୀକୁ ଯୋଗାଇଲେ । ବଡବଡ ଗାତ ହେଲା । ଏଣେ କାରଖାନାର ବର୍ଜ୍ୟବସ୍ତୁ ରାତିଦିନ ଆସି ସେଇ ଗାତରେ ପଶିଲା । ପ୍ରତିଦିନ ଲକ୍ଷଲକ୍ଷଟଙ୍କା ରୋଜଗାର ହେଲା । ଗାଡି ମେସିନ୍ ଭଡା ଦେଇ ଚୋର ଧରିବା ଅଫିସର କର୍ମଚାରୀମାନଙ୍କୁ ମାସିକିଆ ବଟି ବ୍ୟବସ୍ଥା କରାଗଲା । ଦିନ କେଇଟାରେ ନେତା, ଆଉ ଯୁବକମାନେ ମାଲେମାଲ ହୋଇ ଧରାକୁ ସରା ମଣିଲେ । ଗୁଣ୍ଡା ପୋଷିଲେ । ବର୍ଷା ଦିନେ ସିନା ବର୍ଜ୍ୟ ବସ୍ତୁଗାତରେ ପଡିଲା । ଗନ୍ଧ ବି ହେଲା । ଖରାଦିନେ ବର୍ଜ୍ୟବସ୍ତୁର ବିଷାକ୍ତ ପବନ ଆଖପାଖ ଗାଁ ଗଣ୍ଡାରେ ଖେଳେଇ ହୋଇଗଲା । ବିଷାକ୍ତ ମଇଳା ଗୁଣ୍ଡ ଗୁଡାକ ପବନରେ ଉଡି ଗାଁ ଲୋକଙ୍କ ଘରଦ୍ୱାରରେ ପଡିଲା । ବିଲବାଡିରେ ପଡି ଫସଲ ହେଲା ନାହିଁ । ଗାଁ ଲୋକେ ଅସ୍ତବ୍ୟସ୍ତ ହୋଇ ବେଆଇନ୍ ମରମ ଖୋଳାକୁ ବିରୋଧ କଲେ । ଏହା ବିରୋଧରେ ଯେଉଁମାନେ ନେତୃତ୍ୱ ନେଇଥିଲେ - ସେମାନଙ୍କୁ ସେଇ ରାଜକୋଷ ଲୁଟେରାମାନେ ନିସ୍ତୁକମାଡ ଦେଲେ । ଥାନାରେ ଫେରାଦ ହେଲେବି କେହି ଶୁଣିବାକୁ ନାହିଁ । ସରକାରୀ କଳ ଆଖିବୁଜି ଦେଲେ ।

ସାଧାରଣ ଲୋକ ପ୍ରତିବାଦ କରିବାକୁ ଭରସା ପାଇଲେ ନାହିଁ । ରାତିରେ ଆଲୁଅ ଲଗାଇ ମଧ ମହରମଚୋରୀ ଆରମ୍ଭ ହୋଇଗଲା । ଅଜସ୍ର ଠକାମି ଚୋରୀଟଙ୍କା ମଣିଷକୁ ଅମଣିଷ ଆଡକୁ ମୁହାଇଁ ନିଏ । ସେଇୟା ହେଲା । କାଳକ୍ରମେ ନେତାଙ୍କର କ୍ଷମତା ସଂକୁଚିତହେଲା । ଖରାପ ଅଫିସ କର୍ମଚାରୀ ବଦଳିଗଲେ । କିଛି ସାହସୀ ଦେଶପ୍ରେମୀ ଅଫିସର କର୍ମଚାରୀ ଆସି ଏମନ୍ତ ବ୍ୟାପକ ରାଜକୋଷ ଲୁଣ୍ଠନକୁ ବନ୍ଦ କରିବା ପାଇଁ ଯୋଜନା କରି ଚୋର ଏବଂ ଚୋରୀ ସରାମ ଗାଡିକୁ ଅଚାନକ ଚଢାଉକରି ଧରିପକାଇଲେ । ସମସ୍ତଙ୍କୁ ବାନ୍ଧି ଜେଲରେ ପୂରାଇଲେ । ଜଣେ ଦି' ଜଣ ମୁଖିଆ ଲୁଚି ପଳାଇଲେ । ସେମାନଙ୍କୁ ପଳାତକ ଘୋଷଣା କରାଗଲା । ହଠାତ୍ ଗାତ ଖୋଳା - ବର୍ଜ୍ୟବସ୍ତୁ ପୋତା ବନ୍ଦ ହୋଇଗଲା । କାରଖାନା ମାଲିକ ନେତାକୁ କହିଲେ- ଚୁକ୍ତି ଅନୁଯାୟୀ କାର୍ଯ୍ୟ ନହେଲେ ବାକି ବିଲ୍ ଦେବା ସମ୍ଭବ ନୁହେଁ । ନେତାଙ୍କ ମୁଖା ଖୋଲିଗଲାଣି । ଯୁବକମାନଙ୍କ ଗୁଣ୍ଡାମୀର ପତନ ପର୍ବ ଆରମ୍ଭ ହୋଇଗଲାଣି ।

ଲୋକେ ଭାରି ଖୁସ୍ । ଏଣେ ନେତା ନିଜ ଚାମଚା ମାନଙ୍କୁ ମୁକୁଳେଇବା ପାଇଁ ଯେତେ ସାଧସାଧନା ଚଳାଇଲେବି କେହି ଶୁଣୁନାହାନ୍ତି । ଏଇସବୁ ରାଜକୋଷ ଲୁଣ୍ଠନରୁ ଭାଗ ପାଉଥିବା କଜଳପାତିଆ ଭଦ୍ରଲୋକମାନେ ରାଜଧାନୀ ଯାଇ ବଡ ନେତାଙ୍କୁ ଗୁହାରି କଲେ । ବଡନେତା କହିଲେ - ଆଇନ୍‌ତା' ବାଟରେ ଯିବ । ରାଜକୋଷ ଲୁଣ୍ଠନ କଲାବାଲାଙ୍କୁ ଧରିବା ପାଇଁ ଆମେ ଶପଥ ନେଉଛୁ । ଚୋରକୁ ଛାଡ ନୀତି ଆଉ ଚଳିବ ନାହିଁ ।

ଜଙ୍ଗଲ ଭିତରେ ଗାତରୁ ଖୁଅ ଯାଇ କାରଖାନା ଚିମିନି ପର୍ଯ୍ୟନ୍ତ ଗୁମର ଖୋଲିଗଲାଣି । ଏ ଦେଶରେଏଇ ଭଳିୟା'ଠାରୁ ହଜାର ହଜାର ଆଦବ କାଇଦାରେ ଚୋରୀ ହେଉଛି । ଏ ମାତ୍ର ଗୋଟିଏ ଘଟଣାର ଅବତାରଣା । ରାଜକୋଷ, ଜନକୋଷଲୁଣ୍ଠନର ପେଡି ଖୋଲିଗଲେକେତେ ଯେ ଦେଶଦ୍ରୋହୀ ଧରାପଡିବେ - ତାହାର ହିସାବ ରଖି ହେବନି ।

ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ କ୍ଷମତାସୀନ ହେବା ପୂର୍ବରୁ ଗୋଟିଏ ସୁନ୍ଦର ସ୍ଲୋଗାନ୍ ଶୁଣାଇଥିଲେ - ଦୁର୍ନୀତି ବିରୋଧରେ ସଂଗ୍ରାମ ଆମର ମହାସଂଗ୍ରାମ । ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଦୁର୍ନୀତିଗ୍ରସ୍ତ ଲୋକମାନଙ୍କ ପାଇଁ ସୂଚ୍ୟଗ୍ର ପରିମିତ ସ୍ଥାନ ସୁଦ୍ଧା ନାହିଁ । ସ୍ପଷ୍ଟ ଦିବାଲୋକରେ ସେମାନଙ୍କୁ ରାଜପଥର ବତି ଖୁଂଟରେ ଟଙ୍ଗାଇ ଫାଶୀ ଦିଆଯିବ !

ଚମତ୍କାର ପଦ୍ମତୋଳା ! ଦୁର୍ନୀତିଗ୍ରସ୍ତମାନେ ତ ଫାଶୀ ପାଇଲେ ନାହିଁ, ବରଂ ସାରା ଭାରତ ଗଳାରେ ଆଜି ଦୁର୍ନୀତିର ଫାଶ ! ଶାସନ, ପ୍ରଶାସନ, ଦପ୍ତର, ଦରବାର, ବାଣିଜ୍ୟ, ବ୍ୟବସାୟୀ, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ - ସବୁକ୍ଷେତ୍ରରେ ଗଢି ଉଠିଛି ମହାଦୁର୍ନୀତିର ଗୋଟିଏ ଗୋଟିଏ ଗୁପ୍ତକୋଠି । ସେ କୋଠିରେ ରାଜକୋଷ ଲୁଟେରା ମାନଙ୍କର କେତେ ନାଟତାମସା ଚାଲିଛି । ମନେହେଉଛି, ମା' ମହାଲକ୍ଷ୍ମୀଙ୍କୁ ସେମାନେ ଯେମିତି ବାଈଜୀ ବନାଇବାର ବହପ ଦେଖାଇବାକୁ ପଛାଉ ନାହାନ୍ତି । ରାଜକୋଷ ଲୁଟେରା ମାନଙ୍କ ମୁଖା ଖସାଇ ଦେବାକୁ ଯୁବଭାରତ ଆଗେଇ ଆସିବା ଦରକାର ।

ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

# ଚୁମ୍ବକ ପାହାଡ଼

ଚୁମ୍ବକର ପାହାଡ଼ ବିଷୟରେ ଶୁଣିଲେ ଆପଣମାନେ ଆଶ୍ଚର୍ଯ୍ୟ ହେବେ । ଏହି ପାହାଡ଼ଟି ରହିଛି ଭାରତରେ । ଜାମ୍ମୁ-କାଶ୍ମୀରର ଲଦାଖ ସ୍ଥିତ ଲେହଠାରେ ରହିଥିବା ଗୁରୁଦ୍ୱାର ପଠାନ ସାହିବ ପାହାଡ଼ ଦେଖିବାକୁ ଖୁବ୍ ସାଧାରଣ । ହେଲେ ଏହି ପାହାଡ଼କୁ ଦେଖିବା ପାଇଁ ବିଶ୍ୱରୁ ବହୁ ପର୍ଯ୍ୟଟକଙ୍କ ଆସିଥାନ୍ତି । ଏହାର କାରଣ ହେଉଛି ଏହା ଏକ ଚୁମ୍ବକ ପାହାଡ଼ । ଏହି ପାହାଡ଼ରେ ଏତେ ମାତ୍ରାରେ ଚୁମ୍ବକ ଶକ୍ତି ରହିଛି ଯେ, ଆଖପାଖରେ ଥିବା ବନ୍ଦ ଗାଡ଼ି ଟାଣି ହୋଇ ପାହାଡ଼ ନିକଟରୁ ଚାଲିଆସେ । ଏହିପରି କି ଏହାର ଉପରେ କୌଣସି ବିମାନ ମଧ୍ୟ ଉଡ଼େ ନାହିଁ କାରଣ ବିମାନକୁ ଚୁମ୍ବକ ଦ୍ୱାରା ଝଟକା ଲାଗିଥାଏ, ଫଳରେ ବିମାନଟି ଦର୍ଘଟଣା ଗ୍ରସ୍ତ ହେବାର ସମ୍ଭାବନା ଅଧକ ରହିଥଏ । ବୈଜ୍ଞାନିକଙ୍କ ଅଧ୍ୟୟନରୁ ଜଣାଯାଇଛି ଯେ, ଏହି ପାହାଡ଼ ପାଖରେ କୌଣସି ବନ୍ଦ ହୋଇ ଯାଇଥିବା ଗାଡ଼ି ୨୦ କିଲୋମିଟର ପ୍ରତି ଘଣ୍ଟାରେ ପାହାଡ଼ ଆଡକୁ ଟାଣି ହୋଇଥାଏ । କିନ୍ତୁ ଗାଡିଟି ପାହାଡ଼ ଉପରୁ ତଳକୁ ନେବା ସମୟରେ ଏହାର ଗତି ୩ଗୁଣ ଅଧକ ହୋଇଥାଏ ।



# ସାବଧାନ ରୁହନ୍ତୁ

ରିଭର୍ସ ଓସ୍‌ମୋସିସ୍ ଅଶୁଦ୍ଧ ପାଣିକୁ ସଫା କରିବା ପାଇଁ ସବୁଠାରୁ ଭଲ ବ୍ୟବସ୍ଥା । ଏହା ଭାବି ଲୋକମାନେ ଘରେ ଆର୍‌ଓ ଲଗାଇଥାନ୍ତି । କିନ୍ତୁ ଏତେ ବର୍ଷ ମଧ୍ୟରେ ଆର୍‌ଓ ସିଷ୍ଟମ ନିଜର ଅଶୁଦ୍ଧିକୁ ପାର କରିପାରୁନାହିଁ । ଆର୍‌ଓ ପ୍ରଣାଳୀ ପାଣିରୁ ଜରୁରୀ ମିନେରାଲସ୍ ଯଥା- କ୍ୟାଲସିୟମ ଓ ମ୍ୟାଗ୍ନେସିୟମକୁ ମଧ୍ୟ ଶେଷ କରିଦିଏ । ଏହା ସହିତ ପାଣିକୁ ସଫା କରିବାର ପ୍ରୋସେସ୍‌ରେ ହେଉଥିବା କ୍ଷତି ମଧ୍ୟ ଏହାର ଟେକ୍ନୋଲୋଜି ଉପରେ ପ୍ରଶ୍ନବାଚୀ ହୋଇ ରହିଛି । ଆର୍‌ଓ ପାଣିକୁ ସଫା କରିବା ଚକରରେ ୮୦ ପ୍ରତିଶତ ପାଣିକୁ ବେକାର ବୋହିବାକୁ ଦେଇଥାଏ । ଏବେ ଏନ୍‌ଜିଟିର ତାଜା ଆଦେଶରେ ଏହି ତଥ୍ୟ ବାହାର କରାଯାଇଛି ଯେ ସବୁ ପାଣିକୁ ସଫା କରିବାପାଇଁ ଆର୍‌ଓ ଜରୁରୀ ନୁହେଁ । ଆର୍‌ଓ ପାଣି ଅର୍ଥାତ ଡି-ଜେନେରାଲାଇଜ୍‌ଡ୍ ପାଣି ଡିଷ୍ଟିଲେସନ୍, ଡି-ଆୟୋନାଇଜେସନ୍ ଓ ମେବ୍ରେନ୍ ଫିଲଟରରେସନ୍ ପରି ମେବ୍ରେନ୍ ଫିଲଟରରେସନ୍ ପରି ପ୍ରକ୍ରିୟା ପରେ ପାଣି ମିନେରାଲରୁ ମୁକ୍ତ ହୋଇଯାଏ । ଅଲଗା ଅଲଗା ଟେକ୍ନୋଲୋଜିରୁ ଲେସ୍ ଆର୍‌ଓ ଅର୍ଥାତ ରିଭର୍ସ ଓସ୍‌ମୋସିସ୍ ଟେକ୍ନୋଲୋଜିରୁ ବାହାରୁଥିବା ପାଣିରୁ ବହୁତ ମିନେରାଲ ନଥାଏ । ୧୯୮୦ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମିନେରାଲ ମୁକ୍ତ ପାଣିକୁ କ୍ଷତିକାରକ ବୋଲି କହିଥିଲେ । ଏଠାରେ ଡବ୍ଲ୍ୟୁଏଚ୍‌ଓ ୩୦୦ ଏମଜି ପ୍ରତି ଲିଟରରୁ କମ୍ ଟିଡିଏସ୍ ବାଲା ପାଣିକୁ ପିଇବା ଦୃଷ୍ଟିରୁ ଉତ୍ତମ କ୍ୱାଲିଟି ବୋଲି ମାନିଛି ।




# ପେରିୟର ନ୍ୟାସନାଲ ପାର୍କ

ପେରିୟର ନ୍ୟାସନାଲ ପାର୍କ ଦକ୍ଷିଣ ଭାରତରେ ରହିଛି । କେରଳର ଇଡୁକ୍କି ଜିଲ୍ଲାର କୁମଲିଠାରୁ ପ୍ରାୟ ୪କିଲୋମିଟର ଦୂର ଥେକ୍କଡିଠାରେ ଏହି ଉଦ୍ୟାନ ଅବସ୍ଥିତ । ୧୮୯୫ ମସିହାରେ ପେରିୟର ନଦୀ କୂଳରେ ଏକ ବିଶ୍ୱାଳ କୃତ୍ରିମ ହ୍ରଦ ନିର୍ମାଣ କରାଯାଇଛି । ୩୫୦ ବର୍ଗ କିଲୋମିଟର ଜଙ୍ଗଲକୁ ଏହି ପାର୍କ ଆଚ୍ଛାଦିତ କରିଛି । ଏଠାରେ ବନ୍ୟ ଜୀବଜନ୍ତୁଙ୍କ ସମ୍ଭାର ସହ ସମ୍ପୂର୍ଣ୍ଣ ପାର୍କଟିରେ ଶାନ୍ତ ପରିବେଶ ଦେଖିବାକୁ ମିଳିଥାଏ । ଏଠାରେ ପର୍ଯ୍ୟଟକମାନେ ହାତୀ ଉପରେ ବସି ପ୍ରାୟ ୩୦ମିନିଟ୍ ପର୍ଯ୍ୟନ୍ତ ଭ୍ରମଣର ମଜା ଉଠାଇ ପାରିବେ । ବାଉଁଶ ଡଙ୍ଗା, ରାତ୍ରୀ ସମୟରେ ପାଟ୍ରୋଲିଂ ସୁବିଧା ଏବଂ ଜଙ୍ଗଲ ବିଷୟରେ ଭଲ ଭାବରେ ଅବଗତ ଥିବା ଉପଯୁକ୍ତ ଗାଇଡ୍ ମଧ ପାଇପାରିବେ । ସବୁଠାରୁ ଆକର୍ଷଣୀୟ ହେଉଛି ଏଠାରେ ଥିବା ଚା' ବଗିଚା ଏବଂ ମସଲା ଉଦ୍ୟାନ ଭ୍ରମଣ କରିବାର ମଜା ନେଇପାରିବେ ।












## କେବେ ଯିବେ:

ଭ୍ରମଣ ପାଇଁ ସବୁ ସମୟରେ ଏହା ଖୋଲାଥାଏ । ମାର୍ଚ୍ଚ-ଅପ୍ରେଲରେ ଗଲେ ହାତୀମାନେ ପାଣିରେ ସ୍ନାନ କରିବା ଦୃଶ୍ୟ ସହ ବର୍ଷାଋତୁରେ ଛାଡ଼ିଦେଲେ ଅନ୍ୟ ଦିନରେ ମଧ ଏଠାକୁ ଆପଣ ଭ୍ରମଣରେ ଆସିପାରିବେ । ଏଠାରେ ଭ୍ରମଣ ମଜା ସବୁଠୁ ନିଆରା ।

## ଖୋଲିବା ସମୟ:

ପ୍ରତ୍ୟେକ ଦିନ ସକାଳ ୬ରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହା ଖୋଲାଥାଏ । ଦୁଇଘଣ୍ଟା ବୋଟିଂର ସୁବିଧା ପାଇବା ସହ ବାଘ ଦେଖି ପାରିବେ । ୭ଟା୩୦ ଏବଂ ଅପରାହ୍ନ ୩ଟା ୩୦ରେ ପ୍ରବେଶ କଲେ ବିଭିନ୍ନ ପ୍ରଜାତିର ତଥା ବିରଳ ପଶୁପକ୍ଷୀଙ୍କୁ ଦେଖିପାରିବେ । କାରଣ ଏହା ସେମାନଙ୍କ ବିଚରଣ ସମୟ । ନଚେତ ଆପଣ ସକାଳ ୯ଟା ୩୦, ୧ଟା ୧୫ ଏବଂ ୧ଟା ୪୫ରେ ପ୍ରବେଶ କରିପାରିବେ । ପାର୍କରେ ଭ୍ରମଣ ପାଇଁ ପ୍ରାୟ ୪ଘଣ୍ଟା ଗାଇଡଙ୍କ ସହାୟତା ନେଇପାରିବେ ।

## କେଉଁଠି ରହିବେ, କିପରି ଯିବେ:

କେରଳ ପର୍ଯ୍ୟଟନ ବିକାଶ ନିଗମ ଦ୍ୱାରା ଏଠାରେ ତିନୋଟି ବିଳାସପୂର୍ଣ୍ଣ ହୋଟେଲର ସୁବିଧା ପାଇପାରିବେ । 'ଲେକ ପ୍ୟାଲେସ'ରେ ଡବଲ ରୁମ ପାଇଁ ୧୦ହଜାର ଟଙ୍କା, 'ଅରଣ୍ୟ ନିବାସ'ରେ ରାତିକୁ ୩୫ଶହ ଟଙ୍କା ଏବଂ ସବୁଠାରୁ ଶସ୍ତା 'ପେରିୟାର ହାଉସ'ରେ ମାତ୍ର ୨ହଜାର ଟଙ୍କା ରାତ୍ରିଯାପନ ପାଇଁ ଦେୟ ଦେବାକୁ ପଡ଼ିବ । କେରଳର କୋଚି ଓ ତାମିଲନାଡୁର ମଦୁରାଇ ଏହାର ନିକଟତମ ବିମାନବନ୍ଦର । ୧୧୪ କିଲୋମିଟର ବ୍ୟବଧାନରେ କୋଟାୟମରେ ରେଳଷ୍ଟେସନ ରହିଛି ।

## ପ୍ରବେଶ ଫି:

ବିଦେଶୀମାନଙ୍କ ପାଇଁ ୩ଶହ ଟଙ୍କା ସେମାନଙ୍କ ଛୋଟ ପିଲାଙ୍କ ପାଇଁ ୧୦୫ଟଙ୍କା ପ୍ରବେଶ ଫି ଥିବାବେଳେ ଭାରତୀୟମାନଙ୍କ ପାଇଁ ୨୫ଟଙ୍କା, ଛୋଟ ଛୁଆଙ୍କ ପାଇଁ ୫ଟଙ୍କା ରହିଛି । ୧୧ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ବୋଟ ଫି ବାବଦ ୧୫୦ଟଙ୍କା ଥିବାବେଳେ ପିଲାଙ୍କ ପାଇଁ ୫୦ ଟଙ୍କା ରହିଛି ।

# ଭିନ୍ନକ୍ଷମ ୮୪ ବର୍ଷିୟା ବୃଦ୍ଧା ଦୂତିର ନାଁ ଅଛି ରେସନ କାର୍ଡ ନାଁ ଆବାସ ଗୃହ: ଭଗବାନ ଭରସା

## ପଲିଥିନ୍ ବିଛା ଭଙ୍ଗାକୁଡିଆରେ କଟୁଛି ଜୀବନ



ନୀଳଗିରି ,୭।୧ (ନି.ପ୍ର): ଗାଁକୁ କାମ ମାଁ କୁ ସମ୍ମାନ ର ନାରା ଦେଉଥିବା ନବୀନ ସରକାରଙ୍କ ସ୍ୱଚ୍ଛ ଶାସନର ଜଣେ ୮୪ ବର୍ଷିୟା ବୃଦ୍ଧାଙ୍କର ଜୀବନ ଜିଇଁବାର ମାନ କିପରି ଅଛି ତାହା ନଦେଖିଲେ କହିହେବନାହିଁ ।ଏପରି ଏକ ଘଟଣା ଆଦିବାସୀ ଅଧ୍ୟୁସିତ ଅଂଚଳ ନୀଳଗିରି ଉପଖଣ୍ଡର ତଳକୁଆନାଳି ଗାଁରେ ଦେଖିବାକୁ ମିଳିଛି । ସୂଚନା ଥାଉ କି ୧୯୭୨ ମସିହା ବାତ୍ୟାରେ ନୀଳଗିରି ବ୍ଲକର ମହିଷାପଟ୍ଟା ପଂଚାୟତର ତଳକୁଆନାଳ ଗ୍ରାମରେ ବସବାସ କରୁଥିବା ୫୦ ରୁ ଉଦ୍ଧ୍ୱ ଗାଁ ଲୋକେ ଘର ଛାଡି ଉପର କୁଆନାଳିକୁ ପଳାଇଯାଇଥିଲେ। ଏହି ସମୟରେ ଗୋରା ବିଶ୍ୱାଳ ମୃତ୍ୟୁବରଣ କରିଥିବା ବେଳେ ତାଙ୍କର ଏକମାତ୍ର ଅବିବାହିତ କନ୍ୟା ଦୂତି ପଲିଥିନ ବିଛା ଭଗ୍ନ କୁଡିଆରେ ରହିଯାଇଥିଲେ। ଆରମ୍ଭ ହେଲା ଦୁତିମଣୀର ସଂଘର୍ଷମୟ ଜୀବନ। ସଂଘର୍ଷ ସହିତ ଲଢ଼ିବାକୁ ଯାଇ ନିଜର କୁଆଁରି ଜୀବନକୁ ଭୁଲି ଯାଇ ଆଗକୁ ଆଗକୁ ମାଡ଼ିଚାଲିଥିଲେ। କେବଳ ଘର ଡିହକୁ ଛାଡିଦେଲେ ଘୁଂଟଶୂନ ବିଶ୍ୱନାଷ୍ଠି । ଭିନ୍ନକ୍ଷମ ହୋଇଥିଲେ ସୁଦ୍ଧା ନିଜର ଭିଟାମାଟି ତଳକୁଆନାଳକୁ ପାଶୋରି ନଯାଇ ଜୀବନ ଅତିବାହିତ କରିଚାଲିଥାଏ । ୧୯୭୨ ମସିହାରେ ବାତ୍ୟାରେ ପିତୃକ ବାସ ଘରଟି ସଂପୂର୍ଣ୍ଣ ଭାଙ୍ଗିଯାଇଥିଲା। ପରେ ଗାଁରୁ ମାଗିଜାଚି ଝାଟିମାଟି ଘରଟିଏ କରି ଜୀବନ କାଟୁଛନ୍ତି। ଏବେ ଦୁତିମଣୀକୁ ୮୪ ବର୍ଷ ଟପିଛି । ୭/୮ ବର୍ଷ ପୂର୍ବରୁ ଝାଡଖଣ୍ଡୀ ହାତୀପଲ ଝାଟିମାଟି ଘରଟିକୁ ଭାଙ୍ଗି ଦେଇଥିବା ବେଳେ ଆର୍ଥିକ ଅନାଟନ ଅଭାବରୁ ଏବେ ଭଙ୍ଗା କୁଡିଆରେ ଜୀବନ କାଟୁଛି ଦୁତିମଣୀ। ଦୁତିର ଘରକୁ ଯିବା ପାଇଁ ରାସ୍ତା ନଥିବା ବେଳେ ଘାଗରା ନଦୀ ପାର ହୋଇ ଯାତାୟତ କରୁଛି । ସନ୍ଧ୍ୟା ହେଲେ ଦୁତିମଣୀ ବୋତଲର ତିଆରି ଟିବିରି ଆଲୁଅ ଏକ ମାତ୍ର ସାହାଭରଷା। ନିଛାଟିଆ ପଲିଥିନ ବିଛା ଝାଟିମାଟି ଘରେ ରାତି ହେଲେ ବଣୁଆ ଭାଲୁଙ୍କ ଆତଯାତକୁ କୁ ଖାତିର ନକରି ଜୀବନ ବିତାଉଛନ୍ତି ଦୂତିମଣି ।ଦିନରେ ମାଗିଯାଚି ଯାହା ଆଣେ ତାହାକୁ ହିଁ ଖାଇଥାଏ । କେବଳ ୫୦୦ ଟଙ୍କା ଭତା ହିଁ ଦୁତିମଣୀର ସାହା ଭରଷା, ସତେ ଯେମିତି ଦୁତିମଣି ନିର୍ଜନ ଦ୍ୱୀପରେ ଜୀବନ କାଟୁଛି । ତା ଘର ନିକଟରେ ନା ଅଛି ଘର ନାଁ ପଡିଶାଙ୍କ ଘର, ନା ଲୋକ ମାନଙ୍କ ଚଳପ୍ରଚଳ । ୮୪ ବର୍ଷ ବିତିଯାଇଥିବା ବେଳେ ନିର୍ବାଚିତ ପ୍ରତିନିଧି ,ନା ପ୍ରଶାସନ ଦୃଷ୍ଟି ପଡିଛି। ଦୁତିଙ୍କ ପାଇଁ ସରକାରୀ ଆବାସଟିଏ ଯୋଗାଇ ପାରିନାହାନ୍ତି । ଏପରିକି ରେସନ କାର୍ଡଟିଏ ମଧ ପାଇବାରୁ ବଂଚିତ ହୋଇଥିବାରୁ ଛଳଛଳ ଆଖିରେ ଦୁତି ଆମ ପ୍ରତିନିଧିଙ୍କୁ ନିଜ ଜୀବନ କାହାଣୀ ବଖାଣି ଥିଲେ। ନିର୍ବାଚନ ସମୟରେ ସବୁ ଦଳର ନେତା ଓ କୁଜି ନେତାମାନେ ବିଭିନ୍ନ ପ୍ରକାର ପ୍ରତିଶୃତି ଦେଉଥିବା ବେଳେ ଭୋଟ ପରେ ସବୁ ଭୁଲିଯାଇଥାନ୍ତି । କେବେ ହେବ ଦୁତିମଣୀର ଭାଗ୍ୟର ପରିବର୍ତନ , କେବେ ମିଳିବ ଦୂତିଙ୍କୁ ରେସନ କାର୍ଡ, କେବେ ମିଳିବ ଆବାସ ଯୋଜନା ସେ ନେଇ ଚାତକ ପକ୍ଷୀ ପରି ଅନାଇ ବସିଛନ୍ତି। ଦୁତିମଣୀ ୨ କି.ମି. ବାଡ଼ିଧରି ଘୋଷରି ଘୋଷରି ଭତାପାଇଁ ପଂଚାୟତ ଅଫିସ ଯାଉଥିବା ବେଳେ ଏହି ହୃଦୟ ବିଦାରକ ଦୃଶ୍ୟ ଆଖିରେ ନଦେଖିଲେ ବିଶ୍ୱାସ କରିହେବନାହିଁ। ସ୍ଥାନୀୟ ବାସିନ୍ଦା ଅଧେଶ୍ୱର ସେଠୀ ବହୁବାର ଦୁତି ପାଇଁ ଚାଉଳ, ଶାଢ଼ୀ, ଘରର ପଲିଥିନ ଯୋଗାଇ ଦେଉଥିବା ବେଳେ ତୁରନ୍ତ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଦୁତିମଣୀଙ୍କୁ ସରକାରୀ ଆବାସ ଘର ଓ ରେସନକାର୍ଡ ପ୍ରଦାନ ପାଇଁ ଶଙ୍କର ଖଟୁଆ ,ଯଦୁନାଥ ରାଉତ ଦାବୀ କରିଛନ୍ତି , ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ନୀଳଗିରି ଉପ-ଜିଲ୍ଲାପାଳ ଦୁତିମଣୀଙ୍କୁ ଆବାସ ଘର ଓ ରେସନକାର୍ଡଟିଏ ପ୍ରଦାନ କଲେ ହୁଏତ ଦୁତୀମଣୀର ଅବଶିଷ୍ଟ ଜୀବନ ସୁଖରେ କଟି ପାରନ୍ତା ବୋଲି ସାଧାରଣରେ ଦାବୀ ହେଉଛି ।

# ଦିବାସ୍ୱପ୍ନ ପାଲଟିଛି ବ୍ୟାଙ୍କ ଅଫ ଇଣ୍ଡିଆର ଗ୍ରାହକ ସେବା :ବଢୁଛି ଅସନ୍ତୋଷ

କେନ୍ଦୁଝର,୭।୧ (ନି.ପ୍ର): କେନ୍ଦୁଝର ବ୍ୟାଙ୍କ ଅଫ ଇଣ୍ଡିଆ ବ୍ୟାପକ ଅବ୍ୟବସ୍ଥା ଘେରରେ ରହିଥିବା ବେଳେ ଗ୍ରାହକ ସେବା ଏଠାରେ ଏକ ପ୍ରକାର ଦିବା ସ୍ୱପ୍ନ ପାଲଟିଛି । ବ୍ୟାଙ୍କର ସେବା ବ୍ୟବସ୍ଥାର ଅଧୋଗତିକୁ ନେଇ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଥିବା ବେଳେ ଗ୍ରାହକମାନେ ଏହି ବ୍ୟାଙ୍କରୁ ମୁହଁ ଫେରାଇବା ଆରମ୍ଭ କରିଛନ୍ତି । ଯାହା ମଧ୍ୟରେ ଅଧିକ ସଂଖ୍ୟାରେ ପୁରୁଣା ଗ୍ରାହକ ରହିଛନ୍ତି । ଡିଜିଟାଲ ଇଣ୍ଡିଆ ଏବଂ ବ୍ୟାଙ୍କ ସେବାକୁ ଲୋକଙ୍କ ନିକଟତର କରିବା ଦିଗରେ ଦେଶର ଖୋଦ ପ୍ରଧାନମନ୍ତ୍ରୀ ପ୍ରଯନ୍ କରୁଥିବା ବେଳେ କେନ୍ଦୁଝର ବ୍ୟାଙ୍କ ଅଫ ଇଣ୍ଡିଆ ରେ କିନ୍ତୁ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି । ଏଠାରେ ବ୍ୟାଙ୍କ ଅଫ ଇଣ୍ଡିଆ ସାଧାରଣ ଲୋକଙ୍କୁ ତଥା ଗ୍ରାହକଙ୍କୁ ସେବା ଦେବା ପରିବର୍ତେ ସେମାନଙ୍କ ଠାରୁ ଦୂରେଇ ଯାଉଛି । । ବିଶେଷ ଭାବେ ଜିଲ୍ଲା ମୁଖ୍ୟାଳୟରେ ଅବସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ମେନ୍ ବ୍ରାଂଚରେ ଗ୍ରାହକ ସେବା ଯେଭଳି ବିପର୍ଯ୍ୟସ୍ତ ହୋଇ ପଡିଛି ତାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଜିଲ୍ଲା ମୁଖ୍ୟାଳୟରେ ରହିଥିବା କାରଣରୁ ବ୍ୟାଙ୍କର ଏହି ମୁଖ୍ୟ ଶାଖାକୁ ନୂତନ ଭାବେ ଆକାଉଟଂ ଖୋଲିବା ଠାରୁ ଉଚ୍ଚ ଶିକ୍ଷା ପାଇଁ ସହାୟତା ନିମନ୍ତେ ସ୍କୁଲ କଲେଜର ଛାତ୍ର ଛାତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଗ୍ରାହକମାନେ ବିଭିନ୍ନ ଆଶା ନେଇ ଆସିଥାନ୍ତି । ଯେଉଁମାନଙ୍କ ମଧ୍ୟରେ ବ୍ୟାଙ୍କର କାର୍ଯ୍ୟଧାରା ତଥା ସହାୟତା ଆଦି ସଂପର୍କରେ ପ୍ରାୟତଃ ଅଜ୍ଞ ଥିବା ଗ୍ରାହକ ଅଧିକ ରହିଥାଆନ୍ତି । କିନ୍ତୁ ସେମାନଙ୍କୁ ପରାମର୍ଶ କିମ୍ବା ସହାୟତା ଯୋଗାଇ ଦେବା କ୍ଷେତ୍ରରେ ମୁଖ୍ୟ ଶାଖାରେ କୌଣସି ବ୍ୟବସ୍ଥା ନାହିଁ। ଅବଶ୍ୟ ପୂର୍ବରୁ ବ୍ୟାଙ୍କକୁ ଆସୁଥିବା ଲୋକଙ୍କୁ ଉପଯୁକ୍ତ ପରାମର୍ଶ ସହ ସହାୟତା ଯୋଗାଇ ଦିଆଯାଉଥିଲା । କିନ୍ତୁ ଏବେ ତାର ସଂପୁର୍ଣ୍ଣ ବିପରିତ ଦେକିବାକୁ ମିଳୁଛି । ଏପରିକି କେହି କିଛି ପଚାରିବା ତ ଦୂରର କଥା ଗ୍ରାହକମାନେ କିଛି ଜାଣିବାକୁ ପଚାରିଲେ ମଧ୍ୟ ସେମାନେ ଉତର ପାଆନ୍ତି ନାହିଁ । ବ୍ୟାଙ୍କ ବ୍ୟବସ୍ଥାର ଏତାଦୃଶ୍ୟ ଅଧୋଗତି ପାଇଁ ବ୍ୟାଙ୍କର ଆଭ୍ୟନ୍ତରିଣ ରାଜନୀତି କୁଆଡେ ଯେତିକି ଦାୟୀ ଅନୁରୁପ ଭାବେ ଏଠାରେ ଅବସ୍ଥାପିତ ହେଉଥିବା ମୁଖିଆମାନଙ୍କର କାର୍ଯ୍ୟଶୈଳୀ ତଥା ମନୋଭାବ ଅନୁରୁପ ପରିମାଣରେ ଦାୟୀ ବୋଲି ହେଉଥିବା ଚର୍ଚ୍ଚାର ସତ୍ୟତା ସପକ୍ଷରେ ଅନେକ ମତ ଦେଇଛନ୍ତି ।

# ନଡ଼ିଆ କତା ବୋଝେଇ ଟ୍ରକ୍‌ରୁ ଅଧକୋଟି ମୂଲ୍ୟର ଗଞ୍ଜେଇ ଜବତ : ୩ ଗିରଫ

ଗଞ୍ଜାମ,୭।୧ (ନି.ପ୍ର): ଗଜପତି ଜିଲ୍ଲାରୁ ଏକ ନଡ଼ିଆ କତା ବୋଝେଇ ଟ୍ରକ୍ ରେ ଗଞ୍ଜେଇ ଚାଲାଣ କରାଯାଉଥିବା ଖବର ପାଇ ଗଞ୍ଜାମ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଜଗନ୍ନାଥପୁର ଛକରେ ଟ୍ରକ୍ ଟିକୁ ଅଟକାଇ ଯାଂଚ୍ କରାଯାଇଥିଲା । ଯାଂଚ୍ ବେଳେ ଟ୍ରକ୍ ରୁ ୫୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ହୋଇଥିବା ସୂଚନା ମିଳିଛି । ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି । ଏହି ଗଞ୍ଜେଇ ଗଜପତିରୁ ଉତରାଖଣ୍ଡ ରାଜ୍ୟକୁ ଚାଲାଣ କରାଯାଉଥିବା ନେଇ ତଦନ୍ତରୁ ଜଣାପଡିଛି ।

# ପୁନଃଉଦ୍ଧାର ଅପେକ୍ଷାରେ ଓଡ଼ିଶା ସର୍ବପୁରାତନ ବାରିପଦା ଜୁବୁଲି ପାଠାଗାର

କନ୍ଧମାଳ,୭।୧ (ନି.ପ୍ର): ଓଡ଼ିଶାର ସର୍ବବୃହତମ ପାଠାଗାର ଭାବେ ବାରିପଦା ଜୁବଲୀ ବା ମହାରାଜା ଶ୍ରୀରାମଚନ୍ଦ୍ର ପାଠାଗାରର ଖ୍ୟାତି ଅତୀତରେ କାହିଁରେ କଣ ରହିଥିଲା । ୧୮୯୭ରେ ଇଂଲଣ୍ଡର ମହାରାଣୀ ଭିକଟୋରୀଆଙ୍କ ଡ଼ାଇମଣ୍ଡ ଜୁବୁଲୀ ପାଳନ ଅବସରରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ମହାରାଣୀ ଭିକ୍ଟୋରିଆଙ୍କ ସ୍ମାରକ ସ୍ୱରୂପ ୧୮୯୯ ମସିହାରେ ଦି ଭିକ୍ଟୋରିଆ ଡ଼ାଇମଣ୍ଡ ଜୁବଲୀ ପବ୍ଲିକ ଲାଇବ୍ରେରୀ ନିର୍ମାଣ କରିଥିଲେ । ମୟୂରଭଞ୍ଜରୁ ରାଜତନ୍ତ୍ର ଶାସନର ବିଲୋପ ପରେ ଏହା ଜୁବଲୀ ବା ମହାରାଜା ଶ୍ରୀରାମଚନ୍ଦ୍ର ପାଠାଗାର ଭାବେ ଜନସାଧାରଣଙ୍କ ନିକଟରେ ନୂଆ ପରିଚୟ ସୃଷ୍ଟି କରିଥିଲା । ସେହିପରି ଉକ୍ତ ପାଠାଗାରେ ବେଦ, ଉପନିଶଦ, ଗୀତାଠାରୁ ଆରମ୍ଭ କରି ଇତିହାସ, ରାଜନୀତି, ସାହିତ୍ୟ , ଅର୍ଥନୀତି, ପର୍ଯ୍ୟଟନ ଆଦି ବିଭିନ୍ନ ଭାଷାରେ ପ୍ରକାଶିତ ବହୁ ଦୁର୍ଲଭ ଓ ଗୁରୁତ୍ୱପୂର୍ଣ୍ଣ ପୁସ୍ତକ ଦୁଇ ଗୋଟି ବୃହତାକାୟ ପ୍ରକୋଷ୍ଠରେ ରହିଥିଲା । ପାଠାଗାର ପରିସରରେ ଆକର୍ଷଣୀୟ ଆଲୋକସଜ୍ଜା, ଆସବାବପତ୍ର, ସାଜସଜା ଆଦି ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ଅତୀତକୁ ମନେ ପକାଇ ଦେଇ ଆସୁଛି । ୧୯୦୮ ମୟୂରଭଞ୍ଜ ଷ୍ଟେଟ ପ୍ରେସ ଦ୍ୱାରା ପ୍ରକାଶିତ ଏଡ଼ମିନିଷ୍ଟ୍ରେସନ ଅଫ୍ ମୟୂରଭଞ୍ଜ ପୁସ୍ତକରେ ଜୁବଲୀ ପାଠାଗାର ସମ୍ପର୍କୀତ ସୂଚନାରେ ୧୯୦୭ ମାର୍ଚ୍ଚ ୩୧ ସୁଦ୍ଧା ପାଠାଗାରରେ ୩,୫୮୪ ଖଣ୍ଡ ପୁସ୍ତକ ଓ ୫୪ ଜଣ ପାଠକ ରହିଥିବାର ଜଣାପଡ଼ିଛି । କିନ୍ତୁ ପରବର୍ତି ସମୟରେ ପୁସ୍ତକ ସଂଖ୍ୟା ବୃଦ୍ଧି ପାଇ ୩୦ ହଜାରକୁ ଅତିକ୍ରମ କରିଯାଇଥିଲା । ସେହିପରି ୧୯୪୯ ଜାନୁଆରୀ ୨ରୁ ମୟୂରଭଞ୍ଜ ଓଡ଼ିଶା ପ୍ରଦେଶ ଅଧୀନରେ ସ୍ୱତନ୍ତ୍ର ଜିଲ୍ଲା ଭାବେ ଶାସିତ ହେଲା । ମାତ୍ର ଓଡ଼ିଶା ସରକାର ଅଥବା ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପାଠାଗାରର ମହତ୍ୱକୁ ସଠିକ୍ ଭାବେ ଉପଲବ୍ଧି କରି ନ ପାରିବା ହେଉ ଅଥବା ଅନ୍ୟ କୌଣସି କାରଣରୁ ହେଉ ଏହାର ପରିଚାଳନା ବ୍ୟବସ୍ଥା ହାତକୁ ନେଇ ନ ଥିଲେ । ଫଳରେ ପାଠାଗାରଟି ଏକ କମିଟି ଦ୍ୱାରା ପରିଚାଳିତ ହେବାରେ ଲାଗିଲା ଏବଂ ୧୯୫୯-୬୦ରେ ପାଠାଗାର କମିଟି ପ୍ରଶାସନ ନିକଟରେ ପଞ୍ଜୀକୃତ ହୋଇଥିଲା । ଏହି ଐତିହାସିକ ପାଠାଗାରର ସୌନ୍ଦର୍ଯ୍ୟ ଜନସାଧାରଣକୁ ଆକର୍ଷିତ କରାଇ ନଇେଥାଏ । ଏହା ପରିସରରେ ଅନେକ ଚଳଚତ୍ର ମଧ ସିଟିଂ ହୋଇଥିବାର ନଜିର ରହିଛି । ବହୁ ଗବେଷକକୁ ମଧ ପାଠାଗାରରେ ରହିଥିବା ଦୁର୍ଲଭ ପୁସ୍ତକ ଆକୃଷ୍ଟ କରାଇ ଥାଏ ଏବଂ ସେମାନେ ମଧ ଆସି ପାଠାଗାରରେ ଅଧ୍ୟୟନ କରିଥାନ୍ତି । ମାତ୍ର ପାଠାଗାରର ପରିଚାଳନା ନିମନ୍ତେ ଆର୍ଥିକ ଅନାଟନ ଦେଖା ଦେଇଥିଲା । ନିଜସ୍ୱ ପାଣ୍ଠି ନ ଥିବା କାରଣରୁ ପାଠାଗାରରେ ଥିବା ପୁସ୍ତକ ଉପଯୁକ୍ତ ରକ୍ଷଣାବେକ୍ଷଣ ସମ୍ଭବ ହୋଇ ନଥିଲା । ଫଳରେ ବହୁ ମୂଲ୍ୟବାନ ଓ ବିରଳ ପୁସ୍ତକ ନଷ୍ଟ ହେବା ସାଙ୍ଗକୁ ଅନେକ ପୁସ୍ତକର କୌଣସି ଖୋଜଖବର ନାହିଁ । ପାଠାଗାରର ବିଦ୍ୟୁତ ବିଲ ପୈଠ ହୋଇ ପାରି ନାହିଁ । ପାଣିର ବ୍ୟବସ୍ଥା ନାହିଁ । ଆସ୍ତେ ଆସ୍ତେ ପାଠାଗାର ତାର ପୂର୍ବର ଆକର୍ଷଣ ହରାଇ ବସିବାରେ ଲାଗିଥିଲା ଏବଂ ଶ୍ରହୀନ ଅବସ୍ଥାକୁ ଆସିଯାଇଥିଲା । ଏହି ସମୟରେବିଳମ୍ବରେ ହେଲେ ମଧ ମୁଖ୍ୟମନ୍ତ୍ରୀ ନବୀନ ୨୦୨୦ ଡ଼ିସେମ୍ବର ୨୩ରେ ପାଠାଗାରର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ସରକାର ହାତକୁ ନେଲେ ବୋଲି ଘୋଷଣା କଲେ । ଯାହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ସମୟରେ କେଉଁ ଦିନ ପାଠାଗାରର ପୁର୍ନଉଦ୍ଧାର କାର୍ଯ୍ୟ ଆରମ୍ଭ ହେଉଛି ତାହା ପରବର୍ତି ସମୟରୁ ଜଣାପଡ଼ିବ ।

# କୋରାଇ ବ୍ଲକ ସମିତିସଭ୍ୟ/ ସଭ୍ୟାଙ୍କ ଆନ୍ଦୋଳନ ନିଷ୍ପତ୍ତି : ଅଧ୍ୟକ୍ଷାଙ୍କ ସମ୍ବାଦିକ ସମ୍ମିଳନୀ

କୋରେଇ,୭।୧ (ନି.ପ୍ର): କୋରାଇ ବ୍ଲକ ସମିତି ସଭ୍ୟ/ସଭ୍ୟା ସଙ୍ଘ ପକ୍ଷରୁ ଆଜି କୋରାଇ ବ୍ଲକ ସମ୍ମୀଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅଧ୍ୟକ୍ଷା ମାତଳୀ ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୨ବର୍ଷ ୮ ମାସ ଧରି ବାରମ୍ବାର ପ୍ରତିଶୃତି ପରେ ପଂଚାୟତ ସମିତି ବୈଠକ ନହେବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲେ ହେ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ବୈଠକ ନହେଲେ ଆନ୍ଦୋଳନ ପନ୍ଥା ଗ୍ରହଣ କରାଯିବାକୁ ସର୍ବ ସମ୍ମତ ନିଷ୍ପତି ଗ୍ରହଣ କରାଯାଇଛି । ଏମିତିକି ବ୍ଲକ ସମ୍ମୁଖରେ ଧାରଣା ବା ସମୂହ ଇସ୍ତଫା ଭଳି କଠୋର ନିଷ୍ପତି ନିଆଯିବ ବୋଲି ସମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ପ୍ରମୋଦ କୁମାର ସାହୁଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ବୈଠକରେ କୋରାଇର ବିକାଶ ଦିଗରେ ରାଜନୈତିକ ଓ ପ୍ରଶାସନିକ ଅସହଯୋଗର ଶିକାର ହେବା ଦ୍ୱାରା କୋରାଇର ବିକାଶ ହୋଇପାରୁନଥିବା ଓ ଜଣେ ସାଧାରଣ ଆଦିବାସୀ ମହିଳା ହୋଇଥିବାରୁ ପ୍ରତିପକ୍ଷ ଓ ପ୍ରଶାସନିକ ଅଧିକାରୀମାନଙ୍କ ଅସହିଷ୍ଣୁତାର ସାମ୍ନା କରିବାକୁ ପଡିଛି ବୋଲି ବ୍ଲକ ଅଧ୍ୟକ୍ଷା ମାଳତୀ ଟୁଡୁ କ୍ଷୋଭର ସହ ପ୍ରକାଶ କରିଥିଲେ । ପ୍ରତି ୨ମାସରେ ଥରେ ସମିତି ବୈଠକ ହେବାର ନିୟମ ଥିବା ବେଳେ ୨ବର୍ଷ ୮ ମାସ ହେବ କୋରାଇ ପଂଚାୟତ ସମିତିର ବୈଠକ ହୋଇନାହିଁ । ୨୦୧୯ ଅକ୍ଟୋବର ୧୨ ତାରିଖ ବୈଠକ ଡକାଯାଇ ବିଡିଓଙ୍କ ଅନୁପସ୍ଥିତି ଯୋଗୁ ବୈଠକ ହୋଇପାରିନଥିଲା । ୨୦୧୯ ଠାରୁ ଜାନୁଆରୀ ୨୦୨୦ ପର୍ଯ୍ୟନ୍ତ କୋରାଇ ବ୍ଲକରେ ସ୍ଥାୟୀ ବିଡିଓ ନଥିବା ଓ ପରେ ସାଧାରଣ ନିର୍ବାଚନ ଏବଂ କୋଭିଡ କଟକଣା ଯୋଗୁ ବୈଠକ ହୋଇପାରିନଥିଲା । ନଭେମ୍ବରରେ ଏହାର କୋହଳ ହେବାରୁ ଡିସେମ୍ବର ୩୦ରେ ବୈଠକ ପାଇଁ ଅଧ୍ୟକ୍ଷା ସୁପାରିଶ କରିଥିଲେ । ହେଲେ ଏହା ନହେବାରୁ ୩୧ଡିସେମ୍ବର ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ଆଲୋଚନାପରେ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ବୈଠକ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ମାତ୍ର ଅବଧି କୌଣସି ନୋଟିସ ଜାରି କରାଯାଇ ନାହିଁ । ଅଧ୍ୟକ୍ଷାଙ୍କୁ କୌଣସି କାର୍ଯ୍ୟକ୍ରମ ବା ଯୋଜନା ସମ୍ବନ୍ଧୀୟ ସରକାରୀ ଚିଠି ମଧ୍ୟ ପ୍ରଦାନ କରାଯାଉ ନାହିଁ । ବିଭିନ୍ନ ଯୋଜନାର ବିକାଶ ମୂଳକ ପଦକ୍ଷେପ ପରିବର୍ତେ ହରିଲୁଟ ଚାଲିଛି । ଦୁର୍ନିତୀକୁ ନିତୀରେ ପରିଣତ କରାଯାଇଛି । ଜନସାଧାରଣଙ୍କ ସମସ୍ୟା ସମାଧାନ ହେବା ପରିବର୍ତେ ସେମାନଙ୍କୁ ହଇରାଣ ହରକତ କରାଯାଉଛି । ଫଳରେ କୋରାଇ ଜନତା ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି । ବିକାଶ ନାମରେ ବିନାଶ କରାଯାଉଛି । ଯଦି ପଂଚାୟତ ସମିତି ବୈଠକ ଡକାନଯାଏ ତାହେଲେ ସମିତି ସଭ୍ୟ/ସଭ୍ୟା ସଙ୍ଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଏହି ବୈଠକରେ ସଙ୍ଘ ସମ୍ପାଦକ ଜହର ଅଲ୍ଲୀ, ଉପସଭାପତି କୁଳମଣି ଦାସ, ଜୟନ୍ତୀ ସାହୁ, ପ୍ରତିମା ରାଉତ, ସୁଷମା ଦାସ, ଗୁଣ୍ଡିଚା ମଳିକ, ରାଧାରାଣୀ ପାତ୍ର, ଅଶୋକ ବାରିକ, ମନ୍ମଥ ଜେନା, ଭାନୁପ୍ରଭା କରଣ, ମଧୁସୂଦନ ସାହୁ, ଅମିତା ସାହୁ, ଗର୍ଭିନ ଦଳେଇ, କ୍ଷିରୋଦ ଦାସ, ଉମାକାନ୍ତ ମଳିକ, ପାର୍ବତୀ ବେହେରା, ମମତାରାଣୀ ଘଡାଇ, ନୀଳମାଧବ ଚକ୍ର ପ୍ରମୁଖ ଯୋଗ ଦେଇଥିଲେ ।

# କନ୍ଧମାଳ ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

କନ୍ଧମାଳ,୭।୧ (ନି.ପ୍ର): ଜିଲା ଅବସରପ୍ରାପ୍ତ କର୍ମଚାରି ସଂଘର ଏକ ଜରୁରୀ ବୈଠକ ଆଜି ସ୍ଥାନିୟ ଏକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଂଘର ଦିବଂଗତ ସାଧାରଣ ସଂପାଦକ ସୁର୍ଯ୍ୟନାରାୟଣ ମହାପାତ୍ର ଓ ଅନ୍ୟ ଦୁଇ ସଦସ୍ୟଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ପରିଷଦର ପରିଚାଳନା ମଣ୍ଡଳୀର କ୍ାର୍ଯ୍ୟକାଳ ପୁରି ଯାଇଥିଲେ ବି କରୋନା କାରଣରୁ ନିର୍ବାଚନ ହୋଇ ପାରି ନ ଥିବାରୁ ପରିସ୍ଥିତି ସ୍ୱାଭାବିକ ହେବା ପରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଥୁିଲା । ସେହିଭଳି ୬୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ମାନଙ୍କୁ ମନ୍ଦିର ପ୍ରବେଶ ପାଇଁ ସରକାର ବାରଣ କରିଥିବାରୁ ଏହାକୁ ନାପସନ୍ଦ କରି ଏହି ନିଷ୍ପତିର ପୁନର୍ବିଚାର କରିବା ପାଇଁ ସରକାରଙ୍କୁ ଅନୁରୋଧ କରିବାକୁ ପ୍ରସ୍ତାବ ଗ୍ରହଣ କରା ଯାଇଥିଲା । ମ୍ୟୁନିସିପାଲିଟିର ବର୍ଦ୍ଧିତ ହୋଲଡିଙ୍ଗ ଟ୍ୟାକ୍ସ ନାଗରିକ ମାନଙ୍କ ଉପରେ କୋଭିଡ ସମୟରେ ଆଉ ଏକ କୋରଡା ମାଡ ବୋଲି କୁହାଯାଇ ଏହାର ପ୍ରତ୍ୟାହାର ପାଇଁ ସଂଘ ପକ୍ଷରୁ ଦାବୀ କରାଯାଇଛି । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସଦସ୍ୟ ପ୍ରସନ୍ନ କୁମାର ସାହାଣୀ,ଅନନ୍ତ ଚରଣ ମିଶ୍ର,ଅଚ୍ୟୁତ କହଁର,ତାରିଣି ପ୍ରସାଦ ମୁନୀ, ନବୀନ କିଶୋର ପଣ୍ଡା, ଦୁର୍ଯ୍ୟୋଧନ ପ୍ରଧାନ,ପଦ୍ମଚରଣ ସ୍ୱାଇଁ, ମୋଚିରାମ ମିଶ୍ର,ସଚ୍ଚିଦାନନ୍ଦ ପଟ୍ଟନାୟକ,ଶରତଚନ୍ଦ୍ରସାହୁ,ଅଶୋକ କୁମାର ମିଶ୍ର,ପିତାମ୍ବର ମିଶ୍ର,ଲକ୍ଷ୍ମୀ ନାରାୟଣ ଦୋରା,ପତିତପାବନ ରାଉତ,ପି ଅନନ୍ତ କୁମାର ପୃଷ୍ଟି ଓ ରବୀନସାମନ୍ତରାୟ ପ୍ରମୂଖ ଅଂଶଗ୍ରହଣ କରିଥିଲେ ।

# ହାତୀ ଆକ୍ରମଣରେ ଜଣେ ମୃତ, ୧ ଗୁରୁତର

ଢ଼େଙ୍କାନାଳ,୭।୧ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ ଅନ୍ତର୍ଗତ କନ୍ତିଓ ପୁଟ ସାହିରେ ଆଜି ସକାଳେ ହାତୀ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ଘଟଣାରେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ମୃତ ଚାଷୀଙ୍କ ନାମ ଭୁବନ ବେହେରା । ତାଙ୍କ ଘର କନ୍ତିଓପୁଟ ସାହିରେ । ଗୁରୁତର ଚାଷୀ ଯଦୁମଣି ସାହୁଙ୍କୁ ଚିକିତ୍ସା ନିମନ୍ତେ ଢ଼େଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଛି । ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇଛି । ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଉତ୍ୟେକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଗୁରୁତରଙ୍କୁ ଚିକିତ୍ସା ସହାୟତା ଯୋଗାଇଦେବାର ପ୍ରତିଶୃତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଛି ।

# ଭୁବନ ବ୍ଲକର ଅପହଂଚ ଇଲାକା ଦଧିସିଂହା ଓ ଅରିଲୋ ଗ୍ରାମକୁ ସାଂସଦଙ୍କ ପୋଷ୍ୟଗ୍ରାମ ଘୋଷଣା

ଭୁବନ,୭।୧ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନ୍ତର୍ଗତ ବାଲିବୋ ପଂଚାୟତର ନଦୀ ନାଳ ବିଲ ମାଳ ଘେରା ସୀମାନ୍ତ ଗାଁ ହେଉଛି ଦଧିସିଂହା ଓ ଅରିଲୋ । ଯେଉଁଠି କି ସାଧାରଣ ଜନତା ପାଦରେ ଚାଲି ଯିବା ସମ୍ଭବ ନୁହେଁ । ବର୍ଷ ସାରା ନଦୀ ସାଜେ ବାଧକ । ଅନ୍ୟ ପଟେ ବିଲମାଳ । ଫଳରେ ଏହି ଗାଁକୁ ସ୍ୱାଧିନତାର ୭୩ ବର୍ଷ ପର୍ଯ୍ୟନ୍ତ ଆଜିଯାଏ କୌଣସି ନେତାଙ୍କ ପାଦ ପଡିନଥିଲା । ପ୍ରଥମ ନେତା ଭାବେ ଗତକାଲି ଢେଙ୍କାନାଳ ସାଂସଦ ମହେଶ ସାହୁ ପହଁଚିଥିଲେ ଏହି ଗାଁ ରେ । ଗ୍ରାମଦେବତୀଙ୍କୁ ପ୍ରଣାମ କରିବା ପରେ ଦରଦୀ ନେତାଙ୍କୁ ପାଖରେ ପାଇ ଗ୍ରାମବାସୀ ଶଙ୍ଖ ବଜାୟ ହୁଳହୁଳି ପକାଇ ପାଛୋଟି ନେଇଥିଲେ । ପରେ ଅନୁଷ୍ଠିତ ସାଧାରଣ ସଭାରେ ସାଂସଦ ମହେଶ ସାହୁ ଙ୍କ ସମେତ ଭୁବନ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ , ବାଲିବୋ ସରପଂଚ ସନ୍ତୋଷ କୁମାର ଖୁଣ୍ଟିଆ ,ବାଲିବୋ ପଂଚାୟତ ବିଜେଡି ସଭାପତି ପ୍ରଶାନ୍ତ ରାଉତ , ଏକତାଳୀ ସମିତି ସଭ୍ୟ ଅମୁଲ୍ୟ କୁମାର ଦ୍ୱିବେଦୀ. ରାକେଶ ଆଏଚ, ସୁଶାନ୍ତ ପୃଷ୍ଟି ,ସାଂସଦଙ୍କ ବ୍ୟକ୍ତିଗତ ସଚିତ ମାତୃପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅଖ୍ୟାତ ଗ୍ରାମରୁ ମାଟ୍ରିକ ପାଶ କରିଥିବା ୪ ଜଣ ଛାତ୍ରୀଙ୍କୁ ସାଂସଦ ଫୁଲତୋଡା ଦେଇ ସମ୍ମାନିତ କରିଥିଲେ । ସାଧାରଣ ଲୋକଙ୍କ ବିଭିନ୍ନ ସମସ୍ୟା ଗ୍ରାମକୁ ସବୁଦିନିଆ ରାସ୍ତା ନଥିବା, ଆଲୋକ, ପାନୀୟଜଳ ବ୍ୟବସ୍ଥା ହୋଇନଥିବା, ଗତ ବର୍ଷା ଋତୁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ପାଇଥିବା ୧୬ ଜଣ ବ୍ୟକ୍ତି ଗୃହକାର୍ଯ୍ୟ ସାରିପାରି ନଥିବାରୁ ସେମାନଙ୍କୁ ବୋନସ ଟଙ୍କା ନମିଳିବା , ୯୦ପ୍ରତିଶତ ଦିବ୍ୟାଙ୍ଗ ନଣ୍ଡା ଦେହୁରୀଙ୍କୁ ରାସନ କାର୍ଡ ନମିଳିବା , ବହୁ ବିଧବା ମହିଳାଙ୍କୁ ଭତା ନମିଳବା , ଶବର ଜାତିରେ ଜନ୍ମ ହୋଇଥିଲେ ବି ଘରବାରି ପଟ୍ଟାରେ ସଅର ଲେଖା ହୋଇଥିବାରୁ କୈଣସି ସରକାରୀ ସୁବିଧା ନମିଳିବା ସଂପର୍କରେ ଗ୍ରାମବାସୀ ସାଂସଦଙ୍କୁ ଜଣାଇଥିଲେ । ବ୍ଲକ ଅଧକ୍ଷ ଙ୍କ ଅନୁରୋଧକ୍ରମେ ସାଂସଦ ଶ୍ରୀଯୁକ୍ତ ସାହୁ ଏହି ଦୁଇ ଗ୍ରାମକୁ ପୋଷ୍ୟଗ୍ରାମ ଭାବେ ଘୋଷଣା କରି ଖୁବ ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ୭୧ଜଣ ବୃଦ୍ଧ ,ବୃଦ୍ଧା ଅସହାୟ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା ।

# ୨୧ତମ ଗୁରୁ ପ୍ରଣାମ ମହୋତ୍ସବ ଅନୁଷ୍ଠିତ

## ଗୁରୁ ପ୍ରଣାମ ମହୋତ୍ସବ ଏକ ଅନନ୍ୟ ପରମ୍ପରା : ନିରଞ୍ଜନ

ଭୁବନେଶ୍ୱର,୭।୧ (ନି.ପ୍ର): ବୈଦିକ ମତେ ଗୁରୁ ପୂର୍ଣ୍ଣିମାରେ ଗୁରୁପୂଜା ଓ ପୂର୍ବତନ ରାଷ୍ଟ୍ରପତି ଡଃ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ଗୁରୁଦିବସରେ ଆମେ ଗୁରୁଙ୍କ ପ୍ରତି ଶ୍ରଦ୍ଧା ସମ୍ମାନ ପ୍ରକଟ କରିଥାଉ। କିନ୍ତୁ ଆର୍ଯ୍ୟ ସମାଜର ସହଯୋଗୀ ଅନୁଷ୍ଠାନ ସ୍ୱାମୀ ଦୟାନନ୍ଦ ସର୍ଭିସ୍ ମିଶନ ପକ୍ଷରୁ ଦୀର୍ଘ ୨୧ ବର୍ଷ ହେବ ଚ୍ଳୁଥିବା ଗୁରୁ ପ୍ରଣାମ ଏକ ଅନନ୍ୟ ପରମ୍ପରା ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ। ସେ ଆହୁରି କହିଲେ ଯେ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା, ସ୍ନେହ, ସମ୍ମାନ ପ୍ରଦର୍ଶନ କଲେ କେବଳ ଛାତ୍ର ବା ଶିଷ୍ୟର କଲ୍ୟାଣ ହୋଇ ନଥାଏ ବରଂ ସମାଜର ମଧ କଲ୍ୟାଣ ହୋଇଥାଏ। ଅନୁଷ୍ଠାନର ଅଧକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ମନୋରମ ସମାବେଶରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗାନ୍ଧୀ ବିନୋବା ଟ୍ରଷ୍ଟର ସଭାନେତ୍ରୀ ଶ୍ରୀମତୀ ବିରଜା ଦେବୀ, ବିଶିଷ୍ଟ ଶିକ୍ଷାବିତ୍ ଅଧ୍ୟାପକ ରମାକାନ୍ତ ଜେନା, ପାଲାଚ୍ର୍ଯ୍ୟ ମଦନ ମୋହନ ଜେନା ଓ ଡଃ ବିଶ୍ୱନାଥ ରଥଙ୍କୁ ସମାଜରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ଶିକ୍ଷା, ବିଜ୍ଞାନ, ସଂସ୍କୃତର ପ୍ରଚ୍ର ପ୍ରସାର ପାଇଁ 'ଗୁରୁପ୍ରଣାମ ସମ୍ମାନ-୨୦୨୧' ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ବ୍ରଜବନ୍ଧୁ ପଣ୍ଡା କହିଲେ ଯେ ବୈଦିକ ଯୁଗରୁ ବର୍ତମାନ ଯୁଗ ପର୍ଯ୍ୟନ୍ତ ଗୁରୁ ପରମ୍ପରାରେ ଆମେ ସମସ୍ତେ ବାନ୍ଧି ହୋଇ ରହିଛେ। କିନ୍ତୁ ମଝିରେ ମଝିରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ସମ୍ପର୍କ ବିଷୟରେ ସଚେତନ କରାଇ ଦେବା ପାଇଁ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କର ଏହା ଏକ ଅଭିନବ ପରିକଳ୍ପନା। ସମ୍ମାନିତ ଅତିଥି ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି କହିଲେ ଯେ, ଶିଷ୍ୟ ବା ଛାତ୍ରଙ୍କୁ ଉଚିତ୍ ମାର୍ଗଦର୍ଶନ ଦେବା ଗୁରୁଙ୍କର ପ୍ରାଥମିକତା ହୋଇଥିବା ବେଳେ ସାମ୍ପ୍ରତିକ ବ୍ୟବସ୍ଥାରେ, ଶିକ୍ଷା ଯେତେବେଳେ ବ୍ୟବସାୟୀକରଣ ହୋଇଯାଇଛି, ସେତେବେଳେ ଶିଷ୍ୟ ଗୁରୁଙ୍କ ଠାରୁ କ'ଣ ଆଶା କରିବ ବୋଲି ସେ ପ୍ରଶ୍ନ କରିଥିଲେ। ପ୍ରଫେସର ରଜତ କୁମାର କର ଭିଡିଓ ମାଧ୍ୟମରେ ସଦ୍‌ଗୁରୁ ସବୁବେଳେ ସତ୍‌ଶିକ୍ଷା ଦେଇଥାନ୍ତି, ସମାଜର କଲ୍ୟାଣ ପାଇଁ ସେ ଶିଷ୍ୟ ବା ଛାତ୍ରଙ୍କୁ ପ୍ରସ୍ତୁତ କରିଥାନ୍ତି, ରାମକୃଷ୍ଣଙ୍କ ଭଳି ଗୁରୁ ସ୍ୱାମୀ ବିବେକାନନ୍ଦଙ୍କ ଭଳି ଶିଷ୍ୟକୁ ନେଇ ଗର୍ବିତ ବୋଲି କହିଥିଲେ। ଦିବ୍ୟ ଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଶିବ ଚିଦାନନ୍ଦ ମହାରାଜ, ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ ଓ ନିଗମ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସମାଜର କଲ୍ୟାଣ ପାଇଁ ଗୁରୁମାନଙ୍କ ମାର୍ଗଦର୍ଶନ ଯେ କେତେ କଲ୍ୟାଣପ୍ରଦ ତାହା କେବଳ ଅନୁଭବୀ ହିଁ ପ୍ରକାଶ କରିପାରିବ ବୋଲି କହିଥିଲେ। ସ୍ୱାମୀ ଶିବାନନ୍ଦ ମହାରାଜ ଓ ଠାକୁର ନିଗମାନନ୍ଦ ରାଷ୍ଟ୍ରର କଲ୍ୟାଣ ପାଇଁ ନିଜ ଜୀବନକୁ ସମର୍ପିତ କରିଥିଲେ। ସମାଜରେ ଏ ବାର୍ତାର ପ୍ରଚ୍ର ଓ ପ୍ରସାରର ଆବଶ୍ୟକତା ରହିଛି। ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥି ଗୁରୁଙ୍କୁ ଦେବତାଙ୍କ ସ୍ଥାନରେ କାହିଁକି ଆମ ପୂର୍ବ ପୁରୁଷମାନେ ରଖିଥିଲେ ତାର ବାଖ୍ୟା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଡଃ ଯୁଧିଷ୍ଠିର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଏକ ଶାନ୍ତିଯଜ୍ଞ ଆର୍ଯ୍ୟ ଭବନଠାରେ ପଣ୍ଡିତ ବିନୋଦ ବିହାରୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଆଜିର ସମସ୍ତ କାର୍ଯ୍ୟକ୍ରମକୁ ଇଂ ବିବେକାନନ୍ଦ ପାତ୍ର ଓ ସମ୍ପାଦକ ସୀତାବଲ୍ଲଭ ମହାପାତ୍ର ପରିଚ୍ଳନା କରିଥିଲେ। ଏହି ଅବସରରେ ଡଃ ଜ୍ଞାନେନ୍ଦ୍ରଙ୍କ ଲିଖିତ 'ଆର୍ଯ୍ୟ ସମାଜ ଓ ସ୍ୱାମୀ ଦୟାନନ୍ଦ'ର ଦ୍ୱିତୀୟ ସଂସ୍କରଣ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ।

# ପ୍ରାଥମିକ ଶିକ୍ଷକ ସଂଘର ପ୍ରତିଷ୍ଠା ଦିବସ ପାଳିତ



ଭଦ୍ରକ,୦୭।୦୧ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ୭୫ତମ ପ୍ରତିଷ୍ଠା ଦିବସ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ପାଳିତ ହୋଇଯାଇଛି। କୋବିଡ୍ - ୧୯ର ନିୟମାନୁଯାୟୀ ସର୍ବ ପ୍ରଥମେ ସଂଗଠନର ପତାକାକୁ ସ୍ଥାନୀୟ ଶହୀଦ୍ ସ୍ମୃତି ଭବନ ପ୍ରାଙ୍ଗଣରେ ଉତ୍ତୋଳନ କରାଯାଇଛି। ଏହାକୁ ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ନାରାୟଣ ଚନ୍ଦ୍ର ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ। ପରେ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ୧୯୪୬ ମସିହା ଜାନୁଆରୀ ୭ ତାରିଖରେ ଏହି ମହାନ୍ ସଂଗଠନର ଜନ୍ମ ନେଇଥିଲା। ଯାହାର ପ୍ରତିଷ୍ଠାତା ସଭାପତି ଥିଲେ, ଭଦ୍ରକ ମାଟିର ଗର୍ବ ଓ ଗୌରବ ଚିର ସ୍ମରଣୀୟ ସୁଯୋଗ୍ୟ ସନ୍ତାନ ଡଃ ହରେକୃଷ୍ଣ ମହତାବ। ଏହି ମହାନ ସବ୍‌ବୃହତ୍ ଓ ସର୍ବପୁରାତନ ସଂଗଠନ, ଯାହାକି ଓଡ଼ିଶା ସରକାରଙ୍କର ସ୍ୱୀକୃତିପ୍ରାପ୍ତ ଅଟେ। ଏହା ପରେ ସଂଗଠନର ଉପଦେଷ୍ଟା ସୁରେନ୍ଦ୍ର କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ରାଜ୍ୟ ସଂଯୋଜିକା ଚାରୁଲତା ମହାପାତ୍ର, ଜିଲ୍ଲାର ଅନ୍ୟତମ ଉପଦେଷ୍ଟା ବାବୁଲା ରାଉତ, ଓଷ୍ଟାର ରାଜ୍ୟ ଉପସଭାନେତ୍ରୀ ସୁରଜିତା ନାୟକ, ଜିଲ୍ଲା ସମ୍ପାଦକ ପ୍ରଦୀପ୍ତ ଦାସ, ସଂଗଠନର ଜିଲ୍ଲା ସମ୍ପାଦକ ମନୋରଂଜନ ନାୟକ, ଭଦ୍ରକ ବ୍ଲକ ସଭାପତି ଭାସ୍କର ନାୟକ, ସଂଗଠନ ସମ୍ପାଦକ କୃପାସିନ୍ଧୁ ବାରିକ, ଅକ୍ଷୟ କୁମାର ବାରିକ, ବାସନ୍ତୀ ପଣ୍ଡା ଆଦି ବକ୍ତବ୍ୟ ରଖି ସଂଗଠନ ସୁଦୃଢ ରହିଲେ ଶିକ୍ଷା ବ୍ୟବସ୍ଥା ତଥା ଶିକ୍ଷକମାନଙ୍କର ସମ୍ମାନ ଓ ଅଧିକାର ସୁଦୃଢ ହେବ। ସମସ୍ତଙ୍କ ମଧ୍ୟରେ ଏକତା ରହିଲେ ଶିକ୍ଷାର ଓ ଶିକ୍ଷକଙ୍କର ମାନ ସୁଦୃଢ ହୋଇ ପାରିବ। ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଐକ୍ୟବଦ୍ଧତାର ଆବଶ୍ୟକତା ରହିଛି। ଅନ୍ୟମାନଙ୍କ ମଧ୍ୟରେ ମିନତୀ ନାୟକ, ସଂଘମିତ୍ରା ବନ୍ଧ, ମାନସୀ ହୋତା, ସସ୍ମିତା ଦାଶ, ରଶ୍ମିରେଖା ପରମାଣିକ, ଶେଖ୍ ଅବଦୁର ରବ୍, ମନୋଜ ଦାସ, ସନ୍ତୋଷ ଲେଙ୍କା, ରମାକାନ୍ତ ଦାସ, ରଘୁନାଥ ସାନ୍ତରା, ଧର୍ମେନ୍ଦ୍ର ନାରାୟଣ ଜେନା ପରିଚାଳନା କରିଥିଲେ। ଶେଷରେ ସଂଘର କୋଷାଧ୍ୟକ୍ଷ ଗିରିଧାରୀ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୂତନ କୃଷି ଆଇନ୍ ପ୍ରତ୍ୟାହାର ଦାବିରେ ସିଟୁର ବିକ୍ଷୋଭ

ବାଲେଶ୍ୱର,୦୭।୦୧ (ନି.ପ୍ର): କେନ୍ଦ୍ର ସରକାରଙ୍କ କୃଷ ଓ ଶ୍ରମ ଆଇନକୁ ବିରୋଧ କରି ଶ୍ରମିତକ ସଂଗଠନ ସିଆଇଟିୟୁ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ବିକ୍ଷୋଭ ପ୍ରଦର୍ଶିତ ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ ଏକ ଶୋଭାଯାତ୍ରା ସହର ପରିକ୍ରମା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ପ୍ରେମରଂଜନ ପାତ୍ର ଅଧ୍ୟକ୍ଷତା କରିବା ସହିତ ସରକାରଙ୍କ ବିଭିନ୍ନ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଶିଳ୍ପପତି ଓ ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ର ସରକାର କୃଷକ ଓ ଶ୍ରମିକଙ୍କ ଅଧିକାରକୁ ସଂକୁଚିତ କରି ନୂତନ ଆଇନ ପ୍ରଣୟନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଥିଲେ। ସିଆଇଟିୟୁସିର ଜିଲା ଆବାହକ ବିଜୟ ପାତ୍ର, ରାଜକିଶୋର ଲେଙ୍କା, ପାଚିକା ସଂଘର ସଭାନେତ୍ରୀ ଇଶାଣୀ ଷଡ଼ଙ୍ଗୀ, ମୃତ୍ୟୁଞ୍ଜୟ ରାଉତ, ନିକୁଞ୍ଜ ବସନ୍ତ ରାୟ, ପୂର୍ଣ୍ଣିମା ବେହେରା, ସୁଶାନ୍ତ ଜେନା, ପଲଟୁ ଦାସ, ପରମେଶ୍ୱର ପାତ୍ର, ବସନ୍ତ ମାଝୀ, ପ୍ରସନ୍ନଜିତ୍ ମାଝୀ, କନକଲତା ଦାସ, ପରମାନନ୍ଦ ବେହେରା ପ୍ରମୁଖ ଏହି ପ୍ରତିବାଦ ସଭାରେ ଯୋଗଦେଇ କେନ୍ଦ୍ରର ମୋଦି ସରକାରଙ୍କ ବିଭିନ୍ନ ନୀତିକୁ ଦୃଢ଼ ସମାଲୋଚନା କରିଥିଲେ। ତୁରନ୍ତ ନୂତନ କୃଷି ଆଇନ, ବର୍ଦ୍ଧିତ ବିଦ୍ୟୁତ ଟ୍ୟାକ୍ସ ବୃଦ୍ଧି ପ୍ରତ୍ୟାହାର ନକଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୧୦ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ସଂପ୍ରସାରଣ କ୍ଷେତ୍ରରେ ....

ତଦନୁସାରେ ଓଏମଇସିଏଲ ପାଇଁ ଏମଇସିଏଲ ଖଣିଜ ଉତୋଳନ କରିବ । ଏହାଦ୍ୱାରା ରାଜ୍ୟରେ ଥିବା ଖଣିଜ ସଂପଦର ଉତୋଳନ ଓ ବିନିଯୋଗ ଦକ୍ଷତା ବଢିବ । ଏହା ମଧ୍ୟ ଖଣିଜ ପଦାର୍ଥର ସର୍ଭେ ଓ ଖନନରେ ସହାୟକ ହେବ ବୋଲି ଶ୍ରୀ ଜୋଶୀ କହିଛନ୍ତି । ସେ କହିଛନ୍ତି ଯେ କହିଛନ୍ତି ଯେ ଦେଶର ୪୬ଟି ଖଣିର ଲିଜ୍ ମିଆଦ ୨୦୨୦ ମାର୍ଚ୍ଚ ସୁଦ୍ଧା ଶେଷ ହୋଇଯାଇଥିଲା । ସେଥିମଧ୍ୟରେ ସର୍ବାଧିକ ଖଣି ଓଡ଼ିଶାରେ ରହିଛି । ଖଣିଜ ଉତ୍ପାଦନ ପ୍ରକ୍ରିୟାକୁ ଅବ୍ୟାହତ ରଖିବା ପାଇଁ କେନ୍ଦ୍ର ସରକାର ଏହି ନୂଆ ସଂଶୋଧିତ ଖଣି ଆଇନ ୨୦୨୦କୁ ଏକ ଅଧ୍ୟାଦେଶ ମାଧ୍ୟମରେ ଆଣିଥିଲେ । ଜାନୁୟାରୀ ୨୦୨୦ରେ ଜାରି ହୋଇଥିବା ଏହି ଅଧ୍ୟାଦେଶ ଅନୁସାରେ ରାଜ୍ୟ ସରକାରମାନେ ନିଜ ରାଜ୍ୟରେ ଥିବା ଖଣିଗୁଡିକର ନିଲାମ ପାଇଁ ଆଗୁଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ । ଏହା ଫଳରେ ପ୍ରଚଳିତ ଲିଜ୍ ଅବଧି ଶେଷ ହେବା ପୂର୍ବରୁ ନୂଆ ଲିଜ୍‌ଧାରୀଙ୍କ ସଂପର୍କରେ ରାଜ୍ୟ ସରକାରମାନଙ୍କୁ ନିଷ୍ପତି ନେବାକୁ ପଡିବ । ଦ୍ୱିତୀୟତଃ ଖଣିର ନୂଆ ଲିଜଧାରୀଙ୍କୁ ସ୍ୱୟଂକ୍ରିୟଭାବେ ଅନୁମୋଦନ ଓ କ୍ଲିୟରାନ୍ସ ଦୁଇ ବର୍ଷ ପାଇଁ ହସ୍ତାନ୍ତରିତ କରାଯିବ । ଯେଉଁଦିନଠାରୁ ନୂଆ ଲିଜଧାରୀ ଅନୁମତି ପାଇବେ ସେହିଦିନଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଏହା ବଳବତର ରହିବ । ଏହି ସମୟ ମଧ୍ୟରେ ନୂଆ ମାଲିକ ଆବେଦନ କରି ନୂତନ କ୍ଲିୟରାନ୍ସ ଆଦେଶ ପାଇପାରିବେ । ଏହି ପ୍ରକ୍ରିୟା ଫଳରେ ନୂଆ ମାଲିକମାନେ ଝାମେଲାମୁକ୍ତ ଭାବେ ଖଣି କାର୍ଯ୍ୟ କରିବାକୁ ସଫଳ ହୋଇଛନ୍ତି । ଶ୍ରୀ ଜୋଶୀ କହିଛନ୍ତି ଯେ ନାଲ୍‌କୋ ଓଡ଼ିଶା ସରକାରଙ୍କ ସହଯୋଗରେ ଅନୁଗୁଳଠାରେ ଏକ ବିଶ୍ୱସ୍ତରୀୟ ଆଲୁମିନିୟମ ପାର୍କ ପ୍ରତିଷ୍ଠା କରୁଛି । ଏହା ଫଳରେ ସେହି ଅଂଚଳରେ ନିଯୁକ୍ତି ସୁବିଧା ବଢିବ ଏବଂ ସ୍ଥାନୀୟ ଉଦ୍ୟୋଗ ଲାଭବାନ ହୋଇପାରିବେ । ଦେଶର ବକ୍ସାଇଟ ଉତ୍ପାଦନରେ ନାଲକୋର ଅବଦାନ ୩୨ ଶତାଂଶ । ସେହିଭଳି ଭାରତର ମୋଟ ଆଲୁମିନା ଉତ୍ପାଦନର ୩୩ ଭାଗ ଏବଂ ଆଲୁମିନିୟମ ଉତ୍ପାଦନର ୧୨ ଶତାଂଶ ନାଲକୋ ଦ୍ୱାରା ହୋଇଥାଏ ।

## ସରକାର ନିଷ୍ପତ୍ତି ବଦଳାନ୍ତୁ .....

କରୋନା ପରୀକ୍ଷା ପାଇଁ ଅତିକମରେ ୪ ଶହ ଟଙ୍କା ଖର୍ଚ୍ଚ ହେଉଛି । ଗତକାଲି ରାଜଧାନୀରେ ଲିଙ୍ଗରାଜ ମନ୍ଦିରରେ କରୋନା ପରୀକ୍ଷା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି ଯାହା ସ୍ୱାଗତଯୋଗ୍ୟ । ହେଲେ ବାକି ମନ୍ଦିରରେ ସେହି ବ୍ୟବସ୍ଥା ଏବେ ସୁଦ୍ଧା ହୋଇନାହିଁ । ଯାହାଫଳରେ ବହୁତ ଗରିବ ଶ୍ରଦ୍ଧାଳୁ ମନ୍ଦିରକୁ ଯାଇ ପାରୁନାହାନ୍ତି । ସରକାରଙ୍କର ଏହି ନିଷ୍ପତିକୁ ବଦଳାଇବାର ଆବଶ୍ୟକତା ଅଛି । ପ୍ରଥମତଃ ସରକାର ସବୁ ମନ୍ଦିରରେ ମାଗଣା କରୋନା ପରୀକ୍ଷାର ବ୍ୟବସ୍ଥା କରନ୍ତୁ, ନହେଲେ କରୋନା ନେଗେଟିଭ ରିପୋର୍ଟ ନେଇ ଯେଉଁ ବାଧ୍ୟତାମୂଳକ ରଖାଯାଇଛି ତାହାକୁ କୋହଳ କରନ୍ତୁ ବୋଲି ଶ୍ରୀ ଜଗନ୍ନାଥ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ସରକାରଙ୍କ ପାଖରେ ଦାବି କରାଯାଇଛି । ପରିଷଦର ସଂଯୋଜକ ଅନିଲ ବିଶ୍ୱାଳ କହିଛନ୍ତି ଯେ ଏପରି ବାଧ୍ୟତା ମୁଳକ ପରୀକ୍ଷା କେବଳ ଓଡିଶାରେ ହିଁ ରାଜ୍ୟ ସରକାର ନିୟମ କରିଛନ୍ତି । ଦେଶର ଅନ୍ୟ ରାଜ୍ୟମାନଙ୍କରେ ଥିବା ମନ୍ଦିର ମାନଙ୍କୁ ଯିବାକୁ ହେଲେ କୌଣସି ନେଗେଟିଭ ରିପୋର୍ଟର ଆବଶ୍ୟକତା ନାହିଁ। ହେଲେ ଓଡିଶା ସରାକର କେଉଁ ଗାଇଡ ଲାଇନ ଆଧାରରେ ଏହି ନିୟମ କରିଛନ୍ତି ବୁଝାପଡୁନାହିଁ । ଆଉ ଗୋଟିଏ ବିଶେଷ କଥା ହେଲା ଯେ ଓଡିଶାରେ ସରକାର କରିଥିବା ଏହି ନିୟମ କେବଳ ମନ୍ଦିର ପାଇଁ ଲାଗୁକରିଛନ୍ତି । ଓଡିଶାରେ ଥିବା ମସଜିଦ ବା ଚର୍ଚ୍ଚକୁ ଯିବାକୁ ହେଲେ ସେପରି କୌଣସି କରୋନା ନେଗେଟିଭ ରିପୋର୍ଟର ଆବଶ୍ୟକତା ପଡୁନାହିଁ । ଏପରି ପକ୍ଷପାତିତା ପଛରେ କାରଣ କଣ ବୁଝାପଡୁନାହିଁ । କେଉଁ ଅଜଣା କାରଣ ପାଇଁ ରାଜ୍ୟ ସରକାର ମନ୍ଦିର ଗୁଡିକ ପାଇଁ ଏପରି ଏକ ପାଖିଆ ତଥା ହିନ୍ଦୁ ଭାବନା ବିରୋଧୀ ଆଇନ କରିଛନ୍ତି ତାହା ବୁଝାପଡୁନାହିଁ । ସମ୍ବିଧାନର ଧାରା ୯, ସମ୍ବିଧାନର ଧାରା ୨୫, ଧାରା ୨୬ର ଖୋଲା ଉଲଙ୍ଘନ କରି ହିନ୍ଦୁମାନଙ୍କ ପ୍ରତି ଅନ୍ୟାୟ କରୁଛନ୍ତି ରାଜ୍ୟ ସରକାର ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

## ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ....

ବେସାମରିକ ବାହିନୀ, ମହାବିଦ୍ୟାଳୟ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ଦୃଷ୍ଟିରୁ ପ୍ୟାରେଡ୍ ରେ ସାମିଲ କରାଯିବ ନାହିଁ । ଜି.ଇ.ଡି ପକ୍ଷରୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଣ ସହ ପୂର୍ତ୍ତ ବିଭାଗ ପକ୍ଷରୁ ଲୋକସେବା ଭବନ, ଖାରବେଳ ଭବନ, କୃଷି ଭବନ, ବିଧାନସଭା କୋଠା, ଜୟଦେବ ଭବନ ଏବଂ କମିଶନରେଟ୍ ପୋଲିସ ଭବନକୁ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରିବାକୁ ନିଷ୍ପତି ହୋଇଛି । ସଚିବାଳୟ ମାର୍ଗସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଷ୍ଟେଟ୍ ବ୍ୟାଙ୍କ କାର୍ଯ୍ୟାଳୟ, ଆକାଉଂଟାଂଟ ଜେନେରାଲଙ୍କ କାର୍ଯ୍ୟାଳୟ, ପି.ଏମ୍.ଜି., ଇଡ୍‌କୋ, ବି.ଡି.ଏ., ଓ.ଏମ୍.ସି. ଏବଂ ଇପିକଲ ଆଦି କୋଠା ରଙ୍ଗିନ୍ ଆଲୋକରେ ସଜାଯିବା ପାଇଁ ବୈଠକରେ ନିଷ୍ପତି ହୋଇଛି । ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଡାକବାଜି ବ୍ୟବସ୍ଥା, ପ୍ୟାରେଡ୍ ସ୍ଥଳର ସାଜସଜ୍ଜା ଏବଂ ପ୍ରସାରଣ ବ୍ୟବସ୍ଥା ତୁଲାଇବା ପାଇଁ ବୈଠକରେ ନିଷ୍ପତି ହୋଇଛି । ସାନିଟାଇଜେସନ ଏବଂ ପିଇବା ପାଣି ବ୍ୟବସ୍ଥା ଲାଗି ବି.ଏମ୍.ସି. କୁ ଦାୟିତ୍ୱ ଦିଆଯାଇଛି । କ୍ୟାପିଟାଲ ହସ୍‌ପିଟାଲର ନିର୍ଦ୍ଦେଶକ ଫାଷ୍ଟଏଡ୍ ସୁବିଧା ଥାଇ ଆମ୍ବୁଲାନ୍‌ସ ଯୋଗାଇ ଦେବାକୁ ନିଷ୍ପତି ହୋଇଛି । କୋଭିଡ୍ କଟକଣା ହେତୁ କମନ୍ ଫିଡ୍ ଜରିଆରେ ଏହି ରାଜ୍ୟସ୍ତରୀୟ ଉତ୍ସବର ସିଧାପ୍ରସାରଣ ଲାଗି ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯିବ । ସୂଚନା ଓ ଲୋକସଂପର୍କ ବିଭାଗର ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ, ଡିଜି ଫାୟାର ସର୍ଭିସ୍ ଶ୍ରୀ ସତ୍ୟଜିତ ମହାନ୍ତି, ପୋଲିସ କମିଶନର ଶ୍ରୀ ସୁଧାଂଶୁ ଷଡଙ୍ଗୀ, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା, ବିଏମସି କମିଶନର ଶ୍ରୀ ପ୍ରେମଚନ୍ଦ୍ର ଚୌଧାରୀ, ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ କୃପାସିନ୍ଧୁ ମିଶ୍ର, ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ନିରଞ୍ଜନ ସେଠୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଏହି ବୈଠକରେ ଯୋଗଦେଇଥିଲେ ।

## ଆଜିଠାରୁ କରୋନା ଟିକାର ....

ଜଣେ ଏଏନ୍‌ଏମ୍‌ଙ୍କୁ ଦାୟିତ୍ୱରେ ରଖାଯିବ। ସେଥିପାଇଁ ସେମାନଙ୍କୁ ଆବଶ୍ୟକୀୟ ପ୍ରଶିକ୍ଷଣ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଆମର ସବୁ ଜିଲ୍ଲାରେ ଡ୍ରାଏରନ୍ ହୋଇଛି । ଆସନ୍ତାକାଲି ପ୍ରତି ଜିଲ୍ଲାର ୩ଟି ସେଂଟରରେ ଡ୍ରାଏ ରନ କରିବୁ। ଉଲ୍ଲେଖ୍ୟଯୋଗ୍ୟ ଯେ ଆସନ୍ତା ୧୩ ତାରିଖରୁ ସମଗ୍ର ଭାରତରେ କରୋନା ଟିକାକରଣ ଆରମ୍ଭ ହେବ ବୋଲି କୁହାଯାଉଛି। ତା’ ପୂର୍ବରୁ କରୋନା ଟିକାର ଡ୍ରାଏରନ କରିବାକୁ କେନ୍ଦ୍ର ସରକାର ସବୁ ରାଜ୍ୟ ସରକାରଙ୍କୁ ଚିଠି କରିଥିଲେ।

## ପକ୍ଷୀ ମଡ଼କ ଦେଖିଲେ....

ପକ୍ଷୀମାନଙ୍କ ରକ୍ତ, ଲାଳ, ନାଜାଲ ସ୍ରାବ, କ୍ଲୋଆକାଲ ସ୍ରାବ ଓ ଖାଦ୍ୟର ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି । ସାଂପ୍ରତିକ ବହିରାଗତ ପକ୍ଷୀ ଋତୁରେ ଏ ପର୍ଯ୍ୟନ୍ତ ପ୍ରାୟ ୧୧,୦୦୦ ନମୁନା ସଂଗ୍ରହ କରି ପରୀକ୍ଷା କରାସରିଲାଣି ଓ କୌଣସିଟିରେ ଏହି ରୋଗ ପ୍ରକାଶ ପାଇନାହିଁ। ଆଜି ପ୍ରାୟ ୩୦୦ ନମୁନା ପରୀକ୍ଷା ପାଇଁ ସଂଗ୍ରହ କରାଯାଉଛି । ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, କଟକ ଠାରେ ଯୁଗ୍ମ ନିର୍ଦ୍ଦେଶକଙ୍କ ତତ୍ତ୍ୱାବଧାନରେ ରାଜ୍ୟସ୍ତରୀୟ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରୁଛି । ବାର୍ଡ୍ ଫ୍ଲୁ ସନ୍ଦେହ କରାଯାଉଥିବା କୌଣସି ସ୍ଥାନକୁ ତୁରନ୍ତ ଗସ୍ତ କରିବା ନିମନ୍ତେ ରାଜ୍ୟ ସ୍ତରରେ ନଅଗୋଟି ସ୍ୱତର୍ନ୍ତ ପର୍ଯ୍ୟବେକ୍ଷକ ଦଳ ନିଯୁକ୍ତ କରାଯାଇଛି । ଏଥି ନିମନ୍ତେ ପ୍ରତି ଜିଲ୍ଲାସ୍ତରରେ ମଧ୍ୟ ୧୦ରୁ ୧୫ଟି ତ୍ୱରିତ କାର୍ଯ୍ୟକାରୀ ଦଳ ଗଠନ କରିବା ପାଇଁ ସମସ୍ତ ଜିଲ୍ଲା ମୁଖ୍ୟ ପ୍ରାଣି ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ବ୍ଲକ୍ ଅନ୍ତର୍ଗତ ବଡ଼ବେରଣା ଗ୍ରାମ ପଂଚାୟତର ଗୋବିନ୍ଦପୁର ଗ୍ରାମରେ ୧୨୦ଟି କୁକୁଡ଼ାଙ୍କ ମୃତ୍ୟୁ ହେବାର ରିପୋର୍ଟ ପହଂଚିଛି । ଖବର ପାଇଲା ପରେ ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଦଳ ଓ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଦଳ ଓ ଜିଲ୍ଲାସ୍ତରୀୟ ତ୍ୱରିତ କାର୍ଯ୍ୟକାରୀ ଦଳର ସଦସ୍ୟ ମାନେ ତୁରନ୍ତ ସେଠାରେ ପହଂଚି କାର୍ଯ୍ୟ ଆରମ୍ଭ କରିଥିଲେ। ମୃତ କୁକୁଡ଼ାଙ୍କ ମଧ୍ୟରୁ ୫ଟିକୁ ପରୀକ୍ଷଣ ନିମନ୍ତେ ପ୍ରାଣୀରୋଗ ଗବେଷଣା ପ୍ରତିଷ୍ଠାନ, ଫୁଲନଖରା, କଟକକୁ ଅଣାଯାଇଥିଲା । ଆଭିଆନ ଇନଫ୍ଲୁଏଂଜା ଆଂଟିଜେନ ଟେଷ୍ଟ ଦ୍ୱାରା ସମସ୍ତ ୫ଟି ଯାକ ନମୁନାର ପରୀକ୍ଷଣ କରାଯାଇଥିଲା ଓ କୌଣସିଟିରେ ଏହି ରୋଗ ପ୍ରକାଶ ପାଇନାହିଁ। ବାକି ମୃତ କୁକୁଡ଼ା ଗୁଡ଼ିକୁ ଗଭୀର ଗାତରେ ବିଶୋଧକ ପ୍ରୟୋଗ କରି ପୋତିଦିଆଯାଇଛି । ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଦଳ ଓ ତ୍ୱରିତ କାର୍ଯ୍ୟକାରୀ ଦଳର ସଦସ୍ୟମାନେ କୁକୁଡ଼ା ଫାର୍ମର ପରିସରକୁ ଉପଯୁକ୍ତ ପରିମାଣର ବିଶୋଧକ ପ୍ରୟୋଗ କରି ବିଶୋଧନ କରିଛନ୍ତି । କୁକୁଡ଼ା ମରିଥିବା ଫାର୍ମର ପାର୍ଶ୍ୱବର୍ତୀ ସ୍ଥାନ ମାନଙ୍କରେ କୌଣସି ପକ୍ଷୀ ମରିଥିବା ନଜରକୁ ଆସିନାହିଁ । ଏହା ସହିତ ପାର୍ଶ୍ୱବର୍ତୀ ସ୍ଥାନ ମାନଙ୍କରୁ ଅଧିକ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ନିମନ୍ତେ ପ୍ରେରଣ କରାଯାଇଛି ।

## କୁଳମଣି ବରାଳଙ୍କ ପରିବାର ....

ଏତଲାରେ ମନ୍ତ୍ରୀଙ୍କ ନାଁ ଥିଲେ ମଧ ଏବେ ଯାଏଁ କାହିଁକି ଗିରଫ କରାଯାଇନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଏହା ପୂର୍ବରୁ ମଧ ଦୁର୍ନୀତି ମାମଲାରେ ମୁହଁ ଖୋଲିଥିବାରୁ ଜଣଙ୍କୁ ଏଭଳି ହତ୍ୟକରାଯାଇଥିଲା। ଯଦି ଏହି ଦିଗରେ ସରକାର ସର୍ତକ ନ ହେବେ ତେବେ ଆଗାମୀ ଦିନରେ ଭାରି ମୂଲ୍ୟ ଦେବାକୁ ପଡ଼ିବ ବୋଲି ଡି ପୁରନ୍ଦେଶ୍ୱରୀ ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ସେ କହିଛନ୍ତି, ଦୁର୍ନୀତିରେ ବୁଡ଼ି ରହିଛି ଏଠାକାର ରାଜ୍ୟ ସରକାର । ବର୍ଷକ ତଳେ ବିକାଶ ଜେନାଙ୍କୁ ବି ହତ୍ୟା କରାଯାଇଥିଲା। ଆଉ ପୁଣି ଏବେ କୁଳମଣି ଓ ଦିବ୍ୟସିଂହଙ୍କୁ ହତ୍ୟା କରାଗଲା। ପିଏମ୍ ଆବାସ ଯୋଜନା ଦୁର୍ନୀତି ଉଠାଇବାରୁ ଉଭୟଙ୍କୁ ହତ୍ୟା କରାଯାଇଛି ବୋଲି ସେ କହିଛନ୍ତି ।

## ସାଇବର ଅପରାଧ ପାଇଁ .....

ଫଳରେ ସେଇ ଗୋଟିଏ ନମ୍ବରରୁ ଅଧିକା ଲୋକଙ୍କୁ ଠକିବାରୁ ରୋକା ଯାଇପାରିବ। ହେଲ୍ପ ଡେସ୍କକୁ କଲ୍ ଆସିବା ପରେ ଠକ ମାନଙ୍କର ମୋବାଇଲ ନମ୍ବରକୁ ବ୍ଲକ କରାଯିବ। ଠକେଇ ହୋଇଥିବା ଟଙ୍କା କୁଆଡେ ଯାଇଛି, କେଉଁ ଆକାଉଂଟ କିମ୍ବା କାହା ଆକାଉଂଟକୁ ଯାଇଛି ଜଣାପଡିବ। ଠକେଇ ହେବାର ପ୍ରଥମ ଏକ ଘଂଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ତେଣୁ ସାଙ୍ଗେ ସାଙ୍ଗେ ପୋଲିସର ଏହି ହେଲ୍ପ ଲାଇନ ନମ୍ବର ୭୪୦୦୦୬୭୦୯ରେ କଲ କରନ୍ତୁ। ଆସିଥିବା ୟୁଆରଏଲ୍ ଦେବାମାତ୍ରେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ ବୋଲି ସେ କହିଛନ୍ତି।

## ଆଜିଠୁ ଖୋଲିବ ...

ଅଭିଭାବକଙ୍କ ଲିଖିତ ଅନୁମତି ପରେ ହଷ୍ଟେଲରେ ରହିହେବ । ଅନଲାଇନ ଶିକ୍ଷାର ସୁବିଧା ନଥିବା ପିଲାଙ୍କୁ ଅଗ୍ରାଧିକାର ମିଳିବ। ହଷ୍ଟେଲରେ ପ୍ରବେଶ ପୂର୍ବରୁ ପ୍ରତି ପିଲାଙ୍କ ସ୍କ୍ରିନିଂ କରାଯିବ। ଲକ୍ଷଣ ନଥିବା ପିଲାଙ୍କୁ ହିଁ ହଷ୍ଟେଲରେ ରହିବାକୁ ଅନୁମତି ମିଳିବ। ସମସ୍ତଙ୍କର ସାପ୍ତାହିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ଅନ୍ତେବାସୀ କୌଣସି ସଫେଇ କାମ କରିବେ ନାହିଁ । ପିଲାଙ୍କ ପାଇଁ ବାହାରୁ କୌଣସି ଖାଦ୍ୟ ଅର୍ଡର ହେବନି । ଉଷୁମ ଓ ପୁଷ୍ଟିକର ଖାଦ୍ୟ ପିଲାଙ୍କୁ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଆର.ଏସ୍.ପିର ମୃତ୍ୟୁ : ଠିକା ଶ୍ରମିକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ

ଭୁବନେଶ୍ୱର,୦୭।୦୧ (ନି.ପ୍ର): ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଗ୍ୟାସ ଲିକ୍‌ରେ ମୃତ୍ୟୁବରଣ କରିଥିବା ଷ୍ଟାର କନ୍‌ଷ୍ଟ୍ରକସନ ନାମକ ଏକ ଠିକା ସଂସ୍ଥାରେ ଅନେକ ଦିନ ଧରି କାମ କରୁଥିବା ୪ ଜଣ ଠିକା ଶ୍ରମିକ (୧) ବ୍ରହ୍ମାନନ୍ଦ ପଣ୍ଡା, (୨) ଅଭିମନ୍ୟୁ ସା, (୩) ରବିନ୍ଦ୍ର ସାହୁ, (୪) ଗଣେଷ ଚନ୍ଦ୍ର ପହି ଙ୍କର ମୃତ୍ୟୁ ଘଟଣାର ଏକ ନିରପକ୍ଷ ତଦନ୍ତ କରି ଦୋଷିମାନଙ୍କୁ ଏକ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଙ୍କ ମିଳିତ ମଂଚ ପକ୍ଷରୁ ଦାବୀ କରାଯାଇଛି। ଏହା ସହିତ ମୃତ୍ୟୁ ଠିକା ଶ୍ରମିକମାନଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହିତ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦେବାକୁ ମଧ ଦାବୀ କରାଯାଇଛି। ଏଠି କୋଲ୍ କେମିକାଲ ଅଂଚଳରେ ଠିକା ଶ୍ରମିକମାନଙ୍କୁ ନିଯୁକ୍ତି ନ ଦେବା ଲାଗି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶଙ୍କୁ କମ୍ପାନୀ କର୍ତୃପକ୍ଷ ଅବମାନନା କରି ଠିକା ଶ୍ରମିକମାନଙ୍କୁ ଏହି ଅଂଚଳରେ କାମରେ ଲଗାଇବା କୋର୍ଟଙ୍କ ନିର୍ଦ୍ଦେଶକୁ ବେପରୁଆ ମନୋଭାବ ବୋଲି ସ୍ପଷ୍ଟ ମନେ ହେଉଛି। ଏହା ସହିତ ରାଉରକେଲା ଷ୍ଟିଲ ପ୍ଲାଂଟର ବହୁବର୍ଷ ଧରି ସୁରକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି ବୋଲି ମତ ପ୍ରକାଶ ପାଇଛି। ତୁରନ୍ତ ରାଉରକେଲା ଷ୍ଟିଲ୍‌ପ୍ଲାଂଟରେ ଶ୍ରମିକମାନଙ୍କ ନିରାପତା ଯୋଗାଇ ଦେବା ଲାଗି ମନେ ହେଉଛି। ଶ୍ରମିକ ନେତାମାନେ ଦାବୀ କରିଛନ୍ତି। ଏହି ବୈଠକରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ସଭାପତି ଡଃ ରାମଚନ୍ଦ୍ର ଖୁଂଟିଆ, ପୂର୍ବତନ ସାଂସଦ, ଏ.ଆଇ.ଟି.ୟୁ.ସିର ରାମକୃଷ୍ଣ ପଣ୍ଡା, ଏ.ଆଇ.ୟୁ.ଟି.ୟୁ.ସିର ପୂର୍ଣ୍ଣଚନ୍ଦ୍ର ବେହେରା, ନିରଞ୍ଜନ ମହାନ୍ତି, ଏ.ଆଇ.ସି.ସି.ଟି.ୟୁ.ର ସାଧାରଣ ସଂପାଦକ ମହେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ପରୀକ୍ଷା ନିୟନ୍ତ୍ରକଙ୍କ ନିଆରା ଜନ୍ମଦିନ ପାଳନ




ଭଦ୍ରକ,୦୭।୦୧ (ନି.ପ୍ର): ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ, ସାହିତ୍ୟ ସଂସ୍କୃତି ସଂଗଠନ ‘ଆମେ’ର ପ୍ରତିଷ୍ଠାତା ସମ୍ପାଦକ ପ୍ରଫେସର ଅଟଳ ବିହାରୀ ନାୟକ ତାଙ୍କ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ନିଜ ଜନ୍ମଦିନରେ ଭଦ୍ରକ ବ୍ଲକ ଅନ୍ତର୍ଗତ ପଗଡ ଗ୍ରାମ ସ୍ଥିତ ମାନବ ସେବା କନ୍ୟାଶ୍ରମର ଅନ୍ତେବାସୀଙ୍କ ସହିତ ଦୀର୍ଘ ସମୟ ବିତାଇବା ସହିତ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ଭୋଜନରେ ଆପ୍ୟାୟିତ କରିଥିଲେ। ଭଦ୍ରକ ଅଗ୍ରଣୀ ସେଚ୍ଛାସେବୀ ସଂଗଠନ ୟୁନିକ୍ ଡ୍ରପ୍‌ସ୍ (ୟୁ.ଡି. ଗ୍ରୁପ୍) ପକ୍ଷରୁ ଏହାର କର୍ମକର୍ତ୍ତା ଅତୁଲ ନାୟକ, ସଂଜୟ ଚକ୍ରବର୍ତ୍ତୀ, ଅରୂପାନନ୍ଦ ନାୟକ, ରାକେଶ ପ୍ରମୁଖ ଏଥିରେ ସାମିଲ ହୋଇଥିବା ବେଳେ ଡାକ୍ତର ରବିନାରାୟଣ ମହାପାତ୍ର, ଭଦ୍ରକ ବାର୍ ଆସୋସିଏସନର ଉପସଭାପତି ତଥା ବିଜୁ ସ୍ମୃତି କମିଟିର ଅଧକ୍ଷା ଅମିତାବାଳା ଆଚାର୍ଯ୍ୟ ଯୋଗ ଦେଇ ଅନ୍ତେବାସିନୀମାନଙ୍କ ସହ ଖୁସି ବାଣ୍ଟିଥିଲେ। ଯେଉଁ ଅସହାୟ, ଗରିବ, ଅନାଥ ପିଲାମାନେ ଖୁସି ଟକିଏ ପାଇପାରୁ ନାହାନ୍ତି, ସେମାନଙ୍କ ସହିତ ମିଶି ଖୁସି ବାଣ୍ଟିବାର ମଜା ନିଶ୍ଚିତ ଅଲଗା ପ୍ରକାର ବୋଲି ପ୍ରଫେସର ନାୟକ ତାଙ୍କ ଅନୁଭୂତିରେ ପ୍ରକାଶ କରିଥିଲେ।

# ପାରିବାରିକ କଳହକୁ ନେଇ ବୁଲେଟରେ ନିଆଁ ଲଗାଇ ବିଷ ପିଇଲେ ଯୁବକ

ନୀଳଗିରି,୦୭।୦୧ (ନି.ପ୍ର): ଜନୈକ ୩୦ ବର୍ଷୀୟ ଯୁବକ ପାରିବାରିକ କଳହକୁ ନେଇ ଘରୁ ରାଗି ନିଜ ବୁଲେଟରେ ଘରଠାରୁ ପ୍ରାୟ ୧୦ କି.ମି ଦୂରରେ ଥିବା ବରହମପୁର ରାସ୍ତା ବାଘଯନ୍ତା ଜଙ୍ଗଲରେ ନିଜ ଗାଡିରେ ନିଆଁ ଲଗାଇ ବିଷପାନ କରିଥିଲେ। ସ୍ଥାନିୟ ଲୋକଙ୍କ ସହିତ ପରିବାର ଲୋକ ମିଶି ଯୁବକଙ୍କୁ ଉଦ୍ଧାର କରି ବରହମପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ଅଧିନସ୍ଥ ଗରଡିହି ପଂଚାୟତ ବାଙ୍କିସାହି ଗ୍ରାମର ଜଗବନ୍ଧୁ ଗିରିଙ୍କ ପୁଅ ଦୀପକ ଗିରି ନିଜ ପରିବାର ସହିତ ଝଗଡା ଲାଗି ବୁଲେଟ ଗାଡିକୁ ନିଆଁ ଲଗାଇ ବିଷ ପିଇ ଦେଇଥିଲେ। ଜଙ୍ଗଲ ଭିତରେ ବୁଲେଟ ଗାଡିଟି ହୁତୁ ହୁତୁ ହୋଇ ଜଳୁଥିବା ବେଳେ ସ୍ଥାନୀୟ ଲୋକ ଓ ରାସ୍ତାରେ ଯାଉଥିବା ଲୋକମାନେ ଏହା ଦେଖି ବୁଣ୍ଡ ହୋଇଯାଇଥିଲେ। ଯୁବକଙ୍କ ଏପରି ଉନ୍ମକ୍ତ କାଣ୍ଡକୁ ଦେଖି ସମସ୍ତେ ଅବାକ ହୋଇଯାଇଥିଲେ। ସେଠାରେ ଥିବା ସ୍ଥାନିୟ ଲୋକମାନେ ପରିବାରକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଯୁବକଙ୍କୁ ଏକ ଘରୋଇ ଗାଡି ବରହମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରାଯାଇଥିଲା। ତାଙ୍କ ଅବସ୍ଥା ଶଙ୍କଟାପନ୍ନ ଥିବାରୁ ଡାକ୍ତର ସରୋଜ କୁମାର ଜେନା ତାଙ୍କୁ ୧୦୮ ଯୋଗେ ବାଲେଶ୍ୱର ଡାକ୍ତର ଖାନାକୁ ସ୍ଥାନାନ୍ତର କରିଛନ୍ତି। ଉକ୍ତ ଯୁବକ ଜଣକ ବୁଲେଟ ଗାଡିକୁ ନିଆଁ ଲଗାଇବା ଓ ବିଷ ପିଇବା ପଛରେ ରହସ୍ୟ ଜଣାପଡିନଥିଲେ ମଧ ପ୍ରେମ ବ୍ୟାପାର ନେଇ ଏପରି ଜଗନ୍ୟ କାଣ୍ଡ ଭିଆଇ ଥିବା ଶୁଣିବାକୁ ମିଳିଛି।

### ବେତନଟୀ କଲେଜ ଜମି ଜବର ଦଖଲ ମାମଲା

# ବାରିପଦା ଉପଜିଲ୍ଲାପାଳଙ୍କୁ ଭେଟିଲେ ପୂର୍ବତନ ଛାତ୍ର ସଂଗଠନ



ବାରିପଦା,୦୭।୦୧ (ନି.ପ୍ର): ବେତନଟୀ କଲେଜ ଜମି ଜବର ଦଖଲ ମାମଲାକୁ ନେଇ ଆଜି ପୂର୍ବତନ ଛାତ୍ର ସଂଗଠନ କଲେଜର ପରିଚାଳନା ପରିଷଦ ସଭାପତି ତଥା ବାରିପଦା ଉପଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ଭେଟି ଜବର ଦଖଲ ଉଚ୍ଛେଦ ସହିତ କଲେଜ ଜମିକୁ ସୁରକ୍ଷା ପ୍ରଦାନ ପାଇଁ ନିବେଦନ କରିଥିଲେ । ଉପଜିଲ୍ଲାପାଳ ବେତନଟୀ ତହସିଲଦାରଙ୍କ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି । ପୂର୍ବତନ ଛାତ୍ର ସଂଗଠନ ତରଫରୁ ବେତନଟୀ କଲେଜର ଛାତ୍ର ସଂସଦର ପୂର୍ବତନ ସଭାପତି ବିଦ୍ୟାଧର ପଣ୍ଡି, ବିଶ୍ୱନାଥ ହେମ୍ବ୍ରମ, ସୁନ୍ଦରମୋହନ ମହାନ୍ତ, ପୂର୍ବତନ ଛାତ୍ର ସୁନୀଲ କୁମାର ଖଣ୍ଡେଲୱାଲ, ସଦାଶିବ ଲେଙ୍କା, ରନ କୁମାର ମହାନ୍ତି, ଶିରୀଶ ଚନ୍ଦ୍ର ବାରିକ, ଜନମନ ବେହେରା, ଗତିକୃଷ୍ଣ ମହାନ୍ତ, ଶାନ୍ତନୁ ପଣ୍ଡା, ଉଦିତ କୁମାର ପରିଡା, ମନୀଷ ଗିରି ପ୍ରମୁଖ ବାରିପଦା ଯାଇ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କୁ ଭେଟି ଏହି ନିବେଦନ କରି ଥିଲେ । ପୂର୍ବତନ ଛାତ୍ରଛାତ୍ରୀ ମାନେ କରି ଥିବା ନିବେଦନର ଏକାକିତା ନକଲ ମୟୂରଭ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟର କୁଳପତି, ବେତନଟୀ ତହସିଲଦାର, ବେତନଟୀ ଏସଡିପିଓ, ବେତନଟୀ ଥାନା ଆଇଆଇସି, ବେତନଟୀ କଲେଜର ଅଧ୍ୟକ୍ଷାଙ୍କୁ ହସ୍ତାନ୍ତର କରି ଥିବାର ଜଣା ପଡିଛି । ବେତନଟୀ ତହସିଲର ଅତିରିକ୍ତ ତହସିଲଦାର ନମିତା ଧଳ ଅଭିଯୋଗ ଗ୍ରହଣ କରିବା ସହିତ ତହସିଲଦାର ସଂଗ୍ରାମ କେଶରୀ ପରିଡାଙ୍କ ସହିତ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି ।

# ଟାଉନ୍‌ସିପ୍ ପାଇଁ ଭୂମି ପୂଜନକୁ ଗ୍ରାମବାସୀଙ୍କ ବିରୋଧ



ପାରାଦୀପ,୦୭।୦୧ (ନି.ପ୍ର): ପାରାଦୀପରେ ଥିବା ଏସାର୍ ଷ୍ଟିଲ୍ କମ୍ପାନୀ ୨୦୧୯ ମସିହାରେ ଆର୍ସେଲ୍ ମିତଲ୍ ନିପ୍ପନ୍ ଇଣ୍ଡିଆ କମ୍ପାନୀକୁ ହସ୍ତାନ୍ତର ହେବାପରେ ଏହାର ଟାଉନସିପ୍ ପାଇଁ ପାରାଦୀପଗଡ ପଂଚାୟତର ଚକ୍ରଧରପୁର ଠାରେ ଭୁମିପୂଜନ ଶେଷ ହୋଇଯାଇଛି। ତେବେ ଏହି ଭୂମି ପୂଜନକୁ ନେଇ ଚକ୍ରଧରପୁର ଗ୍ରାମବାସୀଙ୍କ ମଧ୍ୟରେ ଘୋର ବିରୋଧାଭାଷ ଦେଖାଦେଇଛି। ସେମାନଙ୍କର କହିବାକଥା କି, ଆମ ବାପଅଜା ଅମଳରୁ ପାରାଦୀପ ବନ୍ଦର ସାଗମାଛ ଦରରେ ଏହି ଜମି ନେଇଥିଲା। ତାପରେ ପାରାଦୀପ ବନ୍ଦର ଏହାକୁ ଏସାର କମ୍ପାନୀକୁ ବକ୍ରି କରିଦେଲା ଓ ଏବେ ଏହା ଆର୍ସେଲ୍ ମିତଲ୍ କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଏହା ଭିତରେ ଦିର୍ଘ ୬୦ବର୍ଷ ବିତି ଯାଇଥିଲେ ମଧ୍ୟ ଜମିହରାଙ୍କୁ ନିଯୁକ୍ତି ମିଳିନାହିଁ। ଅନ୍ୟପଟେ ଏହି ଜମିରେ ଗାଁର ଗୋରୁ, ଗାଈ ଚରିବାସହ ଗାଁ ପିଲାମାନେ ଏହାକୁ ଖେଳପଡିଆ ଭାବେ ବ୍ୟବହାର କରୁଛନ୍ତି। ଏହି ବାଟଦେଇ ଗାଁର ବର୍ଷାଜଳ ମଧ୍ୟ ନିଷ୍କାସନ ହୋଇଥାଏ। ତେଣୁ ଚକ୍ରଧରପୁରର ଗ୍ରାମ୍ୟ ସୁରକ୍ଷା କମିଟି ପକ୍ଷରୁ ଦଶଦଫା ଦାବି ସମ୍ବଳିତ ଏକ ଦାବିପତ୍ର କମ୍ପାନୀର ସି.ଇ.ଓ. ଙ୍କୁ ଦେଇଛନ୍ତି। ମୁଖ୍ୟତଃ ଗ୍ରାମର ଶିକ୍ଷିତ ଯୁବକ/ଯୁବତୀ ମାନଙ୍କୁ କମ୍ପାନୀରେ ନିଯୁକ୍ତି, ଚକ୍ରଧରପୁର ଗ୍ରାମକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରିବା, ଗ୍ରାମକୁ ପାନିୟଜଳ ଯୋଗାଣ, ଗ୍ରାମ୍ୟ ରାସ୍ତାର ଉନ୍ନତିକରଣ ଏବଂ ସ୍ଥାନିୟ ବେକାର ଯୁବକ ମାନଙ୍କୁ କମ୍ପାନୀର ଠିକାକାମ ଯୋଗାଇବା ଭଳି ୧୦ ଗୋଟି ଦାବି ରଖିଛନ୍ତି। ଦାବି ପୁରଣ ନହେଲେ ଏହାକୁ ତିବ୍ର ବିରୋଧ କରାଯିବାସହ କମ୍ପାନୀର କୌଣସି କାର୍ଯ୍ୟ କରାଇ ଦିଆଯିବ ନାହିଁ ବୋଲି ଚକ୍ରଧରପୁର ଗ୍ରାମର ହିମାଂଶୁ ପଣ୍ଡା, ସୁରେନ୍ଦ୍ର ବେହେରା ଓ ପ୍ରଭାସ ସାହୁ ଚେତାବନୀ ଦେଇଛନ୍ତି। ତେବେ ଉପସ୍ଥିତ ଅଧିକାରୀ ଓ ସ୍ଥାନିୟ ସରପଂଚ ଲୋକମାନଙ୍କୁ ବୁଝାସୁଝା କରିବାପରେ ସେମାନେ ଶାନ୍ତ ପଡିଥିଲେ। ଅନ୍ୟପଟେ କମ୍ପାନୀର ଏଚ.ଆର. ପି.କେ. ମହାନ୍ତି କହିଛନ୍ତି ଯେ, ଏସାର କମ୍ପାନୀରେ କାମ କରୁଥିବା ୧୭୫ଜଣ ରେଗୁଲାର କର୍ମଚାରୀଙ୍କ ମଧ୍ୟରୁ ୫୯ଜଣ ରେଗୁଲାର କର୍ମଚାରୀ ସ୍ଥାନିୟ ଯୁବକ/ଯୁବତୀ। ଏହାସହ ଅନେକ ସ୍ଥାନିୟ ଯୁବକ ମାନଙ୍କୁ ଠିକା କାମ ମଧ୍ୟ ଦିଆଯାଇଛି। ଆଗାମି ଦିନରେ ଆର୍ସେଲ୍ ମିତଲ୍ କମ୍ପାନୀ ଭବିଷ୍ୟତ ଉଜ୍ଜ୍ୱଳ ରହିଛି। ଏହି ପ୍ଲାଂଟ୍ କାର୍ଯ୍ୟକ୍ଷମ ହେଲେ ସ୍ଥାନିୟ ଯୁବକ/ଯୁବତୀ ମାନଙ୍କୁ ଯୋଗ୍ୟତା ଅନୁଯାଇ ସେମାନଙ୍କୁ ନିଯୁକ୍ତି ଦିଆଯିବ।

# ଜେଲ ମହାନିର୍ଦ୍ଦେଶକଙ୍କ ବାଲେଶ୍ୱର ମୁଖ୍ୟ କାରାଗାର ପରିଦର୍ଶନ

ବାଲେଶ୍ୱର,୦୭।୦୧ (ନି.ପ୍ର): ରାଜ୍ୟ ଜେଲ ବିଭାଗ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ଆଜି ବାଲେଶ୍ୱର ମୁଖ୍ୟ କାରାଗାର ପରିଦର୍ଶନ ଅବସରରେ ଜେଲ ପରିସରରେ ନବନିର୍ମିତ ପରିବିକ୍ଷଣ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ସ୍ୱଳ୍ପ ମିଆଦରେ ସଜା କାଟୁଥିବା କଏଦୀଙ୍କ ଚାରିତ୍ରିକ ସୁଧାର ଦିଗରେ ଏହି ଗୃହ ବେଶ ସହାୟକ ହେବ ବୋଲି ଡିଜି ଶ୍ରୀ ଉପାଧ୍ୟାୟ କହିଥିଲେ। ଏହି ଅବସରରେ ଜେଲ ପରିଦର୍ଶନ ସହ ଡିଜି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ବିଶେଷ କରି ୧୦୦ ବର୍ଷର ବ୍ରିଟିଶ ଅମଳର ପୁରୁଣା ଜେଲ ଗୃହର ନବୀକରଣ ଆବଶ୍ୟକତା ହୋଇଥିବା ବେଳ ଏଦିଗରେ ସରକାର ଖୁବଶୀଘ୍ର ପଦକ୍ଷେପ ନେବେ ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ଜେଲ ଅନ୍ତେବାସୀ ଓ କର୍ମଚାରୀଙ୍କ ସମସ୍ୟା ସମାଧାନ ଦିଗରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାନୁସାରେ ମାନବାଧିକାର ଭିତ୍ତିରେ ସମାଧାନ କରାଯିବ ବୋଲି ଡିଜି ଶ୍ରୀ ପାଧ୍ୟାୟ ପ୍ରତିଶ୍ରୁତି ଦେଇଥିଲେ। ପରେ ଡିଜି ଜେଲ ପରିସରର ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ଜିଲା ପରିବିକ୍ଷିଣ କେନ୍ଦ୍ରର ମୁଖ୍ୟ ଦେବବ୍ରତ ଜେନା, ରାଜ୍ୟ ପୁଲିସ ହାଉସିଂ ବିଭାଗ ଯୁଗ୍ମ ପରିଚାଳକ ସୁବାସ ଚନ୍ଦ୍ର ପଣ୍ଡା, ଉପ-ପରିଚାଳକ ସୌମ୍ୟକାନ୍ତ ମହନ୍ତ, କନିଷ୍ଠ ଯନ୍ତ୍ରୀ ନରେନ୍ଦ୍ର ନାଥ ବେହେରା, ଜିଲ୍ଲା କାରଗାର ଅଧିକ୍ଷକ ସୁଜିତ୍ ରାଉଳ, ଜଲେର ଦୀପ୍ତିମୟୀ ରାଉତ, ବାରିପଦା ମଣ୍ଡଳକାରଗାର କାରାପାଳ ପ୍ରଦୀପ୍ତ କୁମାର ବେହେରା, ଜିଲା ବାର ଆସୋସିଏସନ ସଭାପତି ରଘୁନାଥ ପ୍ରଧାନ, ସ୍ୱେଶାଳ ପିପି ପ୍ରଣବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକୁ ଜେଲ ଅଧୀକ୍ଷକ ଶ୍ରୀ ରାଉଳ ଓ ପରିବିକ୍ଷଣ ଅଧିକାରୀ ଶ୍ରୀଜେନା ପରିଚାଳନା କରିଥିଲେ। ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପରିବିକ୍ଷଣ ଗୃହ ସ୍ୱଳ୍ପଦିନ ପାଇଁ ଦଣ୍ଡଭୋଗୁଥିବା କଏଦୀଙ୍କ ଚରିତ୍ର ସୁଧାର ଦିଗରେ ବେଶ ସହାୟକ ହେବ ବୋଲି କେନ୍ଦ୍ରର ମୁଖ୍ୟ ଶ୍ରୀ ଜେନା ପ୍ରକାଶ କରିଥିଲେ। ତେବେ ଜେଲ ଅନ୍ତେବାସୀଙ୍କ ଦ୍ୱାରା ଚାଷରେ ଉତ୍ପନ୍ନ ଫସଲ ଓ ସେମାନଙ୍କ ଦ୍ୱାରା ତିଆରି ହେଉଥିବା ଗାମୁଛା, ଟିଣବାକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ସବୁ ବିକ୍ରି ପାଇଁ ପୂର୍ବଭଳି ଅସ୍ଥାୟୀ ଦୋକାନରେ ବିକ୍ରି ନକରି ଏଥିପାଇଁ ଜେଲ ପରିସରରେ ତଥା ରାସ୍ତା ପାର୍ଶ୍ୱରେ ଏକ ସ୍ଥାୟୀ ସେଡ୍ ନିର୍ମାଣ କରାଯିବ ବୋଲି ଜେଲର ଶ୍ରୀମତୀ ରାଉତ ସୂଚନା ଦେଇଛନ୍ତି। ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଏହି ସେଡ୍ ଖୁବଶୀଘ୍ର ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ପ୍ରତାପ ଜେନାଙ୍କ ବହିଷ୍କାର ଦାବି କରି ଏସପି ଅଫିସ ସମ୍ମୁଖରେ ବିଜେପିର ଧାରଣା




ବାରିପଦା,୦୭।୦୧ (ନି.ପ୍ର): ମାହାଙ୍ଗା ବ୍ଲକର ଡବଲ ମର୍ଡର ଘଟଣାର ପ୍ରତିବାଦରେ ବିଜେପି ପକ୍ଷରୁ ବାରିପଦା ସ୍ଥିତ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସରେନଙ୍କ ନେତୃତ୍ୱରେ ଘେରାଉ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଟକ ଜିଲ୍ଲା ମାହାଙ୍ଗା ବ୍ଲକର ପୂର୍ବତନ ଅଧକ୍ଷ କୁଳମଣି ବରାଳ ଏବଂ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ଆକ୍ରମଣ କରାଯାଇ ଯେଉଁଭଳି ହତ୍ୟା କରାଗଲା ତାହା ଅତ୍ୟନ୍ତ ଘୃଣ୍ୟ ତଥା ନିନ୍ଦନୀୟ ବୋଲି ଆନ୍ଦୋଳନ କାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା। ଏଥି ସହିତ ଆନ୍ଦୋଳନ କାରୀଙ୍କ ପକ୍ଷରୁ ମନ୍ତ୍ରୀ ପ୍ରତାପ ଜେନା ଏହି ଘଟଣାରେ ସଂପୃକ୍ତି ଥିବାର ଅଭିଯୋଗ କରାଯାଇଥିବା ସହ ତାଙ୍କୁ ମନ୍ତ୍ରୀମଣ୍ଡଳୀରୁ ତୁରନ୍ତ ବହିଷ୍କାର କରାଯିବା ସହିତ ତାଙ୍କର ଅନୁଗତଙ୍କୁ ଗିରଫ କରାଯିବା ପାଇଁ ଦାବି କରାଯାଇଥିଲା। ଏନେଇ ବିଜେପି ପକ୍ଷରୁ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୁତ୍ତଳିକା ଦାହ କରାଯାଇଥିଲା । ଏଥିସହିତ ରାଜ୍ୟରେ ଏହିଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହି ଘେରାଉ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସଭାପତି ଡ଼ଃ କୃଷ୍ଣଚନ୍ଦ୍ର ମହାପାତ୍ର, ବାରିପଦା ବିଧାୟକ ପ୍ରକାଶ ସରେନ, ସାରସକଣା ବିଧାୟକ ବୁଢ଼ାନ ମୁର୍ମୁ, ଉଦଳା ବିଧାୟକ ଭାସ୍କର ମଢେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ମୋଦି, ପ୍ରବୀଣ ପାତ୍ର, ପ୍ରଦୀପ ମହାନ୍ତି, ପୁରୁଷୋତ୍ତମ ନାୟକ, ଜିଲ୍ଲା ଯୁବ ମୋର୍ଚ୍ଚାର ସଭାପତି କୁମାର ମଙ୍ଗଳମ, ଶୋଭାବତୀ ହୋତା, ପ୍ରମିଳା ପଣ୍ଡା, ପାଏଲ ରାୟ, ସୁଶ୍ମିତା ପୃଷ୍ଟି, ଦେବବ୍ରତ ସାମଲ, ସୁବ୍ରତ ମୁଖୀ, ଅପୁ ସେଠି ପ୍ରମୁଖ କର୍ମକର୍ତ୍ତା ସାମିଲ ଥିଲେ।

# କୋଭିଡ୍-୧୯ ଟିକାକରଣ ନିମନ୍ତେ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ କମିଟି ବୈଠକ



ବାରିପଦା,୦୭।୦୧ (ନି.ପ୍ର):୦୭/୦୧ ମୟୂରଭ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଥିବା ଫ୍ରଣ୍ଟଲାଇନ୍ କୋଭିଡ୍ ଯୋଦ୍ଧାଙ୍କୁ କୋଭିଡ-୧୯ ଟୀକା ପ୍ରଦାନ ନିମନ୍ତେ ଆନୁସଙ୍ଗିକ ପରିଚାଳନା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୟୂରଭ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ମିତ୍ ପି. ପରମାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର, ପ୍ରମୁଖ ସମେତ ସଂପୃକ୍ତ ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ ବିଭାଗର ପଦାଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକ ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମିଶ୍ର ସମସ୍ତଙ୍କୁ ସ୍ୱାଗତ ଜଣାଇ କୋଭିଡ୍ ଟୀକା କରଣ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ନିୟମ ନିର୍ଦ୍ଦେଶାବଳୀନୁସାରେ ଜିଲ୍ଲାର ସ୍ୱାସ୍ଥ୍ୟ ସେବା କର୍ମଚାରୀ ମାନଙ୍କୁ କୋଭିଡ୍ ଟୀକାକରଣ ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପାୱାର ପ୍ରଜେକ୍ଟ ମାଧମରେ ଉପସ୍ଥାପିତ ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟଖସଡା ଉପରେ ସବିଶେଷ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ସଂପୃକ୍ତ ସ୍ୱାସ୍ଥ୍ୟଧିକାରୀ ଓ ଅନ୍ୟାନ୍ୟ ବିଭାଗ ଅଧିକାରୀଙ୍କ ସକ୍ରୀୟ ସହଯୋଗରେ କାର୍ଯ୍ୟକ୍ରମ ତରାନ୍ୱିତ କରିବାକୁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ନିର୍ଦ୍ଦେଶ ଦେବା ସହିତ ସଠିକ୍ କାର୍ଯ୍ୟଖସଡା ପ୍ରସ୍ତୁତି ଉପରେ ଗୁରୁତ୍ୱରୋପ କରିଥିଲେ। ହେବାକୁ ଥିବା କୋଭିଡ-୧୯ ଟୀକାକରଣ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ନିର୍ଦ୍ଧାରିତ ଟୀକାକରଣ କେନ୍ଦ୍ରରେ ଆନୁସଙ୍ଗିକ ସୁବ୍ୟବସ୍ଥା କରାଯିବା ଉପରେ ପରାମର୍ଶ ଦେଇଥିଲେ । ଏହି ଟୀକାକରଣ କାର୍ଯ୍ୟକ୍ରମ ପ୍ରାରମ୍ଭିକ ପର୍ଯ୍ୟାୟରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ କର୍ମଚାରୀ ଓ ବେସରକାରୀ ଚିକିତ୍ସାଳୟ କାର୍ଯ୍ୟରତ ସ୍ୱାସ୍ଥ୍ୟ ସେବା କର୍ମୀ, ଆଶା, ଅଙ୍ଗନୱାଡୀ କର୍ମୀ ଏବଂ ଆଗ ଧାଡିର କର୍ମଚାରୀ କୋଭିଡ୍ ଯୋଦ୍ଧାଙ୍କୁ ଟୀକା ପ୍ରଦାନ କରାଯିବା ନେଇ ପ୍ରାରମ୍ଭିକ ପ୍ରର୍ଯ୍ୟାୟରେ ବିଶଦ୍ ଆଲୋଚନା କରାଯାଇଅଛି। ଆଲୋଚନାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ପରମାର୍ ପୋଲିସ କର୍ମଚାରୀ କୋଭିଡ୍ ଯୋଦ୍ଧାଙ୍କ ପାଇଁ ଜିଲ୍ଲା ପୋଲିସ ହସ୍‌ପିଟାଲ ଠାରେ ଏକ ସତନ୍ତ୍ର ଟୀକାକରଣ କେନ୍ଦ୍ର ଖୋଲାଯିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲାରେ ସମସ୍ତ ସିଏଚ୍‌ସି, ଏସ୍‌ଡିଏଚ୍ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ତରରେ ନିର୍ଦ୍ଧାରିତ ଟୀକାକରଣ କେନ୍ଦ୍ର ମାନଙ୍କରେ ପ୍ରତି କେନ୍ଦ୍ର ପାଇଁ ତାଲିମ ପ୍ରାପ୍ତ ଭେକ୍ସିନେଟର ସମେତ ୪ ଜଣ କର୍ମଚାରୀ / ସ୍ୱେଚ୍ଛାସେବୀ ୫ ଜଣ ନିୟୋଜିତ ହୋଇ କାର୍ଯ୍ୟପରିଚାଳନା ସହଯୋଗ କରିବେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗର ଉଭୟ ସରକାରୀ ଓ ବେସରକାରୀ କାର୍ଯ୍ୟରତ ୧୮୪୨୪ ଜଣ ପିକୃତ ସ୍ୱାସ୍ଥ୍ୟ କର୍ମଚାରୀ/ଆଗ ଧାଡିର କୋଭିଡ୍ ଯୋଦ୍ଧାଙ୍କୁ ୨୧୮୯ ସେସନ୍‌ରେ ଟୀକା ପ୍ରଦାନ କରାଯିବ ।

# ଛାତ୍ର ବିଜେଡିର ଉପସଭାପତି ମାନୋଗୋବିନ୍ଦ ଓ ସାଧାରଣ ସମ୍ପାଦକ ହେଲେ ତରୁଣ

ବାରିପଦା,୦୭।୦୧ (ନି.ପ୍ର): ବହୁ ଦିନର କଳ୍ପନା ଜଳ୍ପନାର ଅନ୍ତ ଘଟାଇ ମୟୁରଭଞ୍ଜ ବିଜୁ ଛାତ୍ର ଜନତା ଦଳର କମିଟି ପ୍ରକାଶ ପାଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କ୍ରମେ ଓ ରାଜ୍ୟ ନେତୃତ୍ୱଙ୍କ ଦ୍ୱାରା ମୟୁରଭଞ୍ଜ ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ମୟୁରଭଞ୍ଜ ଜିଲ୍ଲାର ଦୁଇ ଯୁବନେତା ମନୋଗୋବିନ୍ଦ ପାଣିଗ୍ରାହୀ ଓ ତରୁଣ କୁମାର ନାୟକଙ୍କୁ ଜିଲ୍ଲା ଛାତ୍ରବିଜେଡିର ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ପୁନର୍ଗଠନ କରାଯାଇ ମାନଗୋବିନ୍ଦଙ୍କୁ ଜିଲ୍ଲା ଛାତ୍ର ଉପସଭାପତି ଓ ତରୁଣଙ୍କୁ ଜିଲ୍ଲା ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ଦୁହେଁ ଛାତ୍ର ରାଜନୀତିରୁ ପ୍ରଥମେ ନିଜ ରାଜନୈତିକ କ୍ୟାରିଅର ଆରମ୍ଭ କରିଥିବା ବେଳେ ଜିଲ୍ଲାର ଛାତ୍ର ରାଜନୀତିକୁ କ୍ରିୟାଶୀଳ କରିବା ପାଇଁ ଏହି ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ମାନଗୋବିନ୍ଦ ୨୦୧୨ ମସିହାରେ ବଡ଼ସାହି ମହାବିଦ୍ୟାଳୟର ଛାତ୍ର ସଂସଦର ସାଧାରଣ ସମ୍ପାଦକ ଭାବେ ବିଜୟ ଲାଭ କରିଥିଲେ। ଏଥିପରେ ସେ ୨୦୧୪ ରୁ ୧୯ ପର୍ଯ୍ୟନ୍ତ ଲଗାତାର ୫ଥର ବଡ଼ସାହି ବ୍ଲକର ଛାତ୍ର ସଭାପତି ପଦ ଅଳଙ୍କୃତ କରିଥିଲେ। ଏଥିପରେ ସେ ନୂତନ ବିଜେଡ଼ି ଛାତ୍ରର ଜିଲ୍ଲା କମିଟିରେ ଉପସଭାପତିର ଦାୟିତ୍ୱ ପ୍ରଦାନ କରାଯାଇଛି। ମାନଗୋବିନ୍ଦ ବଡ଼ସାହି ବ୍ଲକରେ ବିଜୁ ଜନତା ଦଳ ପାଇଁ ସକ୍ରିୟ ଭାବେ କାର୍ଯ୍ୟରତ ଥିବା ବେଳେ ବହୁ ନିର୍ବାଚନର ମଧ ଦାୟିତ୍ୱ ତୁଲାଇ ଦଳୀୟ ପାର୍ଥିଙ୍କୁ ବିଜୟ ଲାଭ କରାଇବାରେ ତାଙ୍କର ପାରଦର୍ଶିତା ରହିଛି। ବହୁ ରକ୍ତଦାନ ଶିବିର ସହିତ ଅନ୍ୟାନ୍ୟ ଦଳୀୟ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ସେ ସକ୍ରିୟ ଭାବେ ଦଳୀୟ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ତରୁଣ ୧୨ବର୍ଷ ହେବ ବିଜୁ ଜନତା ଦଳ ସହିତ ସଂଶ୍ଳିଷ୍ଟ ଥିବା ବେଳେ ଛାତ୍ର ରାଜନୀତିରେ ଜଡିତ ଅଛନ୍ତି। ସେ ପୂର୍ବରୁ ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ପଦରେ ଥିଲେ। ଏବେ ତାଙ୍କୁ ନୂତନ ଭାବେ ଜିଲ୍ଲା ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି।

## ପ୍ରାଥମିକ ଶିକ୍ଷକ ଫେଡ଼େରେସନର ୭୬ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୦୭।୦୧ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡ଼େରେସନର ୭୬ତମ ପ୍ରତିଷ୍ଠା ଦିବସ ଖାରବେଳ ନଗରସ୍ଥିତ ପ୍ରାଥମିକ ଶିକ୍ଷକ ଭବନଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ମହାସଚିବ ଅମିୟ କୁମାର ଦାସ ଏବଂ ଉପସଭାପତି ସଙ୍ଗୀତା ଦାଶ ସଂଘୀୟ ପତାକା ଉତୋଳନ କରିଥିଲେ।

# ବିଦ୍ୟାଳୟ ଖୋଲିବା ନେଇ ସଚେତନତା କାର୍ଯ୍ୟକ୍ରମ



ଧାମନଗର,୦୭।୦୧ (ନି.ପ୍ର): ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଜାନୁଆରୀ ୮ତାରିଖ ଶୁକ୍ରବାର ଠାରୁ ଦଶମଶ୍ରେଣୀ ପିଲାଙ୍କ ପାଠ ପଢା ଆରମ୍ଭନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘମାସ ଧରି ବିଦ୍ୟାଳୟ ଖୋଲିବାକୁ ନେଇ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ଖୁସି ଥିବାବେଳେ ଏ ନେଇ ଏକ ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ନବନିଯୁକ୍ତ ପ୍ରଧାନ ଶିକ୍ଷକ ମୁରଲୀଧଣ ମିଶ୍ର ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଗ୍ଳଳନା କମିଟିର ସଭାପତି ସେକ୍ ଜାଫର ଅଲ୍ଲୀ, ଏସ୍‌ଏମ୍‌ଡ଼ିସିର ସଭ୍ୟ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସ୍ୱାଇଁ, ଶ୍ୟାମସୁନ୍ଦର ବାରିକ, ବିଦ୍ୟାଳୟର ସହକାରୀ ଶିକ୍ଷକ ଚିତ୍ତରଂଜନ ସେନାପତି, ପ୍ରିୟଦର୍ଶୀ କୁଅଁର, ଭାଷ୍କରଚନ୍ଦ୍ର ଦାସ, ପ୍ରମୋଦ କୁମାର ଦାସ, ସେକ୍ ଏମ୍‌ଡ଼ି ହନିଫ, ଅଭିମନ୍ୟୁ ଶଙ୍ଖୁଆ, ପ୍ରାଣବନ୍ଧୁ ନାୟକ ପ୍ରମୁଖ ଯୋଗଦେଇ କୋଭିଡ଼-୧୯ କଟକଣାକୁ ପାଳନ ସହ ବିଦ୍ୟାଳୟ ଖୋଲିବା ନେଇ ଆଲୋଚନା କରିଥିଲେ। ଏହି ସଚେତନା କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ ମାନେ ଯୋଗଦେଇଥିଲେ।

# ଫ୍ରାନ୍‌ସିସ୍ ହେଲେ ନୀଳଗିରି ଛାତ୍ର ବିଜେଡିର ବ୍ଲକ ସଭାପତି



ନୀଳଗିରି,୦୭।୦୧ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀ ର ବଣସୀମା ଅଂଚଳର ଫ୍ରାନ୍‌ସିସ୍ ବେକେନ ସ ଙ୍କୁ ନୀଳଗିରି ବିଜୁ ଛାତ୍ର ଜନତା ଦଳର ବ୍ଲକ ସଭାପତି ଭାବେ ମନୋନୀତ କରାଯାଇଛି । ବିଗତ ଦିନରେ ବାଲେଶ୍ୱର ଜିଲ୍ଲାର ଛାତ୍ର ବିଜେଡିର ସଂପାଦକ, ସାଧାରଣ ସଂପାଦକ ତଥା ନୀଳଗିରି ନିର୍ବାଚନ ମଣ୍ଡଳୀର ସଭାପତି ଭାବେ ଦାୟିତ୍ୱ ନେଇ ସଂଗଠନକୁ ବହୁତ ସୁଦୃଢ଼ କରିଥିଲେ । ଏହି ପଦବୀ ପାଇବା ପରେ ଆଗାମୀ ଦିନରେ ସେ ପଂଚାୟତ ସ୍ତରରେ ଦଳକୁ ଆହୁରି ସୁଦୃଢ଼ କରିବା ସହ ବିଜୁ ଜନତା ଦଳର ହାତ ମୁଠାକୁ ଟାଣ କରିବା ପାଇଁ ଶତପ୍ରତିଶତ ଉଦ୍ୟମ ଜାରି ରଖିବେ ବୋଲି ସୂଚନା ଦେଇଛନ୍ତି । ଏହି ପଦବୀ ପାଇଁ ସେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବା ସହ ରାଜ୍ୟ ସାଂଗଠନିକ ସଂପାଦକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାଶ, ଜିଲ୍ଲା ପର୍ଯ୍ୟବେକ୍ଷକ ଶ୍ରୀଯୁକ୍ତ ପ୍ରତାପ ଜେନା, ବାଲେଶ୍ୱର ଜିଲ୍ଲା ସଭାପତି ଶ୍ରୀଯୁକ୍ତ ରବୀନ୍ଦ୍ର ଜେନା, ରାଜ୍ୟ ଛାତ୍ର ସଭାପତି ଶ୍ରୀଯୁକ୍ତ ଦେବୀରଂଜନ ତ୍ରିପାଠୀ, ଜିଲ୍ଲା ଛାତ୍ର ସଭାପତି ଶ୍ରୀଯୁକ୍ତ ସୁମନ ଦାସମହାପାତ୍ର, ନୀଳଗିରି ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆଙ୍କୁ ଧନ୍ୟବାଦ ଜଣାଇବା ସହ ବରିଷ୍ଠ ବିଜେଡି ନେତା ଗତିକୃଷ୍ଣ ନନ୍ଦ, ବିଜୟ ଲେଙ୍କା, ଅଶୋକ ପ୍ରଧାନ, ରବିନ୍ଦ୍ର ପରିଡ଼ା, ଛାତ୍ର ବିଜେଡିର ସମସ୍ତ କାର୍ଯ୍ୟକର୍ତ୍ତା, ବିଜୁ ଜନତା ଦଳର ନେତୃବୃନ୍ଦଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୪ ଗିରଫ

ଭୁବନେଶ୍ୱର,୦୭।୦୧ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୪ ଜଣଙ୍କୁ ଗିରଫ କରିଥିବା ବେଳେ ୭୨୬ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୨୩,୦୨,୦୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।


# ଭାରତ ସରକାର

## ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ

ବାହ୍ୟ ଜୀବନ୍ତ ଜୀବଜନ୍ତୁଙ୍କ ପାଇଁ
ଭଲ୍ୟୁଣ୍ଟାରୀ ଡିସକ୍ଲୋଜର ସ୍କିମ୍

ବର୍ଦ୍ଧିତ କରାଯାଇଥିବା ଭଲ୍ୟୁଣ୍ଟାରୀ
ଡିସକ୍ଲୋଜର ପାଇଁ ଶେଷ ତାରିଖ
**୧୫ ମାର୍ଚ୍ଚ, ୨୦୨୧**
ଦୟାକରି ଲାଭ ଉଠାନ୍ତୁ !

**ଭାରତରେ ବିଦେଶୀ ଜୀବନ୍ତ ପ୍ରଜାତିର ଆମଦାନୀ ଏବଂ ଆନୁସଙ୍ଗିକ ବିଷୟ ପାଇଁ ସ୍ୱେଚ୍ଛାକୃତ ପ୍ରକଟୀକରଣ ଏବଂ ଷ୍ଟକ୍ ପଞ୍ଜିକରଣ ଏକ ଯୋଜନା ।**
ସି.ଆଇ.ଟି.ଇ.ଏସ୍ (CITES)ରେ ପ୍ରାଣୀମାନଙ୍କୁ ବାଦ୍ ଦେଇ ୱାଇଲ୍ଡ ଲାଇଫ୍ କାର୍ଯ୍ୟସୂଚୀରେ ତାଲିକାଭୁକ୍ତ ବିଦେଶୀ ଜୀବଜନ୍ତୁମାନଙ୍କ ପାଇଁ ବନ୍ୟଜନ୍ତୁ (ସଂରକ୍ଷଣ) ଅଧିନିୟମ, ୧୯୭୨ ସୂଚୀରେ ସାମିଲ ।

"ଭାରତରେ ଏକ୍ସୋଟିକ୍ ଲାଇଭ୍ ସ୍ପେସିର ବିଶେଷତ୍ୱ ସହିତ ଡିଲ୍ କରିବା ଏବଂ ଷ୍ଟକ୍ ଘୋଷଣା ସମ୍ବନ୍ଧିତ"

**ରେଜିଷ୍ଟର / ଆବେଦନ କରନ୍ତୁ:**

- ୧୫ ମାର୍ଚ୍ଚ, ୨୦୨୧ ସୁଦ୍ଧା ବିଦେଶୀ ଜୀବଜନ୍ତୁଙ୍କ ଅଧିକାରର ସ୍ୱେଚ୍ଛାକୃତ ପ୍ରକଟିକରଣ।
- ବାହ୍ୟ ଜୀବନ୍ତ ଜୀବଜନ୍ତୁ (ସ୍ଥାନାନ୍ତର / ମୃତ୍ୟୁ / ଅଧିଗ୍ରହଣ)ର ଷ୍ଟକ୍ ପରିବର୍ତ୍ତନର ପଞ୍ଜିକରଣ ।
- ବିଦେଶୀ ଜୀବଜନ୍ତୁ ଆମଦାନୀ ପାଇଁ NOC ଗୁରୁତ୍ୱପୂର୍ଣ୍ଣ ।
- ଜାତିର ବଂଶବୃଦ୍ଧି।

**ଉପକାରିତା**

- ପ୍ରତିରକ୍ଷା- ଆହ୍ଲାବାଦର ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ପି.ଆଇ.ଏଲ୍ ସିଭିଲ୍ ନଂ ୧୨୦୩୨/୨୦୨୦, ୩୦/୦୭/୨୦୨୦ ତାରିଖରେ ନିର୍ଦ୍ଦେଶିତ ଏବଂ ଭାରତର ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରା ପ୍ରମାଣିତ ।
- ଉନ୍ନତ ପ୍ରାଣୀ ଚିକିତ୍ସା ଯତ୍ନ ଏବଂ ପଶୁମାନଙ୍କର କଲ୍ୟାଣ ।
- ପଶୁଜନିତ ରୋଗର ନିୟନ୍ତ୍ରଣ ।
- ପ୍ରୟୋଗ ଏବଂ ଅନୁମୋଦନଗୁଡ଼ିକର ସରଳ ଅନ୍‌ଲାଇନ୍ ପଦ୍ଧତି ।

**ସମଗ୍ର ପ୍ରକ୍ରିୟା ଅନଲାଇନରେ କରାଯାଇଛି**

ଭାରତର ସରକାରଙ୍କ 'ଭାରତରେ ଏକ୍ସୋଟିକ୍ ଲାଇଭ୍ ସ୍ପେସିସ୍ ଏବଂ ଷ୍ଟକ୍ ଘୋଷଣା ସହିତ ଡିଲ୍ କରିବା ପାଇଁ ପରାମର୍ଶ', ପ୍ରକାଶ ପାଇଁ ଫର୍ମ ଏବଂ ଉପଭୋକ୍ତାଙ୍କ ପାଇଁ ମାନୁଆଲ ପରିବେଶ ପୋର୍ଟାଲ <https://parivesh.nic.in> ରେ ଉପଲବ୍ଧ ହୋଇପାରିବ ।

davp : 13101/11/0027/2021


# ପ୍ରଶାସନର ଉଚ୍ଛେଦ ପ୍ରକ୍ରିୟାକୁ ନେଇ ଅସନ୍ତୋଷ

ବାଲେଶ୍ୱର,୦୭।୦୧ (ନି.ପ୍ର): କୋର୍ଟରେ ମାମଲା ବିଚାରଧୀନ ଥିବା ବେଳେ ଅଙ୍ଗନୱାଡ଼ି କେନ୍ଦ୍ରକୁ ରାସ୍ତା ନେବା ଆଳରେ ପ୍ରଶାସନ ପକ୍ଷରୁ ଇସମନଗର ଅଞ୍ଚଳର ଜୈନିକ ବ୍ୟକ୍ତିଙ୍କ ଗୃହକୁ ଭାଙ୍ଗିଦେଇଥିବା ସେ ଅଭିଯୋଗ କରିଛନ୍ତି। ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ଆଇଟିଆଛକସ୍ଥିତ ଇସମନଗରେ ପଦ୍ମିନୀ ମହାନ୍ତି ସ୍ୱାମୀ ଯଦୁନାଥ ମହାନ୍ତି ୧୯୭୯ ମସିହାରେ ଏଠାରେ ଜାଗା କିଣି ଏଥିରେ ବସବାସ କରିଆସୁଥିଲେ। ମାତ୍ର ଉକ୍ତ ମୌଜାର କେତେକ ବ÷କ୍ତି ତାଙ୍କ ସହ ଶତ୍ରୁତା ଆଚରଣ କରିବା ଯୋଗୁଁ ଶ୍ରୀମତୀ ମହାନ୍ତି ସେମାନଙ୍କ ବିରୋଧରେ କୋର୍ଟରେ କରିଥିବା ଦେୱାନୀ ମାମଲା ଏବେ ବିଚାରଧୀନ ଅଛି। ଜମିବାଡ଼ିକୁ ମାପଜୁପକୁ ନେଇ ହୋଇଥିବା ମାମଲାରେ ସ୍ଥିତାବସ୍ଥା ବଜାୟ ରଖିବାକୁ କୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ପ୍ରଶାସନ ପ୍ରତିପକ୍ଷଙ୍କ ପ୍ରରୋଚନାରେ ପଡ଼ି ରାସ୍ତା ନିର୍ମାଣ ଆଳରେ ତଥା ସରକାରୀ ଜମି ଉଚ୍ଛେଦ ନାମରେ ତାଙ୍କର ଗୃହ ପାଚେରୀକୁ ଭାଙ୍ଗି ଦେଇଥିବା ସେ ଆରୋପ କରିଛନ୍ତି। ପ୍ରଶାସନର ଏଭଳି ବେଆଇନ୍ କାର୍ଯ୍ୟ ବିରୋଧରେ ପୁଲିସ ନିକଟରେ ଅଭିଯୋଗ କଲେ ବି ଥାନାଧିକାରୀ ଏତଲା ଗ୍ରହଣ କରୁନଥିବା ଅଭିଯୋଗକାରିଣୀ ଶ୍ରୀମତୀ ମହାନ୍ତି କହିଛନ୍ତି। ମାମଲା ବିଚାରଧୀନ ଥିବା ବେଳେ ଏହାର ଉଚ୍ଚସ୍ତରୀରୟ ତଦନ୍ତ ସହ ଅସାଧୁ ଅଧିକାରୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

# 'ସିସ୍କା' ଫ୍ୟାନ ଓ ୱେରର ବଜାର ପ୍ରବେଶ ସମ୍ପର୍କିତ ବୈଠକ

ବାଲେଶ୍ୱର,୦୭।୦୧ (ନି.ପ୍ର): ଭାରତର ଅନ୍ୟତମ ଫ୍ୟାନ ନିର୍ମାତା 'ସିସ୍କା' କମ୍ପାନିର ଇଲେକ୍ଟ୍ରିକ ଫ୍ୟାନ ଓ ଇଲେକ୍ଟ୍ରିକ ୱେର ଉତ୍ତର ଓଡ଼ିଶା ବଜାର ପ୍ରବେଶ ନେଇ ଏକ ପ୍ରସ୍ତୁତି ବୈଠକ ତଥା ଡିଲର୍ସ ମିଟ ଅନୁଷ୍ଠିତ ହୋଇଯାଇଛି। ଚାନ୍ଦିପୁରସ୍ଥିତ ଅର୍ପିତା ରିସୋର୍ଟରେ ଆୟୋଜିତ କାର୍ଯ୍ୟକ୍ରମକୁ କମ୍ପାନିର ବିଜିନେସ ମ୍ୟାନେଜର ମନୋରଂଜନ ପୃଷ୍ଟି ଆନୁଷ୍ଠାନିକ ଭାବେ ଉଦ×ଘାଟନ କରିଥିଲେ। ସିସ୍କା କମ୍ପାନି ଉତ୍ପାଦର ଗୁଣାବତ୍ତା ଓ ଉତ୍ତମ ଗ୍ରାହକ ସେବା ସମ୍ପର୍କରେ ସେ ଉପସ୍ଥିତ ସୁପରଷ୍ଟକିଷ୍ଟ ଓ ଡିଲରମାନଙ୍କୁ ଅବଗତ କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର କେସି ଦାସ, ସିସ୍କା ଫ୍ୟାନର ସୁପରଷ୍ଟକିଷ୍ଟ ଅମିତ କୁମାର ସାହୁ, ସିସ୍କା ୱେରର ସୁପର ଷ୍ଟକିଷ୍ଟ ଶରତ ଚୌଧୁରୀ ପ୍ରମୁଖ ଏଥିରେ ଯୋଗ ଦେଇ ଉତ୍ତର ଓଡ଼ିଶାର ୫ ଗୋଟି ଜିଲାର ବଜାର ପ୍ରବେଶ କରିବାକୁ ଯାଉଥିବା ସିସ୍କା କମ୍ପାନି ଫ୍ୟାନ ଓ ୱେରର ବୈଶିଷ୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବାଲେଶ୍ୱର, ମୟୂରଭଂଜ, ଭଦ୍ରକ, କେନ୍ଦୁଝର ଓ ଯାଜପୁର ଜିଲାର ବହୁ ଡିଲର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo